

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com




ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧

ବାଲେଶ୍ୱର ■ ବୁଧବାର, ୧୮ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୦୮ ■ Baleshwar ♦ WEDNESDAY 18 MAY 2022
Vol.No. 33 ■ No. 129 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

## ଶିବଲିଙ୍ଗର ସୁରକ୍ଷା କର : କିନ୍ତୁ ନମାଜ ବନ୍ଦ ନ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୭/୦୫ : ଜ୍ଞାନବାପୀ ମସଜିଦକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସଂକ୍ରାନ୍ତ ମାମଲାର ଶୁଣାଣିକୁ ଗୁରୁବାର ଯାଏ ଘୁଞ୍ଚାଇ ଦେଇଛନ୍ତି ସୁପ୍ରିମକୋର୍ଟ। ମସଜିଦର ସର୍ଭେ ବେଳେ ଶିବଲିଙ୍ଗ ମିଳିବା ନେଇ ଦାବି କରାଯାଇଥିଲା। ଏହି ଦାବି ଅନୁଯାୟୀ ଠାବ ହୋଇଥିବା ଶିବଲିଙ୍ଗର ସୁରକ୍ଷା ପାଇଁ ଆଜି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ଶିବଲିଙ୍ଗର ସୁରକ୍ଷା ସହ ମସଜିଦରେ ଯେମିତି ନମାଜ ପାଠ ବନ୍ଦ ନ ହେବ, ତା'ର ମଧ୍ୟ ବ୍ୟବସ୍ଥା କରିବାକୁ ସର୍ବୋଚ୍ଚ ଅଦାଲତ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, "ଯଦି ସେଠାରେ ଶିବଲିଙ୍ଗ ରହିଛି, ତା'ହେଲେ ଏହାର ସୁରକ୍ଷା ପାଇଁ ଆମେ ଏହାର ସୁରକ୍ଷା ପାଇଁ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ କହିଛୁ। କିନ୍ତୁ ଶିବଲିଙ୍ଗର ସୁରକ୍ଷା ପାଇଁ ମୁସଲିମମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରାଯାଇ ପାରିବ ନାହିଁ। ସେମାନେ ସେଠାରେ ଯେମିତି ବିନା କୌଣସି ବାଧାରେ ପ୍ରାର୍ଥନା କରିପାରିବେ, ସେକଥାକୁ ମଧ୍ୟ ଜିଲ୍ଲା ମାଜିଷ୍ଟ୍ରେଟ ନିଶ୍ଚିତ କରିବେ।" ମେ' ୧୬ରେ ବାରାଣସୀର ଗୋଟିଏ ସିଭିଲ କୋର୍ଟ ମସିଜଦକୁ ସିଲ୍? କରିବା ସହ ଲୋକଙ୍କ ପ୍ରବେଶ ଉପରେ ରୋକ ଲଗାଇଥିଲେ। ହେଲେ ଆଜି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଉପରେ ରୋକ ଲଗାଇ ଦେଇଛନ୍ତି। ସୁପ୍ରିମକୋର୍ଟ କେବଳ ଶିବଲିଙ୍ଗ ମିଳିଥିବା ଅଞ୍ଚଳର ସୁରକ୍ଷା ସମ୍ପର୍କରେ ଦିଆଯାଇଥିବା ନିର୍ଦ୍ଦେଶ ସହ ରହିଥିବା କହିଛନ୍ତି। ଏଥିସହ ସୁପ୍ରିମକୋର୍ଟ ▶▶ପୃଷ୍ଠା ୭



## ଉଦ୍ଧାର ହେଲେ ପୂର୍ବତନ ବିଧାୟକ ସରୋଜ ପାଢ଼ୀ



ଭୁବନେଶ୍ୱର, ୧୭/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ଆସିକାର ପୂର୍ବତନ ବିଧାୟକ ସରୋଜ ପାଢ଼ୀ ବ୍ରହ୍ମପୁରରୁ ଉଦ୍ଧାର ହୋଇଛନ୍ତି। ଗତ ୫ ଦିନ ତଳେ ସେ ଭୁବନେଶ୍ୱର ଘରୁ ନିଖୋଜ ହୋଇଯାଇଥିଲେ। ତାମିଲନାଡୁର ରାମେଶ୍ୱରମ୍ ଠାରୁ ଆସି ବ୍ରହ୍ମପୁରରେ ପହଂଚିବା ପରେ ଶ୍ରୀ ପାଢ଼ୀଙ୍କୁ କମିଶନରେଟ ପୋଲିସ ଠାବ କରିଥିଲା। ତାଙ୍କୁ ଉଦ୍ଧାର କରାଯିବା ପରେ ଭୁବନେଶ୍ୱର ଅଣାଯାଉଥିବା କ୍ୟାପିଟାଲ ଥାନା ଆଇଆଇସି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୨ ତାରିଖ ଦିନ ଶ୍ରୀ ପାଢ଼ୀ ନିଖୋଜ ହେବା ନେଇ ତାଙ୍କ ପୁଅ ସଙ୍ଗୀତ ପାଢୀ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ଏତଲାରେ ତାଙ୍କ ପୁଅ ଦର୍ଶାଇଥିଲେ ଯେ, ଶ୍ରୀ ପାଢ଼ୀ ୟୁନିଟ୍-୬ସ୍ଥିତ ରାଧାକ୍ରିଷ୍ଣ ଏନ୍‌କ୍ଲେଭ ଘରୁ ମେ' ୧୨ ତାରିଖ ସକାଳୁ ଘରୁ ବାହାରକୁ ଯାଇଥିଲେ। ଶ୍ରୀ ପାଢ଼ୀଙ୍କ ମୋବାଇଲ୍ ଫୋନ୍ ମଧ୍ୟ ବନ୍ଦ ଆସିଥିଲା। ତାଙ୍କୁ ଅପହରଣ କରାଯାଇଥାଇପାରେ ବୋଲି ପୁଅ ସନ୍ଦେହ ପ୍ରକଟ କରିଥିଲେ। କିନ୍ତୁ ୧୪ ତାରିଖ ରାତି ପାଖାପାଖି ସାଢ଼େ ୯ଟା ସମୟରେ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। ସେ ତାମିଲ୍‌ନାଡୁ ରାମେଶ୍ୱରମରେ ଥିବା କହିଥିଲେ। କେହି ବ୍ୟସ୍ତ ହୁଅନି ମୁଁ ଦୁଇଦିନରେ ଘରେ ପହଂଚିବି ବୋଲି କହିଥିଲେ। ନମ୍ବର ଟ୍ରାକିଂରୁ ଜଣାପଡ଼ିଥିଲା ଯେ, ଯେଉଁ ନମ୍ବରରୁ କଲ୍ ଆସିଛି ତାହା ଚେନ୍ନାଇର। ଏହାପରେ ପୋଲିସର ଏକ ଟିମ୍ ସହ ତାଙ୍କ ପୁଅ ତାମିଲ୍‌ନାଡୁ ଯାଇଥିଲେ। ସେଠାରେ ▶▶ପୃଷ୍ଠା ୭

## ଭାରତର ପ୍ରତିବନ୍ଧକ ପରେ ଗହମ ଅଭାବରେ ବିଶ୍ୱ

ନୂଆଦିଲ୍ଲୀ, ୧୭/୦୫ : ରୁଷ-ୟୁକ୍ରେନ ଯୁଦ୍ଧ ଚାଲିଥିବା ବେଳେ ସାରା ଦେଶରେ ଦେଖା ଦେଇଛି ଗହମ ଅଭାବ ସଙ୍କଟ। ଦୀର୍ଘ ଅଢେଇ ମାସ ହେବ ଚାଲିଛି ଯୁଦ୍ଧ। ଏହା କାରଣରୁ ଗହମ ଯୋଗାଣରେ ବଡ ବାଧା ସୃଷ୍ଟି ହୋଇଛି। ଏହି ଦୁଇ ଦେଶ ପ୍ରାୟ ୧୨ ପ୍ରତିଶତ ଗହମ ଯୋଗଦାନ କରିଥାନ୍ତି। କିନ୍ତୁ ଯୁଦ୍ଧ ପାଇଁ ୟୁରୋପକୁ ଏଠାରୁ ଗହମ ସପ୍ଲାୟ ସମ୍ପୂର୍ଣ୍ଣ ଭାବେ ଠପ ହୋଇଛି। ଏଭଳି ସ୍ଥିତିରେ ବିଶ୍ୱ ବଜାରରେ ଗହମର ଦାମ ବୃଦ୍ଧି ପାଉଛି। ସେପଟେ ବିଦେଶକୁ ଭାରତ ଗହମ ରପ୍ତାନୀ ଉପରେ ପ୍ରତିବନ୍ଧକ ଲଗାଇବାରେ ବର୍ତ୍ତମାନ ୟୁରୋପ ବଜାରରେ ହଇଚଇ ସୃଷ୍ଟି ହୋଇଛି। ଗହମ ରପ୍ତାନୀ ଉପରେ ଭାରତର ପ୍ରତିବନ୍ଧକ ନିଷ୍ପତି ଏବେ ୟୁରୋପୀୟ ବଜାରରେ ହଇଚଇ ସୃଷ୍ଟି କରିଛି। ଏଠାରେ ଏଣିକି ଗହମର ଦର ଆକାଶଛୁଆଁ ହୋଇଛି। ସୋମବାର ୟୁରୋପୀୟ ବଜାର ଖୋଲିବା ସହ ଗହମ ପ୍ରତି ଟନର ମୂଲ୍ୟ ୪୩୫ ୟୁରୋ ଅର୍ଥାତ ଭାରତୀୟ ମୁଦ୍ରା ହିସାବରେ ▶▶ପୃଷ୍ଠା ୭



## ବ୍ରଜରାଜନଗର ମଇଦାନରେ ଲଢିବେ ୧୧ ପ୍ରାର୍ଥୀ

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ବ୍ରଜରାଜନଗର ଆସନ ପାଇଁ ଲଢିବେ ୧୧ ପ୍ରାର୍ଥୀ। ବ୍ରଜରାଜନଗର ଉପନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଆଜି ଶେଷ ଦିନ ଥିବା ବେଳେ ତିନି ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ଏଥିସହ ମଙ୍ଗଳବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡି ଓ ବିଜେପିର ବିଦ୍ରୋହୀ ପ୍ରାର୍ଥୀ ଅଛନ୍ତି। ସେମାନେ ହେଉଛନ୍ତି ପାର୍ବତୀ ବେହେରା ଓ ତପନ ସ୍ୱାଇଁ। ସେହିପରି ଓଡ଼ିଶା ଜନତା ପାର୍ଟିର ମନୋଜ ପ୍ରଧାନ ମଧ୍ୟ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ଏବେ ମଇଦାନରେ ବିଜେଡିର ଅଳକା ମହାନ୍ତି, ବିଜେପିର ରାଧାରାଣୀ ପଣ୍ଡା, କଂଗ୍ରେସର କିଶୋର ପଟେଲ, ସିପିଆଇର ରମେଶ କୁମାର ତ୍ରିପାଠୀଙ୍କ ମଧ୍ୟରେ କଡା ଟକ୍କର ହେବ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ଯେ ଆସନ୍ତା ମେ' ୩୧ ତାରିଖରେ ବ୍ରଜରାଜନଗର ଉପନିର୍ବାଚନ ପାଇଁ ଭୋଟ୍ ପଡ଼ିବ। ଜୁନ୍ ୩ ତାରିଖରେ ଭୋଟ୍ ଗଣତି ହେବ।

## ନିକଟ ଭବିଷ୍ୟତରେ ପୁଣି ଏକ ମାନ୍ଦାବସ୍ଥାକୁ ନେଇ ମାଡି ଆସୁଛି ଭୟ: ପାଇକାରୀ ବଜାରରେ ମୁଦ୍ରାସ୍ଫିତିର ନିଆଁ

ନୂଆଦିଲ୍ଲୀ, ୧୭/୦୫ : ଭାରତର ପଡୋଶୀ ଶ୍ରୀଲଙ୍କାରେ ଅର୍ଥନୈତିକ ସଂକଟ ଚରମ ସୀମାରେ ପହଂଚିଛି। ଆତ୍ୟାବଶ୍ୟକ ସାମଗ୍ରୀ ଖାଦ୍ୟ ଓ ତୈଳ ଇନ୍ଧନର ଅଭାବ ଜନଜୀବନକୁ ଦୁର୍ବିସହ କରିପକାଇଛି। କେବଳ ଯେ ଶ୍ରୀଲଙ୍କାରେ ଅର୍ଥନୈତିକ ସଂକଟ ଦେଖା ଦେଇଛି ତା ନୁହେଁ, ଏବେ ସମଗ୍ର ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥା ଭିତରକୁ ଠେଲି ହୋଇଯାଉଛି। ଦୁଇ ବର୍ଷ କାଳ କରୋନା ମାଡ ପରେ ଅଂଟା ସଲଖୁଥିବା ବିଶ୍ୱ ଅର୍ଥନୀତି ଉପରେ ରୁଷ-ୟୁକ୍ରେନ ଯୁଦ୍ଧର ଗ୍ରହଣ ଲାଗିଛି। ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ ବିଶ୍ୱ ବଜାର ପ୍ରଭାବିତ ହୋଇଛି, ଆଉ ଏହି ପ୍ରଭାବ ବିଶ୍ୱ ଅର୍ଥନୀତିକୁ ମାନ୍ଦାବସ୍ଥା ଆଡକୁ ଟାଣି ନେଉଛି। ଆଉ ଏହାର ସଙ୍କେତ ମଧ୍ୟ ଭାରତୀୟ ବଜାରରେ ଦେଖିବାକୁ ମିଳୁଛି। ମହାଙ୍ଗା ମାଡ ଭିତରେ ଦେଶରେ ପାଇକାରୀ ମୂଲ୍ୟ ବୃଦ୍ଧି ରେକର୍ଡ କରିଛି। ଗତ ୮ ବର୍ଷ ଧରି ପାଇକ ମୂଲ୍ୟ ବା ହୋଲସେଲ ଇନଫ୍ଲେସନ ୨୪ ବର୍ଷ ପରେ ୧୫ ପ୍ରତିଶତ ଅତିକ୍ରମ କରିଛି। ୧୯୯୮ ମସିହାରେ ପାଇକାରୀ ମୁଦ୍ରାସ୍ଫିତି ଥିଲା ୧୫.୨୩ପ୍ରତିଶତ। ଆଉ ୨୪ ବର୍ଷ ପରେ ଭାରତରେ ଗତ ଏପ୍ରିଲ ମାସରେ ପାଇକାରୀ ମୁଦ୍ରାସ୍ଫିତି ୧୫.୦୮ପ୍ରତିଶତରେ ପହଂଚିଛି। ପାଇକାରୀ ଦର ମହଙ୍ଗା ହୋଇଥିବାରୁ ସ୍ୱାଭାବିକ ଭାବେ ଆଗକୁ ଖୁଚୁରା ଦର ଆହୁରି ବୃଦ୍ଧି ପାଇବ। ଏହି ମୁଦ୍ରାସ୍ଫିତି ଓ ମାନ୍ଦାବସ୍ଥା ପଛର ବଡ କାରଣ ହେଉଛି ମହାମାରୀ ପରେ ରୁଷ-ୟୁକ୍ରେନ ଯୁଦ୍ଧ। ରୁଷରୁ ତୈଳ ଆମଦାନୀ ଉପରେ ରୋକ ପରେ ଅଶୋଧିତ ତେଲର ଦର ବୃଦ୍ଧି ବିଶ୍ୱବଜାର ଉପରେ ଖରାପ ପ୍ରଭାବ ପକାଇଛି। ମୁଦ୍ରାସ୍ଫିତି ଉପରେ ରୋକ ଲଗାଇବା ପାଇଁ ରିଜର୍ଭ ବ୍ୟାଙ୍କ ରିପୋରେଟକୁ ବୃଦ୍ଧି କରିଥିଲା। ଆଗକୁ ଆହୁରି ରିପୋରେଟ ଆରବିଆଇ ବଢାଇପାରେ ବୋଲି ଆଶଙ୍କା କରୁଛନ୍ତି ବିଶେଷଜ୍ଞ। ହେଲେ ଦୀର୍ଘମିଆଦି ଭାବେ ଏହା ଲାଭକାରୀ ହୋଇପାରେ କିନ୍ତୁ ଏବେ ତୁରନ୍ତ ମହଙ୍ଗାମାଡରୁ ଜନସାଧାରଣଙ୍କୁ ନିସ୍ତାର ମିଳିବା ସମ୍ଭାବନା କମ।



## କାଳ ହେଲା ଓଜନ କମାଇବା ନିଶା : ଭୁଲ ସର୍ଜରୀ ନେଲା ଅଭିନେତ୍ରୀଙ୍କ ଜୀବନ

ନୂଆଦିଲ୍ଲୀ, ୧୭/୦୫ : ଅଭିନେତ୍ରୀଙ୍କୁ ଘାରି ଥିଲା ଓଜନ କମାଇବାର ନିଶା। କରାଇଥିଲେ କସ୍ମେଟିକ୍ସ ସର୍ଜରୀ। ହେଲେ ଏହି ସର୍ଜରୀ ତାଙ୍କ ପାଇଁ ହେଲା କାଳ। ଭୁଲ ସର୍ଜରୀ ଯୋଗୁଁ ଚାଲିଗଲା ଅଭିନେତ୍ରୀଙ୍କ ଜୀବନ। ଅକାଳରେ ଆଖିବୁଜିଲେ ଟିଭି ଆକ୍ଟ୍ରେସ୍ ଚେତନା ରାଜ। ଏପରି ଅଭାବନୀୟ ଘଟଣା ଘଟିଛି ବେଙ୍ଗାଲୁରୁର ଏକ ଘରୋଇ ହସ୍ପିଟାଲରେ। ଅକାଳରେ ଝରିପଡିଛି କନ୍ନଡ ଅଭିନେତ୍ରୀ ତଥା ଲୋକପ୍ରିୟ ଟିଭି ଅଭିନେତ୍ରୀ ଚେତନା ରଙ୍କକ୍ସ। ସୂଚନା ମୁତାବକ, ଚେତନା ରାଜ କନ୍ନଡ ଟିଭି ଜଗତରେ ଜଣେ ଲୋକପ୍ରିୟ କଳାକର। ହେଲେ ସେବାର ତାଙ୍କର ବେଙ୍ଗାଲୁରୁର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛି। ରିପୋର୍ଟ ମୁତାବକ, କସମେଟିକ ସର୍ଜରୀ ନେଲା ଜୀବନ। ଏପରି ସର୍ଜରୀ କରି ଆଖି ବୁଜିଲେ କନ୍ନଡ଼ ଫିଲ୍ମ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ଚେତନା ରାଜ। ଚେତନାଙ୍କ ବିୟୋଗ ପରେ କନ୍ନଡ ଫିଲ୍ମ ଇଣ୍ଡଷ୍ଟ୍ରିରେ ଶୋକର ଛାୟା ଖେଳି ଯାଇଛି। ଗତକାଲି ଚେତନା କସମେଟିକ ସର୍ଜରୀ କରାଇଥିବା ବେଳେ ଏହାପରେ ତାଙ୍କ ମୃତ୍ୟୁ ହୋଇଛି। ସର୍ଜରୀ ସମୟରେ ଫୁସଫୁସରେ ପାଣି ଜମିଯିବାରୁ ତାହା ତାଙ୍କ ପାଇଁ ଘାତକ ସାଜିଲା ବୋଲି କୁହାଯାଉଛି। ଏଥିପାଇଁ ତାଙ୍କ ବାପାମା' ମେଡିକାଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ଥାନାରେ ମାମଲା ରୁଜୁ କରିଛନ୍ତି। ଚେତନା ଗତକାଲି ବାଙ୍ଗାଲୋରର ସେଟ୍ଟି କସମେଟିକ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ସେଠାରେ ତାଙ୍କର ଫ୍ୟାଟ ଫ୍ରି ସର୍ଜରୀ ହୋଇଥିଲା। ମାତ୍ର ଏହାପରେ ତାଙ୍କ ଫୁସଫୁସରେ ପାଣି ଜମିବା ସହ ଅବସ୍ଥା ଗୁରୁତର ହେବାରେ ଲାଗିଲା। ଏହାପରେ ବିଳମ୍ବିତ ରାତିରେ ତାଙ୍କ ମୃତ୍ୟୁ ହୋଇଥିଲା। ସର୍ଜରୀ ନିମନ୍ତେ ଚେତନା ନିଜ ସାଙ୍ଗମାନଙ୍କ ସହ ହସ୍ପିଟାଲ ଯାଇଥିବା ବେଳେ ଏନେଇ ନିଜ ପରିବାର ଲୋକଙ୍କୁ ଜଣାଇ ନ ଥିଲେ। ▶▶ପୃଷ୍ଠା ୭



## ୧୫ ହଜାର ପିଲା ଦେଇ ନାହାନ୍ତି ନବମ ପରୀକ୍ଷା

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ମାଟ୍ରିକ୍ ଭଳି ନବମ ଶ୍ରେଣୀ ପରୀକ୍ଷାରେ ବି ହଜାର ହଜାର ପିଲା ଗାଏବ୍। ୧୪,୯୩୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇନଥିବା ଆଜି ନବମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ କରିବା ଅବସରରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଏହା ଜଣାପଡିଛି। ବୋର୍ଡ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍ ରେ ଉଲ୍ଲେଖ କରାଯାଇଛି ଯେ ଏଥର ନବମ ଶ୍ରେଣୀରେ ମୋଟ ୫ ଲକ୍ଷ ୬୬ ହଜାର ୨୬୯ ଜଣ ଛାତ୍ରଛାତ୍ରୀ ଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ପରୀକ୍ଷା ଦେଇଥିଲେ ୫ଲକ୍ଷ ୫୧ ହଜାର ୩୩୪ ଜଣ। ଅପରପକ୍ଷରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷା ନଦେବା ନେଇ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ରିପୋର୍ଟ ମଗାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ମେ' ୩୧ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ସେମାନଙ୍କୁ କୁହାଯିବ। ନାଁ ଲେଖାଇଥିବା ସତ୍ତ୍ୱେ ଏହି ପିଲାମାନେ କାହିଁକି ପରୀକ୍ଷାରେ ଅନୁପସ୍ଥିତ ରହିଲେ, ତା'ର ରିପୋର୍ଟ ଦାଖଲ କରିବାକୁ ସେମାନଙ୍କୁ କୁହାଯିବ ବୋଲି ବୋର୍ଡ ପକ୍ଷରୁ ▶▶ପୃଷ୍ଠା ୭

## ଏମାର ମଠ ଖନନ ସ୍ଥଳରୁ ସିଂହ ମୂର୍ତ୍ତି ଉଦ୍ଧାର

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଖନନ ବେଳେ ଯେଉଁ ସିଂହ ମୂର୍ତ୍ତି ଉଦ୍ଧାର କରାଯାଇଥିଲା, ତାକୁ ଏବେ ଚିହ୍ନଟ କରାଯାଇଛି। ମାଟି ତଳୁ ମିଳିଥିବା ସେହି ସିଂହ ମୂର୍ତ୍ତିଟି ଗଙ୍ଗବଂଶ ବେଳର ମୂର୍ତ୍ତି ବୋଲି ସୂଚନା ମିଳିଛି। ଆଜି ଏନେଇ ଅନୁଧ୍ୟାନ କରିବା ପରେ ସୂଚନା ଦେଇଛନ୍ତି ଏଏସଆଇ ଅଧୀକ୍ଷକ। ତେବେ ଏମାର ମଠ ଖନନ ସ୍ଥଳରୁ ଗତକାଲି ଏକ ସିଂହମୂର୍ତ୍ତି ଉଦ୍ଧାର କରାଯାଇଥିଲା। ଆଜି ଏଏସଆଇ ସୁପରିଟେଣ୍ଡେଣ୍ଟ ଅରୁଣ ମଲ୍ଲିକଙ୍କ ନେତୃତ୍ୱରେ ୧୬ ଜଣିଆ ଟିମ୍ ଖନନ ସ୍ଥଳ ଯାଞ୍ଚ କରି ସିଂହର ଭଗ୍ନାବଶେଷ ଯାଞ୍ଚ କରିଥିଲେ। କୁର୍ଣ୍ଣୀ, ବ୍ରସ, ବିଭିନ୍ନ ସାମଗ୍ରୀ ଧରି ଖନନ ସ୍ଥଳର ବିଭିନ୍ନ ଅଂଶକୁ ଯାଞ୍ଚ କରିବା ସହିତ ପଥର ନମୁନା ସଂଗ୍ରହ କରିଥିଲେ। ଏହାପରେ ସିଂହ ମୂର୍ତ୍ତିଟି ଗଙ୍ଗବଂଶ ରାଜତ୍ୱ ସମୟର ବୋଲି ଜଣାପଡିଛି। ତେବେ ଏହାର କିଭଳି ରକ୍ଷଣାବେକ୍ଷଣ କରାଯିବ ସେନେଇ ଏଏସଆଇ ପକ୍ଷରୁ ପ୍ରସ୍ତୁତି କରାଯାଉଛି। ଜୁନ୍ ୨୨ ତାରିଖରେ ହାଇକୋର୍ଟରେ ଶୁଣାଣି ଥିବାରୁ ଏହି ସିଂହ ମୂର୍ତ୍ତିର ଫଟୋ ଚିତ୍ରକୁ ପୂର୍ବରୁ ଦାଖଲ କରାଯାଇଚି ବୋଲି ଏଏସଆଇ ସୁପରିଟେଣ୍ଡଣ୍ଟ ସୂଚନା ଦେଇଛନ୍ତି।



## ବ୍ରଜରାଜନଗର ଉପନିର୍ବାଚନ : ପ୍ରଚାର ମଇଦାନକୁ ଓହ୍ଲାଇବେ ନବୀନ

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ବ୍ରଜରାଜନଗର ଉପନିର୍ବାଚନ ପାଇଁ ବିଜେଡି ପକ୍ଷରୁ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା ହୋଇଛି। ଏହି ତାଲିକାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାଁ ମଧ୍ୟ ରହିଛି। ଦଳୀୟ ପ୍ରାର୍ଥୀ ଅଳକା ମହାନ୍ତିଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇବେ ଖୋଦ୍ ସୁପ୍ରିମୋ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ପ୍ରଣବ ପ୍ରକାଶ ଦାସ, ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର, ନିରଞ୍ଜନ ପୂଜାରୀ, ପ୍ରତାପ ଜେନା, ଅରୁଣ ସାହୁ ,ପ୍ରମିଳା ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ, ସଂଜୟ ଦାସବର୍ମା, ସମୀର ରଂଜନ ଦାଶ,ନବ ଦାସ , ସୁବାସ ସିଂ, ସୁଶାନ୍ତ ସିଂ. ଟୁକୁନି ସାହୁ ପ୍ରମୁଖଙ୍କ ନାଁ ମଧ୍ୟ ଷ୍ଟାର ପ୍ରଚାରକ ତାଲିକାରେ ସାମିଲ ହୋଇଛି। ସେହିପରି ଚନ୍ଦ୍ର ସାରଥୀ ବେହେରା, ଦିବ୍ୟ ଶଙ୍କର ମିଶ୍ର, ପୁଷ୍ପେନ୍ଦ୍ର ସିଂହଦେଓ, ସ୍ନେହାଙ୍ଗିନୀ ଛୁରିଆ, ସସ୍ମିତ ପାତ୍ର, ମୁନ୍ନା ଖାନ୍, ରୋହିତ ପୂଜାରୀ, ପ୍ରୀତି ରଂଜନ ଘଡେଇ, ଦେବେଶ ଆଚାର୍ଯ୍ୟ , ରାଜେନ୍ଦ୍ର ଢୋଲକିଆ, ରୀତା ସାହୁ, ପ୍ରଦୀପ ଦିଶାରୀ, ଆକାଶ ଦାସନାୟକ , ଯୋଗେଶ ସିଂହ, ଅରିନ୍ଦମ ରାୟ ପ୍ରମୁଖ ମଧ୍ୟ ବିଜେଡି ଷ୍ଟାର ପ୍ରଚାରକ ତାଲିକାରେ ରହିଛନ୍ତି। ସୂଚନାଯୋଗ୍ୟ, ଆସନ୍ତ ୩୧ ତାରିଖରେ ବ୍ରଜରାଜନଗର ଉପନିର୍ବାଚନ ହେବ। ଏଥିନିମନ୍ତେ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି। ଏହାପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।



## ୧୩ ଜିଲ୍ଲାକୁ କାଳବୈଶାଖୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରୀ

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ୧୩ ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୮ରୁ ୧୯ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ , ବାଲେଶ୍ୱର , ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ପାଣିପାଗ ବିଭାଗ ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଅନ୍ୟପକ୍ଷରେ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ଜିଲ୍ଲାଗୁଡ଼ିକରେ ଦିନର ତାପମାତ୍ରାରେ ସେପରି କୌଣସି ବଡ଼ ଧରଣର ପରିବର୍ତ୍ତନ ଘଟିବାର କୌଣସି ସମ୍ଭାବନା ନଥିବା କହିଛି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର।

# ଗୁରୁଜଙ୍ଗ, ଭେଜିପଦରଠାରେ ନୃସିଂହ ମହାପ୍ରଭୁଙ୍କ ପୂଜା : ଯଜ୍ଞର ଉଦ୍‌ଯାପନ

ଭବାନୀପାଟଣା,୧୭/୦୫ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଗୁରୁଜଙ୍ଗ ପଂଚାୟତ ଭେଜିପଦର, ଗୁରୁଜଙ୍ଗ, କର୍ଲାପିଟା ଗ୍ରାମରେ ନୃସିଂହ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରୀ ନୃସିଂହ ମହାପ୍ରଭୁଙ୍କୁ ବୈଶାଖ ମାସ ପ୍ରତିପଦା ତିଥିରୁ ଭେଜିପଦାର ଠାରେ ୧୫ ଦିନ ବ୍ୟାପି ନୃସିଂହ ମହାପୁରଣ ଓ ରାମାୟଣ ପାରାୟଣ, ନଗର କୀର୍ତ୍ତନରେ ଆଧାତ୍ମିକ ପରିବେଶରେ ଗ୍ରାମାଂଚଳ ମୁଖରିତ ହୋଇଥିଲା। ପାରାୟଣ ପରେ ଆଜି ଯଜ୍ଞ ଉଦ୍‌ଯାପିତ ହୋଇ, ସମାପନ ହୋଇଛି। ଉଦଯାପନ ଅବସରରେ ନୃସିଂହ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି, କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ସହ ଘରେ ଘରେ ବନ୍ଦାପନା କରାଯାଇ ଭଗବାନଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ନଗର ପରିକ୍ରମା ପରେ ପୂର୍ଣ୍ଣାହୁତି ଯଜ୍ଞ କରାଯାଇଥିଲା ଏବଂ ପ୍ରସାଦ ସେବନ ହୋଇଥିଲା।

ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଭେଜିପଦର ଗ୍ରାମର ପଙ୍କଜ ମାଝୀ, ପ୍ରତି ମାଝୀ କର୍ତ୍ତା ଭାବରେ କାର୍ଯ୍ୟ ତୁଲାଇ ଥିବାବେଳେ ଚିନ୍ତାମଣି ସାହୁ, କମ୍ଭୁପାଣି ଗହୀର, ଲୋଚନ ସାହୁ, ଲଳିତା ସାହୁ, ଭାଗ୍ୟବତୀ ସାହୁ, ସଜନା କେତକୀ, ନରସିଙ୍ଗ ଗହୀର, ତନୁ କେତକୀ, ଗୁରୟୁଙ୍ଗରୁ ଧବଳେଶ୍ୱର ବେହେରା, ଜ୍ୟୋସ୍ନା ବେହେରା, ଗଙ୍ଗାଧର ବେହେରା, ପାର୍ବତୀ ବେହେରା, ସୁରଭି, ଶାନ୍ତି, ସିନ୍ଧୁର, କାହ୍ନୁ ହରିଜନ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଯଜ୍ଞରେ ପୁରୋହିତ ଥିଲେ ସଏଲେନ୍ଦ୍ର ଶତପଥୀ ।

## ସୁରଜ ମଲ୍ଲ ସାହା କଲେଜ ଭିତ୍ତିଭୂମି ଯାଂଚକଲେ ଜିଲ୍ଲାପାଳ

ପୁରୀ,୧୭/୦୫ (ନି.ପ୍ର): ଜିଲ୍ଲାପାଳ ସମର୍ଥ ବର୍ମା ଆଜି ମଙ୍ଗଳାଘାଟ ଷ୍ଟର୍ଲିନ ରାସ୍ତା ପାର୍ଶ୍ୱରେ ଥିବା ସୁରଜମଲ୍ଲ ସାହା କଲେଜ ଗସ୍ତ କରି ଭିତିଭୂମି ଯାଂଚ କରିଥିଲେ। ମହାବିଦ୍ୟାଳୟର ପାଚେରି, ସଲଗ୍ନ ରାସ୍ତା ନିର୍ମାଣ, କ୍ରୀଡ଼ା ଭିତିଭୂମି ତଥା ଇନଡ଼ୋର ଆଉଟଡ଼ୋର, ଷ୍ଟାଡ଼ିୟମ, ସ୍ମାର୍ଟ ଶ୍ରେଣୀଗୃହ, ଲାବରୋଟ୍ରରୀ ଓ ଇ-ଲାଇବ୍ରେରୀ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ । ଏଥିପାଇଁ ଆବଶ୍ୟକ ଜମି ଯୋଗାଇ ଦିଆଯିବ। ଏହାସହ ଜିଲ୍ଲାପାଳ କଲେଜ ପରିସରରେ ଥିବା କ୍ରୀଡ଼ା ଉପକରଣ ଗୃହ, ଏନସିସି କକ୍ଷ, ଲାଇବ୍ରେରୀ ବୁଲି ଦେଖିଥିଲେ ।

# ଏମକେସିଜି ମେଡିକାଲର ବିଭିନ୍ନ ସମସ୍ୟା ନେଇ ଗଣମାଧମ ପ୍ରତିନିଧିଙ୍କ ଧାରଣା

ଗଞ୍ଜାମ,୧୭/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ ଗତ କିଛିମାସ ହେଲା ନାନାଦି ସମସ୍ୟା ଦେଇ ଗତି କରୁଛି । ଏହି ମେଡିକାଲ ଦକ୍ଷିଣ ଓଡିଶା ବାସୀଙ୍କ ଚିକିତ୍ସାର ପ୍ରାଣକେନ୍ଦ୍ର । ତେବେ ଏହି ମେଡିକଲରେ ବର୍ତମାନ ଅଧାରୁ କମ୍ ଡାକ୍ତର ଅଛନ୍ତି । ସେଥିରୁ କିଛି ଡାକ୍ତରଙ୍କ ବଦଳି ହେବା ଯୋଗୁଁ ରୋଗୀ ସେବା ବ୍ୟାହତ ହୋଇଛି। କିଛି ଦିନ ତଳେ ବିଭିନ୍ନ ଦଳ ପକ୍ଷରୁ ଏହି ସମସ୍ୟାର ସମାଧାନ ପାଇଁ ମେଡିକାଲ କଲେଜର ଅଧକ୍ଷଙ୍କୁ ଦାବୀ ପତ୍ର ଦେଇଛନ୍ତି । ଆଜି ବ୍ରହ୍ମପୁର ସହରର ଗଣମାଧମ ପ୍ରତିନିଧିମାନେ ମିଳିତ ହୋଇ ମେଡିକାଲର ପ୍ରମୁଖ ସମସ୍ୟା ଗୁଡିକର ସମାଧାନ ନିମନ୍ତେ ସକାଳ ୭ଟା ଠାରୁ ୮ଟା ପର୍ଯ୍ୟନ୍ତ ଏମକେସିଜି ମେଡିକାଲ ମୁଖ୍ୟ ଫାଟକ ସମ୍ମୁଖରେ ୪ ଦଫା ଦାବୀ ନେଇ ଧାରଣା ଦେଇଥିଲେ । ସେମାନଙ୍କର ପ୍ରମୁଖ ଦାବି ଗୁଡିକ ମଧ୍ୟରେ ଏମ.କେ.ସି.ଜି ମେଡିକାଲରେ ଖାଲି ରହିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ କରାଯାଉ, ଟ୍ରମା କେୟାର ସେଂଟର ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଉ, ଏମ୍.କେ.ସି.ଜି ମେଡିକାଲରେ ବର୍ଣ୍ଣକେୟାର ୟୁନିଟ୍ ଖୋଲାଯାଉ ଏବଂ କାଜୁଆଲଟିରେ ବରିଷ୍ଠ ଅଭିଜ୍ଞ ଡାକ୍ତର ନିଯୁକ୍ତି କରିବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଉ ।

# ବ୍ରଜରାଜନଗର ଉପ ନିର୍ବାଚନ : ତଦାରଖ କଲେ ପର୍ଯ୍ୟବେକ୍ଷକ

ଝାରସୁଗୁଡ଼ା,୧୭/୦୫ (ନି.ପ୍ର): ବ୍ରଜରାଜନଗର ବିଧାନ ସଭା ଉପ ନିର୍ବାଚନ ସକାଶେ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାରତୀୟ ରାଜସ୍ୱ ସେବା ଅଧିକାରୀ ନେଲାପାତଲା ଅଶୋକ ବାବୁ ନିର୍ବାଚନ ପରିଚାଳନା ପାଇଁ ଗଠିତ ବିଭିନ୍ନ ଟିମ୍ ର କାର୍ଯ୍ୟ ତଦାରଖ କରିଛନ୍ତି। ପର୍ଯ୍ୟବେକ୍ଷକ ଜିଲ୍ଲା କାର୍ଯ୍ୟାଳୟରେ ସି - ଭିଜିଲ ସେଲ , ସିଙ୍ଗଲ ଉଇଣ୍ଡୋ ସିଷ୍ଟମ , ଅଭିଯୋଗ ପ୍ରକୋଷ୍ଠ , ଆଦର୍ଶ ଆଚରଣ ବିଧି ତଦାରଖ ପାଇଁ ଉଦ୍ଦିଷ୍ଟ ସେଲ , ଏମ୍ ଏମ୍ ସି ସେଲ ଓ ଭିଡିଓ ଭିଉଇଙ୍ଗ ସେଲ ଆଦି ସେଲ ପରିଦର୍ଶନ କରିବା ସହ ନିୟୋଜିତ ସମ୍ପୃକ୍ତ ଅଧିକାରୀମାନଙ୍କୁ ସୁଚାରୁ ରୂପେ ନିଜ ନିଜ ଦାୟିତ୍ୱ ନିର୍ବାହ ପାଇଁ ପରାମର୍ଶ ଦେଇଛନ୍ତି । ପର୍ଯ୍ୟବେକ୍ଷକଙ୍କ ସହିତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସରୋଜ କୁମାର ସାମଲ , ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ , ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ , ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ , ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ସାମଲ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ବିଭିନ୍ନ ନିୟମାବଳୀର ଅନୁପାଳନ ଓ ବିଭିନ୍ନ ଟିମ୍ ର କାର୍ଯ୍ୟକାରିତା ସମ୍ପର୍କରେ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ । ପର୍ଯ୍ୟବେକ୍ଷକ ଅଶୋକ ବାବୁ ବ୍ରଜରାଜନଗର ସ୍ଥିତ ଏମ୍ ସି ଏଲ୍ ବିଶ୍ରାମ ଗୃହରେ ଅବସ୍ଥାନ କରୁଛନ୍ତି । ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ପର୍ଯ୍ୟବେକ୍ଷକଙ୍କ ମୋବାଇଲ୍ ନମ୍ବର ୮୨୮୦୫୧୧୩୪୨ ମାଧ୍ୟମରେ ଯୋଗାଯୋଗ କରାଯାଇପାରିବ କିମ୍ବା ସେ ହେଡକ୍ୱାର୍ଟର୍ସରେ ଅବସ୍ଥାନ କରୁଥିବା ଦିନ ଏମ୍ ସି ଏଲ୍ ବିଶ୍ରାମ ଗୃହରେ ସନ୍ଧ୍ୟା ୫ଟାରୁ ୭ଟା ମଧ୍ୟରେ ସାକ୍ଷାତ କରି ଅଭିଯୋଗ ଦାଖଲ କରାଯାଇପାରିବ ।

## ଆମ ଜଙ୍ଗଲ ଯୋଜନାରେ ଛତୁଚାଷ ତାଲିମ ପ୍ରଦାନ

ବଲାଙ୍ଗିର,୧୭/୦୫ (ନି.ପ୍ର): ସାଧାରଣ ଜଙ୍ଗଲ ଯୋଜନା ବାହାରେ ବନ ବିଭାଗ ଗ୍ରାମାଂଚଳରେ ବନ ସୁରକ୍ଷା ସମିତି ଓ ଏସଏଚଜି ମାନଙ୍କୁ ଅନ୍ୟ ଆୟ ପନ୍ଥା ଅବଲମ୍ବନ ପାଇଁ ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମ ଆରଏସୟୁଟିଆଇର ମିଳିତ ସହଯୋଗରେ ଏପ୍ରିଲ ୭ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ କରି ତାଲିମ୍ ଦିଆଯାଇଥିଲା। ବଲାଙ୍ଗିର ବନ ଡିଭିଜନର ଲାଠୋର ଏଫଏମୟୁ କାର୍ଲକୁଟନା ବନ ସୁରକ୍ଷା ସମିତି ସଭ୍ୟ, ମାନିଆଲି ମଲି ଏସଏଚଜି ସଭ୍ୟ, ମା ପୂର୍ଣ୍ଣବାସି ଏସଏଚଜି ଓ ମା ବୀଣାପାଣି ଏସଏଚଜିର ସଭ୍ୟ ମାନଙ୍କୁ ଏହି ନିଯୁକ୍ତି ଯୋଜନା ତାଲିମ କାର୍ଯ୍ୟକ୍ରମରେ ଗ୍ରାମର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ଗ୍ରାମୀଣ ଜୀବିକା ନିର୍ବାହ ପାଇଁ ତାଲିମ ମଧ୍ୟରୁ ଛତୁ ଚାଷ ତାଲିମ୍ ଓ ବୈଷୟିକ ଜ୍ଞାନ ପ୍ରଦାନ କରାଯାଇଥିଲା । ଏହା ଏକ ସଫଳ ପ୍ରୟାସ। ଇତିମଧ୍ୟରେ ଏମାନେ ସମସ୍ତେ ଛତୁଚାଷ କରିବା ଆରମ୍ଭ କରି ଦେଇଛନ୍ତି ଓ ତାର ଫଳାଫଳ ଉତ୍ସାହଜନକ ରହିଛି। ଏହି ଚାଷ ଓ ଏହାର କାରବାର ସେମାନଙ୍କ ପାଇଁ ଆୟର ଏକ ନୂଆ ମାଧ୍ୟମ ହେବାକୁ ଯାଉଛି।

## ଭିଜିଲାନ୍ସ ଏସପିଙ୍କ ଦ୍ୱାରସ୍ଥ ହେଲେ ଅମଲା

ଜୟପୁର,୧୭/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ଅମଲା ସଂଘ ପାଣ୍ଠିର ଅପବ୍ୟବହାର ଓ ଲକ୍ଷ ଲକ୍ଷ ଟଙ୍କା ହେରଫେର ହୋଇଥିବା ନେଇ ଦୁର୍ନୀତି ନିବାରଣ ଅଧିକାରୀ ଜୟପୁରଙ୍କ ଦ୍ୱାରସ୍ଥ ହୋଇଛନ୍ତି କୋରାପୁଟ ଜିଲ୍ଲା ଅମଲା ସଂଘ ସମ୍ପାଦକ ଶଶୀଭୂଷଣ ଦାଶଙ୍କ ସମେତ ସଭାପତି, କୋଷାଧକ୍ଷ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ।

ସେମାନେ ଏକ ଲିଖିତ ଅଭିଯୋଗ କରିଛନ୍ତି ଯେ, ପୂର୍ବତନ ସମ୍ପାଦକ ଜିଲ୍ଲା ଅମଲା ସଂଘ କୋରାପୁଟ ଭବାନି ଶଙ୍କର ଆଚାର୍ଯ୍ୟ କ୍ଷମତାର ଅପବ୍ୟବହାର କରି ଲକ୍ଷ ଲକ୍ଷ ଟଙ୍କା ହେରଫେର କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି, ତେଣୁ ଏହାର ତଦନ୍ତ କରିବା ପାଇଁ ଦୁର୍ନୀତି ନିବାରଣ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଏହାର ନକଲ ଜିଲ୍ଲାପାଳ କୋରାପୁଟ ଓ ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘଙ୍କ ଅବଗତି ନିମନ୍ତେ ପ୍ରେରଣ କରିଛନ୍ତି।

# ବୁଢାଦେଓ ମନ୍ଦିର ଓ ପାଟଣେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବଲାଙ୍ଗିର,୧୭/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ଆଗଲପୁର ବ୍ଲକ ଅନ୍ତର୍ଗତ ନଅଗାଁ (ଖ) ଠାରେ ଗତ ୧୦ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି ବୁଢାଦେଓ ମନ୍ଦିର ଓ ପାଟଣେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ । ଏହି ଅବସରରେ କଳସ ଶୋଭାଯାତ୍ରା, ନାମସଂକୀର୍ତ୍ତନ, ପାରାୟଣ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗତ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ ସଭା ଅନୁଷ୍ଠିତ ହେବା ସହ ଲୋକନୃତ୍ୱ ଓ ଗୀତରେ ସାଂସ୍କୃତିକ ମଂଚ ମୁଖରିତ ହୋଇ ଉଠିଥିଲା । ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ନଅଗାଁର ବରପୁତ୍ର ଲୋଇସିଂହା ବିଧାୟକ ଡକ୍ଟର ମୁକେଶ ମହାଲିଙ୍ଗ ସଭାପତିତ୍ୱ କରିଥିଲେ । ଉଦଯାପନୀ ଉତ୍ସବର ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ପାଟଣା ମହାରାଜା ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ବଲାଙ୍ଗୀର ମହାବିଦ୍ୟାଳୟର ଓଡିଆ ଅଧାପକ କୌତୁକ ପନ୍ଦର, ଗୋଣ୍ଡଓ୍ୱାନା ଗୋଣ୍ଡ ମହାସଭା, ବଲାଙ୍ଗୀର ମହାସଚିବ ରାମଚନ୍ଦ୍ର ଧରୁଆ, ଗୋଣ୍ଡଓ୍ୱାନା ଗୋଣ୍ଡ ମହାସଭା ରାଷ୍ଟ୍ରୀୟ ସଦସ୍ୟ ଗଣେଶରାମ ମାଝୀ ପ୍ରମୁଖ ମଂଚାସୀନ ହୋଇଥିଲେ । ଅତିଥି ମାନେ ସାମାଜିକ ଏକତା ଓ ସଂସ୍କୃତିର ସମୃଦ୍ଧି ପାଇଁ ଏପରି ଉତ୍ସବର ଆୟୋଜନ ଉପରେ ଗୁରୁତ୍ୱଆରୋପ କରି ସାମାଜିକ ସୁରକ୍ଷା ପାଇଁ ମଧ ଏହାର ଆବଶ୍ୟକତା ଥିବା କହିଥିଲେ । ସଭାପତି ଅଭିଭାଷଣରେ ଡକ୍ଟର ମୁକେଶ ମହାଲିଙ୍ଗ ନଅଗାଁରେ ଏପରି ମନ୍ଦିର ପ୍ରତିଷ୍ଠା ଏକତା ସୃଷ୍ଟିର ଅନ୍ୟତମ ଉଦାହରଣ ବୋଲି କହି ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ । ମନ୍ଦିର ପ୍ରତିଷ୍ଠା ମହୋତ୍ସବ କମିଟି ସଂପାଦକ ପ୍ରଶାନ୍ତ କୁମାର ନାୟକ ମହୋତ୍ସବକୁ ଲୋକ ଏକତାର ଚିହ୍ନ ବୋଲି କହିଥିଲେ । ଶେଷରେ ଉପସଭାପତି ସଦାନନ୍ଦ ପଶାୟତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ରାଜ୍ୟ ତଥା ରାଜ୍ୟ ବାହାରର ସାଂସ୍କୃତିକ ଦଳ, ଗଡମେକର କେନ୍ଦ୍ରାପଡା, ଲହରୀ ସମ୍ବଲପୁର, ସୃଜନୀ କଲିକତା ଓ ଖରଜୁରାର ଆଂଚଳିକ ଲୋକନୃତ୍ୟ ଦଣ୍ଡ ନୃତ୍ୟକୁ ହଜାର ହଜାର ଜନତା ଉପଭୋଗ କରିଥିଲେ । ତିନି ଦିନର ଏହି ସାଂସ୍କୃତିକ ସଭାରେ ଅଂଚଳର ବହୁ ଜ୍ଞାନୀ, ଗୁଣୀ, ସମାଜସେବୀ, ରାଜନେତା, ବିଧାୟକ ଓ ଅନ୍ୟ ଲୋକ ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

## ଇଂଟର ସ୍କୁଲ ଷ୍ଟେଟ କରାଟେ ଚମ୍ପିୟାନସିପରେ ବଲାଙ୍ଗିରର ସଫଳତା

ବଲାଙ୍ଗିର,୧୭/୦୫ (ନି.ପ୍ର): ଗତ ୧୪ ଓ ୧୫ ଦୁଇ ଦିନ ଧରି ଝାରସୁଗୁଡାର ଅଡିଟରିୟମ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଅଲ ଓଡିଶା ଇଂଟର ସ୍କୁଲ କରାଟେ ଚମ୍ପିୟାନସିପ୍ ଅନୁଷ୍ଠିତ ହୋଇଯାଇଛି । ଏଥରେ ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ତରଫରୁ ୭ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ । ଏଥିରେ ବାଳିକା ବିଭାଗରେ ଫାଇଟିଙ୍ଗରେ ପ୍ରାଚୀ ବେହେରା ରୌପ୍ୟ ପଦକ ଓ କାତାରେ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ସମିକ୍ଷା ସମୃଦ୍ଧି ଷଡଙ୍ଗି କାତା ରେ ରୌପ୍ୟ ପଦକ, ସାଇଶ୍ରୀୟା ମହାକୁର କାତାରେ ବ୍ରୋଞ୍ଜ ପଦକ ପାଇଥିବା ବେଳେ ବାଳକ କାତା ବିଭାଗରେ ମିଥିଲେଶ କୁମାର ବେହେରା ରୌପ୍ୟ ପଦକ, ଅନ୍ୱେଶ କୁମାର ସାହୁ ବ୍ରୋଞ୍ଜ ପଦକ, ଶୁଭମ ଦାଶ ରୌପ୍ୟ ପଦକ, ଶମ୍ଭୁ ଭୂଷଣ ବେହେରା ବ୍ରୋଞ୍ଜ ପଦକ ହାସଲ କରିଥିଲେ । ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ର ସଂପାଦକ ତଥା କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଏହି ୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ନରେନ୍ଦ୍ର ବରାଡ ଏଥିରେ ଟିମ୍ ମ୍ୟାନେଜର ଭାବରେ ଅଂଶଗ୍ରହଣ କରିଥିଲେ । ଅସୀମ ଭୋଇ ଏଥିରେ ରେଫରି ଦାୟିତ୍ୱ ମଧ ତୁଲାଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଝାରସୁଗୁଡା ଏସ୍‌ପି ରାହୁଲ ଜୈନ ଜାତୀୟ ରେଫରି ଅସୀମ ଭୋଇଙ୍କୁ ଟ୍ରଫି ସହ ସମ୍ମାନିତ କରିଥିଲେ ।

# କେନ୍ଦୁଝରରେ ପାନୀୟଜଳ ସମସ୍ୟା ଉତ୍କଟ ହେଉଛି : ନିଦାବିଷ୍ଟୁ ଭୂମିକାରେ ପ୍ରଶାସନ

କେନ୍ଦୁଝର, ୧୬ ମଇ (ହି.ସ.)- କେନ୍ଦୁଝର ଜିଲ୍ଲାରେ ଦିନକୁ ଦିନ ପାନୀୟ ଜଳ ସମସ୍ୟା ଉତ୍କଟ ହେଉଛି । ପାନୀୟ ଜଳ ଟୋପାଏ ପାଇଁ ଡହଳ ବିକଳ ହେଉଛନ୍ତି ଲୋକେ । ସ୍ୱାଧୀନତାର ଦୀର୍ଘ ପ୍ରାୟ ୭୪ ବର୍ଷ ପରେ ବି ଏହି ସମସ୍ୟା ଜିଲାର ମୁଖ୍ୟ ସମସ୍ୟା ଭାବେ ଆଜି ବି ଠିଆ ହୋଇଛି । ଜିଲ୍ଲାର ଅଧିକାଂଶ ଗ୍ରାମାଂଚଳରେ ଏହି ସମସ୍ୟା । ଡହ ଡହ ଖରାରେ ଅନେକ ଅଂଚଳର ମହିଳାମାନଙ୍କୁ ପାନୀୟଜଳ ଟୋପାଏ ପାଇଁ ପାଦରେ ଚାଲି ଚାଲି କିଲୋମିଟର କିଲୋମିଟର ଯିବାକୁ ପଡୁଛି । ରାଜନୈତିକ ଇଚ୍ଛା ଶକ୍ତି ସହ ସଚେତନନତାର ଅଭାବ ସାଙ୍ଗକୁ ମୋଟା ଅଙ୍କର ଦରମାପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ଆଗ୍ରହର ଅଭାବ କାରଣରୁ କେନ୍ଦୁଝର ଭଳି ଅବିଭକ୍ତ ଜିଲ୍ଲାରେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇ ପାରୁନଥିବା ଘଟଣାକୁ ଏଡାଇ ଦିଆଯାଇ ପାରିବ ନାହିଁ ବୋଲି ବହୁଳ ମତ ପ୍ରକାଶ ପାଇଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜିଲ୍ଲାର ଆଦିବାସୀ ବହୁଳ ତେଲକୋଇ ବ୍ଲକ ଅଂଚଳରେ । ଯେଉଁ ଆଦିବାସୀଙ୍କ ପାଇଁ ସରକାର କାନ୍ଦୁଛନ୍ତି ସେହି ଆଦିବାସୀ ମହିଳା ମାନେ ପ୍ରବଳ ଖରାରେ ଗୋଡ ପୋଡି ଯାଉଥିବା ବେଳେ ପାଣି ଟୋପାଏ ପାଇଁ ପାଦରେ ଚାଲି ଚାଲି କିଲୋମିଟର କିଲୋମିଟର ଯାଉଥିବା ଦେଖିବାକୁ ମିଳୁଛି । ଯେଉଁଥିରୁ କେନ୍ଦୁଝର ଜିଲ୍ଲାର ବିକାଶ କିଭଳି କେବଳ କାଗଜ କଲମରେ ଚାଲିଛି ତାହା ଏକ ପ୍ରକାର ସ୍ପଷ୍ଟ ହୋଇଛି । ଜିଲ୍ଲାରେ ଡିଏମ ଫଣ୍ଡରେ ପର୍ଯ୍ୟପ୍ତ ଅର୍ଥ ରହିଥିବା ବେଳେ ନିର୍ଦ୍ଦିଷ୍ଟ କେତେକ ଏନଜିଓଙ୍କ ମାଧମରେ କାମ ମଧ ହେଉଛି । କିନ୍ତୁ, ଗ୍ରାମାଂଚଳର ନିରୀହ ଲୋକମାନେ ପାନୀୟ ଜଳ ଭଳି ସେମାନଙ୍କର ମୌଳିକ ଅଧିକାରରୁ ବଂଚିତ ହେଉଛନ୍ତି । ଜିଲ୍ଲାର ତେଲକୋଇ ବ୍ଲକର ତାଳପଦା ପଂଚାୟତ ଅନ୍ତର୍ଗତ ପଙ୍ଗା ଗାଁର ମୁଣ୍ଡା ସାହୀ ତାହାର ଏକ ଜ୍ୱଳନ୍ତ ଉଦାହରଣ । ସରକାରଙ୍କର ଲୋକାଭିମୁଖୀ ଯୋଜନା ସହ ସରକାରଙ୍କର ତଥାକଥିତ ବିକାଶ ଯେପରି ଏମାନଙ୍କ ପାଇଁ ପାଲଟିଛି ସାତସପନ। ଏହି ତଥାକଥିତ ବିକାଶରେ ମୁଣ୍ଡା ସାହିକୁ ନାଁ ଅଛି ଖଣ୍ଡିଏ ରାସ୍ତା ନା ଅଛି ପାନୀୟଜଳର ବ୍ୟବସ୍ଥା । ସାହିରେ ନଳକୂପ ରହିଛି ସତ କିନ୍ତୁ ସେଥିରୁ ଖାଲି ଗୋଳିଆ ପାଣି ହିଁ ବାହାରୁଛି । ଯାହା ଆଦୌ ବ୍ୟବହାର ଉପଯୋଗୀ ନୁହେଁ । ଏହି ଗୋଳିଆପାଣି ବ୍ୟବହାର କରି ମଧ ଅଂଚଳର ଲୋକମାନେ ଚର୍ମ ରୋଗ, ପେଟରୋଗ ଆଦିରେ ପଡୁଛନ୍ତି । ଫଳରେ ଏହି ଆଦିବାସୀ ପ୍ରଜା ମାନଙ୍କ ପାଇଁ ଏବେ ଚୁଆ ପାଣି ଏକମାତ୍ର ଭରସା । ଡହ ଡହ ଖରାରେ କାଖରେ ଛୋଟ ପିଲା ଓ ମୁଣ୍ଡରେ ଗରା ଧରି ସାହିର ମହିଳାମାନେ ପାଣି ଟୋପାଏ ପାଇଁ ଜଙ୍ଗଲ ରାସ୍ତାରେ ଚାଲି ଚାଲି ଯାଇଥାଆନ୍ତି ପ୍ରାୟ ୨ କିଲୋମିଟରରୁ ଅଧିକ ରାସ୍ତା । ଜଙ୍ଗଲ ରାସ୍ତାରେ ବଣୁଆ ଜନ୍ତୁଙ୍କ ଭୟ ଥିବାରୁ ମହିଳା ମାନଙ୍କ ସହ ପୁରୁଷ ମାନଙ୍କୁ ମଧ ଯିବାକୁ ପଡିଥାଏ । ଏହି ଚୁଆ ପାଣିକୁ ଲୋକମାନେ ବାଧ ହୋଇ ଜୀବନବିକଳରେ ପିଉଛନ୍ତି ସିନା କିନ୍ତୁ ତାହା ମଧ ପାନୀୟ ପାଇଁ ଉପଯୁକ୍ତ ନୁହେଁ ବୋଲି କହିଛନ୍ତି ଶାନ୍ତିଲତା ମୁଣ୍ଡା , ପାଲମା ମୁଣ୍ଡ , ମୀନତି ପିଓ ପ୍ରମୁଖ ମହିଳାମାନେ । କିନ୍ତୁ ସେମାନଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ । ସରକାର ଓ ଜିଲ୍ଲା ପ୍ରଶାସନ କେବେ ଏମାନଙ୍କ ଦୁଖ ବୁଝୁଛନ୍ତି ତାହା ହିଁ କେବଳ ଦେଖିବାକୁ ବାକି ରହିଲା ।

# ସାବିତ୍ରୀ ସତ୍ୟବାନ ନାଟକ ପାଇଁ ରାମଜୀ ନାଟକ ସଂସ୍ଥାର ପ୍ରସ୍ତୁତି

ବଲାଙ୍ଗିର,୧୭/୦୫ (ନି.ପ୍ର): ବିଗତ ଏକ ମାସ ଧରି ଚାଲିଥିବା ରାମଲିଳା ନାଟକର ସଫଳ ସମାପ୍ତି ପରେ ରାମଜୀ ନାଟ୍ୟ ସଂସଦ ବଲାଙ୍ଗିର ର ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ୩୦ ତାରିଖରେ ଚଳିତ ବର୍ଷ ସାବିତ୍ରୀ ବ୍ରଜ ଉପଲକ୍ଷେ 'ସାବିତ୍ରୀ ସତ୍ୟବାନ' ନାଟକ ଅନୁଷ୍ଠିତ କରିବା ପାଇଁ ନାଟ୍ୟ ସଂସଦ ତରଫରୁ ନିଷ୍ପତ୍ତି ନିଆଯାଇଥିଲା । ନାଟ୍ୟ ସଂସଦ ଦ୍ୱାରା ପୂର୍ବରୁ ଏହି ନାଟକ ପରିବେଷିତ ହେଉଥିବା । ଚଳିତ ବର୍ଷ ପୁଣି ଏହି ନାଟକକୁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୀତିନାଟ୍ୟ ରୂପେ ବଛା ବଛା ଆଞ୍ଚଳିକ କଳାକାରଙ୍କୁ ନେଇ ପରିବେଷଣ କରାଯିବ । ସଭାରେ ସର୍ବ ପ୍ରଥମେ ପ୍ରଭୁ ଶ୍ରୀରାମ ଙ୍କ ପ୍ରାର୍ଥନା ହୋଇଥିଲା । ଏହା ପରେ ଗୁରୁ ବାଳମୁକୁନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ପୁଣି ଥରେ କିପରି ସାବିତ୍ରୀ ସତ୍ୟବାନ ନାଟକ ଲୋକପ୍ରିୟ ତଥା ସଫଳ ହୋଇ ପାରିବ ସେ ଦିଗରେ ଆଲୋଚନା ହୋଇଥିଲା। ପାତ୍ର ଚୟନ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ମଧ ଆଲୋଚନା ହୋଇଥିଲା । ସଭାରେ ସମସ୍ତ ସଭ୍ୟ ନିଜ ନିଜ ଅନୁଭୂତି ତଥା ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ । ଡା. ରୁଦ୍ରନାରାୟଣ ପଟେଲ ନାଟ୍ୟ ସଂସଦ କୁ କିପରି ଲୋକାଭିମୁଖୀ କରାଯିବା ସହ ବଲାଙ୍ଗିର ଜିଲ୍ଲାକୁ ଏକ ଐତିହ୍ୟ ତଥା ପୌରାଣିକ ସହର ରୂପେ ପରିଣତ କରାଯାଇ ପରିବ ସେଥି ପ୍ରତି ସମସ୍ତଙ୍କର ଧାନ ଆକର୍ଷଣ କରିଥିଲେ । ପରେ ପରେ କଳାକାର ଚୟନ ମାଉସୀ ମା' ମନ୍ଦିରରେ କଳାକାର ଚୟନ କରାଯାଇଥିଲା । ସାବିତ୍ରୀ ମାନସ ରଂଜନ ସାହୁ, ସତ୍ୟବାନ ପାଇଁ ଆନନ୍ଦ ମିଶ୍ର, ରାଜା ପାଇଁ କୁମୁଦ ନାଏକ, ଅନ୍ଧରାଜା ପାଇଁ ଅରୁଣ କୁମାର ରାଉତ,ଅନ୍ଧୁଣି ଚୈତନ୍ୟ ମଟାରି, ନାରଦ - ରାମ ଦାଶ, ମନ୍ତ୍ରୀ - ଘୁଣ୍ଟୁଗୋପାଳ ମିଶ୍ର, କୁଟୁଆଳ - ରାଜୁ ପଟେଲ, ଜମ ଭୂମିକାରେ - ଡ. ରୁଦ୍ର ପଟେଲ, ଚିତ୍ରଗୁପ୍ତ - ଚିଦାନନ୍ଦ ବେହେରା, ସଖି ରାମ ପ୍ରସାଦ ସାହୁ, କ୍ଷେତ୍ର ବନଛୋର, ନରେନ୍ଦ୍ର ନିଆଲ,ହିମାଂଶୁ ଯୋଷୀ । ଚିଦାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିବା ସହ ସଭାକୁ ସାଙ୍ଗ କରାଯାଇଥିଲା ।

## ଜନ୍ମଦିନରେ ଗଛ ଲଗାଇବାକୁ ପ୍ରିତୀପ୍ରଜ୍ଞାଙ୍କ ଆହ୍ୱାନ

ଘସିପୁରା,୧୭/୦୫ (ନି.ପ୍ର): ଜନ୍ମଦିନରେ ଗଛ ଲଗାଇବାକୁ ୨ ବର୍ଷର କୋମଳମତି ଶିଶୁ ପ୍ରିତୀପ୍ରଜ୍ଞା ଆହ୍ୱାନ କରିଛନ୍ତି । ଦିନକୁ ଦିନ ଗଛ କଟା ଯୋଗୁଁ ପୃଥିବୀର ଜଳ୍‌ବାୟୁ ନଷ୍ଟ ହେବା ସହ ପରିବ୍ଶେ ନଷ୍ଟ ହେଉଛି, ଏଣୁ ଗଛ ଲଗାଅ ଓ ଏହାର ଯତ୍ନ ନିଅ ବୋଲି ବାର୍ତା ବାଂଟିଛନ୍ତି ପ୍ରିତୀପ୍ରଜ୍ଞା । ସରକାର ବୃକ୍ଷରୋପଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅନେକ ସ୍ଥଳେ ଗଛର ଚିହ୍ନ ବର୍ଣ୍ଣ ଦେଖାଯାଉନଥିବା ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇଥିବା ଦେଖିବାକୁ ମିଳୁଛି । ୨ ବର୍ଷର କୋମଳମତୀ ଶିଶୁ ପ୍ରିତୀପ୍ରଜ୍ଞା ନିଜ ଜନ୍ମ ଦିନରେ ଆଜି ଆନନ୍ଦପୁର ଉପଖଣ୍ଡ ଝାଡେଶ୍ୱର କଲ୍ୟାଣ ମଣ୍ଡପ ପରିସରରେ ଏକ ଗଛ ଲଗାଇ୍ବା ସହିତ ଶିଶୁ ଠାରୁ ବୃଦ୍ଧ ଯାଏ ସମସ୍ତେ ପରବେଶ ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇ୍ବା ପାଇଁ ନିବେଦନ କରିଛନ୍ତି । ଉକ୍ତ ଉତ୍ସବରେ ଅତିଥି ଭାବେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ଡ଼. ସପନ କୁମାର ଦାସ, ଝାଡେଶ୍ୱର ମନ୍ଦିର କମିଟିର କୋଠ ତହସିଲଦାର ପିତାମ୍ବର ସା, ଆରତୀ ମହାକୁଡ଼ ସାମ୍ବାଦିକ ରତିକାନ୍ତ ସାହୁ, ଝାଡେଶ୍ୱର ସାହୁ, କାଠିଆ ଦେହୁରୀ ପ୍ରମୁଖ ଯୋଗଦେଇ ଗଛ ଲଗାଇ୍ବା କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନାରେ ନିରଞ୍ଜନ ସାହୁ, ପ୍ରତିକ୍ରିଷ୍ଣା ସାହୁ, ଟୁକୁନ୍ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ

ଜୟପୁର,୧୭/୦୫ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡ଼େମୀ ଆନୁକୁଲ୍ୟରେ ଦାମନଯୋଡି ସ୍ଥିତ ନାଲ୍କୋ କମ୍ୟୁନିଟି ସେଂଟର୍ ସଭା କକ୍ଷରେ କୋରାପୁଟ ଜିଲ୍ଲା ସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବଳରାମଙ୍କ ବେଦମନ୍ତ୍ର ଉଚ୍ଚାରଣ ପରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରା ଯାଇଥିଲା। ଏହି ସମାରୋହକୁ ନାଲ୍କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ସୁଶୀଳ କୁମାର ପାଢ଼ୀ ଉଦ୍ଘାଟନ କରି ନିଜ ବକ୍ତବ୍ୟରେ କହିଥିଲେ ଯେ, ନାଲକୋ ସର୍ବଦା ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପ୍ରୟାସରତ । ସେ ଓଡ଼ିଆ ସାହିତ୍ୟ ଏକାଡ଼େମୀର ଏଭଳି ଆୟୋଜନ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଥମ ଅଧିବେଶନରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ପ୍ରାବନ୍ଧିକ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ଅଧକ୍ଷତାରେ କଥାକାର ଗୋପୀନାଥ ମହାନ୍ତିଙ୍କ ସାହିତ୍ୟ ଆଲୋଚନା ହୋଇଥିଲା । ଏଥିରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ପ୍ରୀତିସୁଧା ଜେନା ମୂଖ୍ୟ ଅତିଥି, ବରେଣ୍ୟ ଆଲୋଚକ ଭାବେ ମନମୋହନ ଆଚାର୍ଯ୍ୟ ଏବଂ ଡ. ପ୍ରୀତିଧାରା ସାମଲ, ସମ୍ମାନିତ ଅତିଥି ଭାବେ କବି ଜଳଧର ସ୍ୱାଇଁ, ସୁଶାନ୍ତ କୁମାର ନାୟକ ସଦସ୍ୟ, ଓ ସା ଏ ରାୟଗଡ଼ା ଏବଂ ବଲ୍ଲଭ ରାଉତ ସଦସ୍ୟ ଓ ସା ଏ ନବରଙ୍ଗପୁର, ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଲୋକ ସାହିତ୍ୟରେ ଗୀକୁଡ଼ିଆ ପରମ୍ପରା ଆଲୋଚନା ଆସରରେ ଡ ରାଜେନ୍ଦ୍ର ପାଢ଼ୀ ଏବଂ ଡ. ପ୍ରଦୀପ ମିଶ୍ର ବରେଣ୍ୟ ଆଲୋଚକ ଥିଲେ। ଏହାପରେ ବିଶିଷ୍ଟ ସଙ୍ଗୀତଜ୍ଞ ନୀଳାଚଳ ମହାନ୍ତି, ଗୀକୁଡ଼ିଆ ନରହରି ଗୌଡ଼ ଏବଂ ଗୀକୁଡ଼ିଆଣୀ ରାମବତୀ ଦୁରୁଆ ଗୀତମାରାନି କାର୍ଯ୍ୟକୁ ଖିଅ ଦେଇଥିଲେ। ଏହି ସମାରୋହରେ ଯଜ୍ଞେଶ୍ୱର ପଣ୍ଡାଙ୍କ ଜୁନିୟର୍ ସେବା ପ୍ରକାଶର ୪ର୍ଥ ସଂସ୍କରଣ ଲୋକାର୍ପଣ ହେବା ସହିତ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରବି ଶତପଥି ଏବଂ ଡ. ଝାନ୍ସୀ ସିଂ ଓ ସମାଜସେବା ନିମନ୍ତେ ଜଳେନ୍ଦ୍ର ତ୍ରିପାଠୀଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ତୃତୀୟ ଅଧିବେଶନରେ ସ୍ମୃତି ରଞ୍ଜନ ପଣ୍ଡା ଏବଂ ଡ. ସ୍ୱାତୀ ଚାଟାର୍ଜୀଙ୍କ ସଂଯୋଜନାରେ ନିର୍ବାଚିତ କବିଙ୍କ ଦ୍ୱାରା କବିତା ଆବୃତି ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଯଜ୍ଞେଶ୍ୱର ପଣ୍ଡା, ଶ୍ରୀଧର ପରିଡ଼ା, ଭାଗ୍ୟଲତା ପାଣିଗ୍ରାହୀ, ଅଶୋକ ମହାରଣା, ସୌମେନ୍ଦ୍ର ସ୍ୱାଇଁ,ତନ୍ମୟ କୁମାର ଏବଂ ଜଳେନ୍ଦ୍ର ତ୍ରିପାଠୀ ପରିଚାଳନା କରିଥିଲେ।

## ଚିକିଟି ନାଳ ସଫେଇ କାର୍ଯ୍ୟ ଆରମ୍ଭ

ଜୟପୁର,୧୭/୦୫ (ନି.ପ୍ର): ଜୟପୁର ସହରର ଚିକିଟି ନାଳ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଏକ ମାସ ଧରି ସଫେଇ କାର୍ଯ୍ୟ ଚାଲିବ । ଆଗକୁ ବର୍ଷା ଦିନ ଆସୁଥିବାରୁ ଆଗୁଆ ପଦକ୍ଷେପ ନେଇଛି ଜୟପୁର ପୌର ପାଳିକା । ବର୍ଷା ପାଣି ଯେପରି ନିଷ୍କାସନ ହୋଇ ପାରିବ ସେ ନେଇ ପଦକ୍ଷେପ ନେଇଛି । ଆଜି ଠାରୁ ଜୟପୁର ନୁଆସାହି ୫ ଲାଇନ ଠାରୁ ଚିକିଟି ନାଳ ସଫେଇ କାଯ୍ୟ ଆରମ୍ଭ ହୋଇଛି । ସେଠାରୁ ପଞ୍ଚାନନନ ମନ୍ଦିର ଦେଇ ଏହି ଚିକିଟି ନାଳ ଶତିନଦୀ ନିକଟ, ଗ୍ୟାସ କମ୍ପାନୀ, ଶିଶୁ ମନ୍ଦିର ପଛପଟ ଲକ୍ଷ୍ମୀ ଟକିଜ, ବେଲ ରୋଡ, ଏମଜି ରୋଡ ପଛପଟ ଦେଇ ଚିକିଟି ନାଳ ଯାଇଥବାରୁ ସବୁ ସଫେଇ କାଯ୍ୟ ଆରମ୍ଭ ହୋଇଛି ।

# ମେୟରଙ୍କୁ ସମ୍ବର୍ଦ୍ଧିତ କଲେ ଭିଏସ୍‌ଏସ୍ ନଗରବାସୀ

ଭୁବନେଶ୍ୱର,୧୭/୦୫ (ନି.ପ୍ର): ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ, ଦୁର୍ଗାପୂଜା ସମିତି ଓ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ମିଳିତ ଭାବେ ନବ ନିର୍ବାଚିତ ମେୟର ସୁଲୋଚନା ଦାସ ଓ ୧୧ ନମ୍ବର କରପୋରେଟର ପ୍ରଭାସିନୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବର୍ଦ୍ଧନାର ଉତରରେ ମେୟର ମହାନଗର ନିଗମ ଅଧିବାସୀମାନଙ୍କର ସହଯୋଗ କାମନା କରିଥିଲେ । ସମ୍ବର୍ଦ୍ଧନା ସଭାରେ ଉନ୍ନୟନ ପରିଷଦ ତଥା ବରିଷ୍ଠ ନାଗରିକ ମଂଚର ସଭାପତି କୃପାସିନ୍ଧୁ ସାହୁ ସଭାପତିତ୍ୱ କରିଥିବାବେଳେ ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ମଂଚ ପରିଚାଳନା କରିଥିଲେ । ଦୁର୍ଗା ପୂଜା ସମିତିର ସଭାପତି ଆର୍ତ୍ତତ୍ରାଣ ଦଳାଇ, ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି ଅତିଥୀ ପରିଚୟ ପ୍ରଦାନ କରିଥିଲେ ଓ ଧନ୍ୟବାଦ ପ୍ରଦାନ କରିଥିଲେ ପ୍ରସନ୍ନ କୁମାର ରଥ । ବରିଷ୍ଠ ନାଗରିକ ମଂଚର ଉପ-ସଭାପତି ଇଂ ଅକ୍ଷୟ କୁମାର ସାହାଣୀ, ଉନ୍ନୟନ ପରିଷଦର କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ, ଦୁର୍ଗାପୂଜା ସମିତିର କୋଷାଧକ୍ଷ ପ୍ରତାପ କୁମାର ନନ୍ଦ, ଗୌରୀ ଶଙ୍କର ପ୍ରହରାଜ, କାଳନ୍ଦୀ ଚରଣ ସ୍ୱାଇଁ, ସମ୍ବିଦ ମହାପାତ୍ର, ଚିନ୍ତାମଣି ବାରିକ ଓ ରାମଚନ୍ଦ୍ର ସାମଲ ଆଦି ସମ୍ବର୍ଦ୍ଧନାରେ ଅଂଶଗ୍ରହଣ କରିଥିବାବେଳେ ବୀର ସୁରେନ୍ଦ୍ର ସାଏ ନଗରର ବହୁ ଅଧିବାସୀ ଏଥିରେ ଯୋଗ ଦେଇଥିଲେ।





# ଅଜନ୍ତା ଗୁମ୍ଫା





ଅଜନ୍ତା ଗୁମ୍ଫା ମହାରାଷ୍ଟ୍ର ରାଜ୍ୟର ଔରଙ୍ଗାବାଦ ସହରଠାରୁ ପାଖାପାଖି ୧୦୫ କିଲୋମିଟର ଦୂରତା ଅବସ୍ଥିତ । ଅଜନ୍ତାର ପ୍ରାଚୀନ ଗୁମ୍ଫାକୁ ଭାରତ ଓ ବିଦେଶରୁ ଅଧିକ ପର୍ଯ୍ୟଟକ ଭ୍ରମଣ କରିବାକୁ ଯାଇଥାନ୍ତି । ଏହା ଭାରତୀୟ ଗୁମ୍ଫା କଳାର ଜୀବିତ ଉଦାହରଣ । ଅଜନ୍ତା ଗୁମ୍ଫା ଏଲୋରା ଗୁମ୍ଫାଠାରୁ ମଧ୍ୟ ପୁରାତନ ଓ ଏହା ଗୋଟିଏ ବା ଦୁଇଟି ନୁହେଁ ପୂରା ୩୦ଟି ଗୁମ୍ଫାର ସମୂହ ଯେଉଁଗୁଡ଼ିକୁ ହର୍ସ ସୁ ଆକାରର ପାହାଡ଼କୁ କଟାଯାଇ ନିର୍ମାଣ କରାଯାଇଛି । ଗୁମ୍ଫାଗୁଡ଼ିକ ବାଧୁର ନଦୀ କୂଳରେ ଏକ ପାହାଡ଼ ଉପରେ ଅବସ୍ଥିତ । ନିକଟରେ ଅବସ୍ଥିତ ଅଜନ୍ତା ଗ୍ରାମ ଅନୁସାରେ ଏହି ଗୁମ୍ଫାକୁ ନାମିତ କରାଯାଇଛି । ଇତିହାସ ବିଷୟରେ ଜାଣିବା ପାଇଁ ଇଚ୍ଛୁକ ଥିବା ପର୍ଯ୍ୟଟକମାନଙ୍କ ପାଇଁ ଅଜନ୍ତାର ଯାତ୍ରା ଆନନ୍ଦମୟ ପ୍ରମାଣିତ ହୋଇପାରେ । ଏହି ଗୁମ୍ଫାଗୁଡ଼ିକର କାରିଗରୀ ଓ ସୌନ୍ଦର୍ଯ୍ୟ ପର୍ଯ୍ୟଟକମାନଙ୍କୁ ଶାନ୍ତିର ଅନୁଭବ ଦେଇଥାଏ । ଏହା ଏକ ବୌଦ୍ଧ ଗୁମ୍ଫା ସ୍ମାରକ ଯେଉଁଠାରେ ବୌଦ୍ଧ ଧର୍ମର କଳାକୃତି ଦେଖିବାକୁ ମିଳିଥାଏ । ସେଠାରେ ଭଗବାନ ବୁଦ୍ଧଙ୍କର ଅନେକ ପ୍ରତିମା ଓ ବୌଦ୍ଧ ଧର୍ମ ସହିତ ଜଡ଼ିତ ଅନେକ ପେଣ୍ଟିଙ୍ଗ୍ସ ତିଆରି ହୋଇଛି । ଏହା ବ୍ୟତୀତ ଭଗବାନ ବୁଦ୍ଧଙ୍କର ପୂର୍ବଜନ୍ମ ସମ୍ବନ୍ଧରେ ମଧ୍ୟ କୁହାଯାଇଛି । ସେଠାରେ ଦୁଇ ପ୍ରକାରର ଗୁମ୍ଫା ରହିଛି- ବିହାର ଓ ଚୈତ୍ୟ ଗୃହ । ବିହାର ବୌଦ୍ଧ ମଠକୁ ରହିବା ଓ ପ୍ରାର୍ଥନା ପାଇଁ ବ୍ୟବହାର କରାଯାଏ । ସେଠାରେ ସ୍କୋୟାର ଶେପ୍‌ର ଛୋଟ ଛୋଟ ହଲ୍ ଓ ସେଲ୍ ରହିଛି । ସେଲ୍‌ରେ ବୌଦ୍ଧ ଭିକ୍ଷୁମାନଙ୍କ ଆରାମ ଓ ଅନ୍ୟ ଗତିବିଧି ପାଇଁ ବ୍ୟବହାର କରାଯାଏ । ମଧ୍ୟରେ ଥିବା ସ୍କୋୟାର ଶେପ୍‌ର ସ୍ଥାନଟିକୁ ପ୍ରାର୍ଥନା ପାଇଁ ବ୍ୟବହାର କରାଯାଉଥିଲା । ଚୈତ୍ୟ ଗୃହ ପ୍ରାର୍ଥନା ପାଇଁ ବ୍ୟବହାର ହେଉଥିଲା । ଏହି ଗୁମ୍ଫାର ଶେଷରେ ସ୍ତୁପର ନିର୍ମାଣ ହୋଇଛି ଯାହା ଭଗବାନ ବୁଦ୍ଧଙ୍କର ପ୍ରତୀକ ଥିଲା । ଯେପରି ଅଜନ୍ତା ଗୁମ୍ଫା ୩୦ଟି ଗୁମ୍ଫାର ସମୂହ ସହିପରି ଏଲୋରା ଗୁମ୍ଫାରେ ୩୪ଟି ମଠ ଓ ମନ୍ଦିର ରହିଛି ଯାହା ପାହାଡ଼ ପାର୍ଶ୍ୱରେ ଥିବା ୨ କି.ମି. ପରିମିତ ଜମିରେ ନିର୍ମିତ ହୋଇଛି । ଏହି ଗୁମ୍ଫାଗୁଡ଼ିକର ନିର୍ମାଣ ପଞ୍ଚମ ଓ ଦଶମ ଶତାବ୍ଦୀ ମଧ୍ୟରେ ହୋଇଥିବାର ଜଣାପଡ଼େ । ଅଜନ୍ତା ଗୁମ୍ଫାଗୁଡ଼ିକର ନିର୍ମାଣ ଦୁଇଟି ଶ୍ରେଣୀରେ ନିର୍ମିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ସାତବାହନ ଓ ପରେ ବାକାଟକ ଶାସକ ବଂଶର ରାଜାମାନେ ଏହାର ନିର୍ମାଣ କରିଥିଲେ । ଏହି ପର୍ଯ୍ୟାୟର ଗୁମ୍ଫାର ନିର୍ମାଣ ଦ୍ୱିତୀୟ ଶତାବ୍ଦୀରେ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ହୋଇଥିବା ଗୁମ୍ଫାଗୁଡ଼ିକର ସମ୍ବନ୍ଧ ବୌଦ୍ଧ ଧର୍ମ ସହିତ ରହିଛି । ଦ୍ୱିତୀୟ ପର୍ଯ୍ୟାୟର ଗୁମ୍ଫାଗୁଡ଼ିକର ନିର୍ମାଣ ପାଖାପାଖି ତିନି ଶତାବ୍ଦୀ ପରେ ହୋଇଛି । ଏହି ଗୁମ୍ଫାଗୁଡ଼ିକରେ ପ୍ରାଚୀନ ଭାରତର ଚିତ୍ରକଳା ଓ ମୂର୍ତ୍ତିକଳାର ନମୁନା ଦେଖିବାକୁ



ମିଳିଥାଏ । ଅଜନ୍ତା ଗୁମ୍ଫାକୁ ବୌଦ୍ଧ ଯୁଗର ମଠ ବା ସ୍ତୁପ ବୋଲି କୁହାଯାଇପାରେ । ସେଠାରେ ବୌଦ୍ଧ ଭିକ୍ଷୁମାନେ ଅବସ୍ଥାନ କରିବା ସହିତ ଅଧ୍ୟୟନ ଓ ପ୍ରାର୍ଥନା କରୁଥିଲେ । ୧୮୧୯ରେ ଜଣେ ବ୍ରିଟିଶ ଅଫିସର ଶିକାର କରିବାକୁ ଯାଇଥିବା ସମୟରେ ଗଛପତ୍ର, ପଥର ଦ୍ୱାରା ଢାଙ୍କି ହୋଇଥିବା ଏକ ଗୁମ୍ଫା ଦେଖିଥିଲେ । ତା' ପରେ ତାଙ୍କ ସୈନ୍ୟମାନେ ଗୁମ୍ଫା ଭିତରକୁ ଯିବା ପାଇଁ ରାସ୍ତା ବାହାର କରିଥିଲେ । ସେଠାରେ ପୁରାତନ ସମୟର ଅନେକ ଗୁମ୍ଫାସବୁ ଦେଖିବାକୁ ମିଳିଥିଲା । ଏହାପରେ ସେ ଏ ସମ୍ବନ୍ଧରେ ସରକାରଙ୍କୁ ତଥ୍ୟ ଦେଇଥିଲେ । ସେବେଠାରୁ ଆଜି ପର୍ଯ୍ୟନ୍ତ ଅଜନ୍ତା ଗୁମ୍ଫାର ଖନନ ଓ ଅଧ୍ୟୟନ ଜାରି ରହିଛି । ୧୯୮୩ରେ ଏହି ଗୁମ୍ଫାକୁ ବିଶ୍ୱ ଐତିହ୍ୟର ମାନ୍ୟତା ମିଳିଥିଲା । ଭାରତର ପୁରାତତ୍ତ୍ୱ ସର୍ବେକ୍ଷଣ ବର୍ତ୍ତମାନ ଏହି ଗୁମ୍ଫାଗୁଡ଼ିକର ଯତ୍ନ ନେଉଛି । ବର୍ଷସାରା ବୌଦ୍ଧ ଅନୁଗାମୀମାନେ ସେହି ପର୍ଯ୍ୟଟନ ସ୍ଥଳକୁ ଯାଇଥାନ୍ତି ।

ଅଜନ୍ତା ଗୁମ୍ଫାର କାନ୍ଥ ଓ ଛାତର ଭଗବାନ ବୁଦ୍ଧଙ୍କ ଜୀବନୀ ଓ ଶିକ୍ଷାଗୁଡ଼ିକୁ ଖୋଦନ କରାଯାଇ ଚିତ୍ର ଦ୍ୱାରା ଦର୍ଶାଯାଇଛି । ସେଠାରେ ୨୪ଟି ବୌଦ୍ଧ ବିହାର ଓ ୫ଟି ହିନ୍ଦୁ ମନ୍ଦିର ରହିଛି । ଏହି ସମସ୍ତ ଗୁମ୍ଫା ମଧ୍ୟରେ ୧,୨,୪,୧୬,୧୭ ନମ୍ବର ଗୁମ୍ଫା ସବୁଠାରୁ ସୁନ୍ଦର ଓ ୨୬ ନମ୍ବର ଗୁମ୍ଫାରେ ବୁଧଙ୍କର ପୁନଃନିର୍ମିତ ପ୍ରତିମା ଦେଖିବାକୁ ମିଳେ । ଏହି ସ୍ଥାନ ପ୍ରକୃତିର ଖୁବ୍ ନିକଟରେ ଓ ଭୌତିକବାଦୀ ଦୁନିଆଠାରୁ ବହୁତ ଦୂରରେ । ଅଜନ୍ତା ଗୁମ୍ଫାର ଚୈତ ଗୃହରେ ସୁନ୍ଦର ଚିତ୍ର, ଛାତ ଓ ବଡ଼ ବଡ଼ ଝରକା ରହିଛି । ଖନନ ସମୟରେ ମିଳିଥିବା କେତେକ ଗୁମ୍ଫା ଦେଖିବାକୁ କାଣ୍ଡୋନ, ପିଟାଲଖୋରା, ନାସିକରେ ଥିବା ଗୁମ୍ଫା ପରି । ଚତୁର୍ଥ ଶତାବ୍ଦୀର ଦ୍ୱିତୀୟ ପର୍ଯ୍ୟାୟରେ ଏହାର ନିର୍ମାଣ ଆରମ୍ଭ ହୋଇଥିଲା । ଚୀନୀ ବୌଦ୍ଧ ଯାତ୍ରୀ ଫାହିୟାନ (ଚନ୍ଦ୍ରଗୁପ୍ତ ଦ୍ୱିତୀୟଙ୍କ ଶାସକନକାଳ ସମୟ) ଓ ହୁଏନ୍‌ସାଂ (ସମ୍ରାଟ ହର୍ଷବର୍ଦ୍ଧନଙ୍କ ସମୟରେ)ଙ୍କ ଯାତ୍ରା ବୃତ୍ତାନ୍ତରେ ଅଜନ୍ତା ଗୁମ୍ଫାର ତଥ୍ୟ ଦେଖିବାକୁ ମିଳିଥାଏ । ଗୁମ୍ଫାଗୁଡ଼ିକରୋ ଫ୍ରେସ୍‌କୋ ପେଣ୍ଟିଂର ଉପଯୋଗ କରାଯାଇଛି ।

### କେବେ ଯିବେ:

ଅଜନ୍ତା ଗୁମ୍ଫା ବର୍ଷର ସବୁ ସମୟରେ ଖୋଲା ରହେ । କିନ୍ତୁ ପ୍ରତ୍ୟେକ ସୋମବାର ଏହା ବନ୍ଦ ରହେ । ବର୍ଷର ଯେ କୌଣସି ସମୟରେ ଏହି ଗୁମ୍ଫାଗୁଡ଼ିକୁ ଦେଖିବାକୁ ଯାଇପାରିବେ । କିନ୍ତୁ ଅକ୍ଟୋବରରୁ ଫେବୃଆରୀ ପର୍ଯ୍ୟନ୍ତ ସେଠାରେ ଜଳବାୟୁ ଓ ଥଣ୍ଡା ପାଗ ଥିବାରୁ ପୂରା ବର୍ଷ ଅପେକ୍ଷା ଅଧିକ ମାତ୍ରାରେ ପର୍ଯ୍ୟଟକ ସେଠାକୁ ଯାଇଥାନ୍ତି । ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସେଠାରେ ବୁଲି ପାରିବେ ।

### କିପରି ଯିବେ:

ଔରଙ୍ଗାବାଦରୁ ୧୨୦ କି.ମି ଓ ଜଳଗାଓଁଠାରୁ ୬୦ କି.ମି. ଦୂରରେ ଅଜନ୍ତା ଗୁମ୍ଫା ଅବସ୍ଥିତ । ଏହି ଦୁଇଟି ସହରର ପର୍ଯ୍ୟଟନ ସହିତ ସଂଯୋଗ ରହିଛି । ତେଣୁ ଆକାଶମାର୍ଗରେ ଯିବାକୁ ହେଲେ ଔରଙ୍ଗାବାଦ ବିମାନ ବନ୍ଦର ପର୍ଯ୍ୟନ୍ତ ଯାଇପାରିବେ । ସେଠାରୁ ବସ୍ ବା ଟ୍ୟାକ୍ସି ଯୋଗେ ଅଜନ୍ତା ଗୁମ୍ଫା ପର୍ଯ୍ୟନ୍ତ ଯାଇପାରିବେ । ଟ୍ରେନରେ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ଜଳଗାଓଁ ପର୍ଯ୍ୟନ୍ତ ଯାଇପାରିବେ । ଏହା ଭାରତର ସମସ୍ତ ସହର ସହିତ ଯୋଡ଼ି ହୋଇ ରହିଛି । ସଡ଼କ ମାର୍ଗରେ ଯିବାକୁ ଚାହୁଁଥିଲେ ମୁମ୍ବାଇ, ମାଣ୍ଡୁ, ବୁରହାନପୁର, ମହେଶ୍ୱର ଓ ନାଗପୁରଠାରୁ ସେଠାକୁ ଯାଇହେବ ।

## ଚମତ୍କାରୀ ଚଷମା



ଦୃଷ୍ଟିଦୋଷ ଦେଖାଗଲେ ଚଷମା ଲଗାଇବାକୁ ହୁଏ । ତେବେ ଅତ୍ୟାଧୁନିକ ଜ୍ଞାନକୌଶଳର ବିକାଶ ସହିତ ଏପରି ଚଷମାସବୁ ପ୍ରସ୍ତୁତ ହୋଇଛି ଯାହା ମୁଣ୍ଡବ୍ୟଥା, କ୍ଳାନ୍ତି ଆଦି ସମସ୍ୟାରୁ ଆରାମ ଦେଇପାରିବ । ତେବେ ଏହି ଚଷମାଗୁଡ଼ିକ ବଜାରକୁ ଆସିସାରିଥିଲେ ବି ଏଗୁଡ଼ିକୁ ନେଇ ଆହୁରି ପରୀକ୍ଷାନିରୀକ୍ଷା ଜାରି ରହିଛି । ଏପରି କେତେକ ହାଇଟେକ୍ ଚଷମା ହେଲା-

ଏୟୋ ଲାଇଟ୍ ଥେରାପି ଗ୍ଲାସେସ୍: ଏଲ୍‌ଇଡି ଲାଇଟ୍ ଥିବା ଏହି ଚଷମା ହାଲ୍‌କା ନୀଳ ରଙ୍ଗର ଅଲୋକ ଦେଇଥାଏ ଯାହା ଆଖିକୁ କ୍ଳାନ୍ତିମୁକ୍ତ କରି ଶରୀର ଏବଂ ମନକୁ ସତେଜ କରିଥାଏ । ଏହା ଶରୀରର ଘଣ୍ଟାକୁ ନିୟନ୍ତ୍ରିତ କରି ନିଦ୍ରାହୀନତାରୁ ମୁକ୍ତି ଦେଇପାରେ ।

**ଆମ୍ବ୍ଲିଓପିକ୍ସ ଇଲେକ୍ଟ୍ରୋନିକ ସଟର ଗ୍ଲାସେସ୍:**

ଏହି ଚଷମାରେ ଲାଗିଥିବା ଇଲେକ୍ଟ୍ରୋନିକ ସଟର ପ୍ରତି ପାଞ୍ଚ ସେକେଣ୍ଡରେ ଉଚ୍ଚ କ୍ଷମତାସମ୍ପନ୍ନ ଆଖି ସାମ୍ନାରେ ଥିବା ଦୃଶ୍ୟକୁ ଢାଙ୍କି ଦେଇଥାଏ । ତେଣୁ ମସ୍ତିଷ୍କ ଅପେକ୍ଷାକୃତ ଦୁର୍ବଳ ଆଖି ସହାୟତାରେ ଦୃଶ୍ୟ ଦେଖିବାକୁ ଚେଷ୍ଟା କରେ । ଏହାଦ୍ୱାରା ଦୁଇଟି ଆଖି ମଧ୍ୟରୁ ଦୁର୍ବଳ ଥିବା ଆଖିର ଦୃଷ୍ଟିଶକ୍ତିରେ ସୁଧାର ଆସିପାରେ । ଆମ୍ବ୍ଲୋପିୟା ବା 'ଲେଜି ଆଇ' ସମସ୍ୟା ଥିବ । ଲୋକଙ୍କ ପାଇଁ ଏହି ଚଷମା ଖୁବ୍ ଉପଯୋଗୀ ବୋଲି ବିଶେଷଜ୍ଞ କହନ୍ତି ।

ଭିଷ୍ଟାମେସ୍ କ୍ଲିପ୍-ଅନ୍ ଗ୍ଲାସେସ୍: ଏଥିରେ ଦୁଇ ଲେନ୍ସ ମଧ୍ୟରେ ମେଶ୍ ଫିଲ୍‌ଟର ଲଗାଯାଇଛି । ଫଳରେ ଆଖି ଉପରେ ଅଧିକ ଚାପ ପଡ଼ିପାରେ ନାହିଁ । ଉଜ୍ଜ୍ୱଳ ଆଲୋକ ଯୋଗୁ ହେଉଥିବା ସମସ୍ୟା ବି ରହିନଥାଏ । ତେଣୁ ଅଧିକ ପାଳି ଭଳି ଯନ୍ତ୍ରଣାରୁ ମୁକ୍ତ ରହିହୁଏ ।

ବ୍ଲେଫାଷ୍ଟିମ ଗଗ୍‌ଲସ: ଏହି ଚଷମାରେ ଛିଦ୍ରସବୁ ରହିଛି ଯେଉଁଥିରେର ମିନେରାଲ ୱାଟର କିମ୍ବା ସାଲାଇନ୍ ଭରାଯାଇଛି । ଅନ୍ କରିବା ଦ୍ୱାରା ଏହି ଛିଦ୍ରଗୁଡ଼ିକରେ ଥିବା ପାଣି କିମ୍ବା ସାଲାଇନ୍ ପଦାର୍ଥ ବାଷ୍ପ ହୋଇ ଆଖିର କୋଷଗୁଡ଼ିକୁ ଆର୍ଦ୍ର କରିଥାଏ । ଫଳରେ ଆଖିର କୋଷ ନଷ୍ଟ ହେବା ତଥା ଦୃଷ୍ଟିଶକ୍ତି ଦୁର୍ବଳ ହେବାର ଆଶଙ୍କା କମିଯାଏ । ଦିନକୁ ଦୁଇଥର ୧୦ ମିନିଟ୍ ଯାଏ ଏହାକୁ ଲଗାଇବା ଲାଭଦାୟକ । ଶୁଖିଲା ଆଖି ଏବଂ ଆଖି ଲାଲ୍ ପଡୁଥିବା ପରି ସମସ୍ୟାରେ ଏହା ଉପଯୋଗୀ ହୋଇପାରେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

**ହୋଲୋରାସ୍ ପିନ୍‌ହୋଲ୍ ଗ୍ଲାସେସ୍:**

ଏହି ଚଷମାର ଦୁଇଟିଯାକ ଲେନ୍ସରେ ଛିଦ୍ରଯୁକ୍ତ ପରସ୍ତ ରହିଛି ଯାହା ପରୋକ୍ଷ ଆଲୋକକୁ ବାଧା ଦେଇଥାଏ । ଫଳରେ ବ୍ୟକ୍ତିଙ୍କୁ ସମ୍ମୁଖ ଦୃଶ୍ୟ ଅଧିକ ସ୍ୱଷ୍ଟ ଦେଖାଯାଏ । ଏହି ଚଷମା ଦୃଷ୍ଟିଶକ୍ତି ବଢ଼ିବାରେ ସହାୟକ ବୋଲି ନିର୍ମାତା ଜଣାଇଛନ୍ତି । ତେବେ ଏହାକୁ ପିନ୍ଧି ଗାଡ଼ି ଚଳାଇବାକୁ ବାରଣ କରାଯାଇଛି ।

## ସ୍ୱାସ୍ଥ୍ୟ ଟିପ୍ସ

ସକାଳର ସୂର୍ଯ୍ୟ କିରଣରୁ ମିଳେ ଭିଟାମିନ୍-ଡି; ଏହା ଶରୀର ପାଇଁ ଉପକାରୀ । ବ୍ରିଟେନ୍‌ର ସାଉଥ୍‌ଆମ୍ପଟନ୍ ଓ ଏଡିନ୍‌ବରା ବିଶ୍ୱବିଦ୍ୟାଳୟର ଗବେଷକଙ୍କ ସୂତ୍ରରୁ ପ୍ରକାଶ ଯେ, ଏହା ମଧ୍ୟ ଉଚ୍ଚ ରକ୍ତ ଚାପ ହ୍ରାସକାରୀ । ମଣିଷର ତ୍ୱଚା ନାଇଟ୍ରିକ୍ ଅକ୍‌ସାଇଡ୍ କଣିକାରେ ଭରପୂର । ଏଗୁଡ଼ିକ ରକ୍ତ ଚାପ ନିୟନ୍ତ୍ରଣକାରୀ । ସୂର୍ଯ୍ୟ କିରଣ ଦେହରେ ପଡ଼ିଲେ, ସ୍ୱଳ୍ପ ସଂଖ୍ୟକ ନାଇଟ୍ରିକ୍ ଅକ୍‌ସାଇଡ୍ କଣିକା ରକ୍ତରେ ମିଶି ରକ୍ତ ଚାପ ହ୍ରାସ କରାଉଥିବା ଗବେଷଣା ଫଳାଫଳରୁ ଜଣାପଡ଼ିଛି । ରକ୍ତ ଚାପ ହ୍ରାସ ପାଇଲେ ହୃତ୍‌ଘାତର ଆଶଙ୍କା ମଧ୍ୟ କମେ । ଭାରତର ସହରାଞ୍ଚଳରେ ବାସ କରୁଥିବା ସତୁରି ପ୍ରତିଶତ ଲୋକ ରକ୍ତ ଚାପ ଜନିତ ସମସ୍ୟା ଭୋଗୁଛନ୍ତି । ତେଣୁ, ସକାଳର ସୂର୍ଯ୍ୟାଲୋକରେ ସେମାନେ ଭ୍ରମଣର କରିବା ଉଚିତ ।




## କୁର୍ତ୍ତି ୱିଥ ଜିନ୍ସ

କୁର୍ତ୍ତି ଟ୍ରେଣ୍ଡ ସବୁବେଳେ ହିଟ୍ । ଝିଅମାନଙ୍କ ୱାର୍ଡରୋବରେ କୁର୍ତ୍ତି ଥିବା ସ୍ୱାଭାବିକ । ଆଉଟିଙ୍ଗ ହେଉ ବା ଅଫିସ୍, ଯେକୌଣସି ଅବସରରେ ପିନ୍ଧା ଯାଇପାରିବ । କିନ୍ତୁ ପିନ୍ଧିବାର ଉପାୟ ଜଣାଥିବା ଦରକାର । ସାଧାରଣ କୁର୍ତ୍ତିରେ ବି ଆପଣ କିପରି ଷ୍ଟାଇଲିଶ୍ ଦେଖାଯିବେ ଜାଣନ୍ତୁ କିଛି ଟିପ୍ସ ।





**କେଡିୟା କୁର୍ତ୍ତି:**
ଯଦି ଆପଣ ଭାବୁଛନ୍ତି କୁର୍ତ୍ତିରେ ଷ୍ଟାଇଲ୍‌ର କୌଣସି ଅପସନ୍ ନାହିଁ ତା ହେଲେ ଭୁଲ । ହୁଏତ ଆପଣ କେବେ କେଡିୟା କୁର୍ତ୍ତି ଟ୍ରାଏ କରିନଥିବେ । ଉଭୟ ଆଧୁନିକ ଏବଂ ଏଥନିକ ଲୁକ୍ ମିଳିଥାଏ । ଡେନିମ ଆଙ୍କେଲ ଲେନ୍‌ଥ ଜିନ୍ସ ସହିତ କ୍ୟାରି କରନ୍ତୁ । କ୍ଲାସି ଲୁକ୍ ପାଇପାରିବେ ।

**ଆସିମେଟ୍ରିକାଲ୍ କୁର୍ତ୍ତି:**
ଯଦି ଆପଣଙ୍କୁ ଲଙ୍ଗ୍ ଏବଂ ସର୍ଟ କୁର୍ତ୍ତି ପସନ୍ଦ ତା' ହେଲେ ଆସିମେଟ୍ରିକାଲ୍ କୁର୍ତ୍ତି ପରଫେକ୍ଟ । ଏହାର ଲଙ୍ଗ୍ ଏବଂ ସର୍ଟ ଷ୍ଟାଇଲ ଜିନ୍ସ ସହିତ ଭଲ ମାନିଥାଏ । କିନ୍ତୁ ଜିନ୍ସର ଲେନ୍‌ଥ ଆଙ୍କେଲ୍‌ରୁ ଅଧିକ ହୋଇନଥିବ । କ୍ୟାରି କରିବା ସହଜ ହୋଇଥାଏ ।

**ଡେନିମ୍ କୁର୍ତ୍ତି:**
ଡେନିମ୍ ଫ୍ୟାଶନ ସମସ୍ତଙ୍କୁ ପସନ୍ଦ । ଡେନିମ୍ କୁର୍ତ୍ତି ମଧ୍ୟ ଖୁବ୍ ଷ୍ଟାଇଲିଶ୍ ହୋଇଥାଏ । ଜିନ୍ସ ସହିତ ଷ୍ଟାଇଲ୍ କରିପାରିବେ । ଏହି ଷ୍ଟାଇଲ୍‌କୁ ସବୁଦିନ ଅଫିସ୍ କ୍ୟାରି କରି ଯାଇପାରିବେ । ଏହା ଏଲିଗାଣ୍ଟ ଲୁକ୍ ଦେଇଥାଏ ।

**ସ୍ଲିଟ୍ କୁର୍ତ୍ତି:**
ସ୍ଲିଟ୍ କୁର୍ତ୍ତି ଦେଖିବାକୁ ଷ୍ଟାଇଲିଶ୍ ଏବଂ ପିନ୍ଧିବାକୁ ଆରାମଦାୟକ । ବଲିଉଡ୍ ଡିଭାମାନେ ମଧ୍ୟ ଜିନ୍ସ ସହିତ ସ୍ଲିଟ୍ କୁର୍ତ୍ତି କ୍ୟାରି କରୁଥିବାର ଦେଖିବାକୁ ମିଳନ୍ତି । ତେବେ ଆପଣ ନିଜ ପସନ୍ଦ ଅନୁସାରେ ସାଇଡ୍ ସ୍ଲିଟ୍, ମିଡିଲ୍ ସ୍ଲିଟ୍ କିମ୍ବା ମଲ୍ଟିପଲ୍ ସ୍ଲିଟ୍ କୁର୍ତ୍ତିକୁ ଷ୍ଟାଇଲ କରିପାରିବେ । ପାର୍ଟି ୱିୟର ପାଇଁ ପରଫେକ୍ଟ ଲୁକ୍ ହୋଇଥାଏ । ପାର୍ଟିରେ ଅନ୍ୟମାନଙ୍କ ଠାରୁ ଅଲଗା ଦେଖାଯିବେ ।

**ଆକ୍ସେସରିଜ୍:**
କୁର୍ତ୍ତି ଜିନ୍ସ ସହିତ ମୋଜରି, ଜୁତି କିମ୍ବା ହାଇ ହିଲ୍ ଭଲ ମାନିଥାଏ । କାନରେ ଟ୍ରାଡିସନାଲ୍ ଝୁମ୍‌କା ଗଳାଇ ଦିଅନ୍ତୁ । ଷ୍ଟୋଲ୍ ବ୍ୟବହାର କଲେ ଆହୁରି ଭଲ । ହେୟାର ଷ୍ଟାଇଲ୍‌ରେ ସାଇଡ୍ ବ୍ରେଡ୍ ଏବଂ ବନ୍ ବନେଇ ପାରିବେ । ହଁ, କାଜଲ ଲଗାଇବାକୁ ଭୁଲନ୍ତୁ ନାହିଁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅନଧିକାର ଚର୍ଚ୍ଚା...

ଗଭୀର କ୍ଷତଗୁଡ଼ିକ ଥରେ ମଲମ ଲେପିଦେଇ ତା' ଉପରେ ପଟିଟିଏ ବାନ୍ଧିଦେଲେ ଭଲ ହୋଇଯାଏ ନାହିଁ। କ୍ଷତରୁ ଆରୋଗ୍ୟ ଲାଭ କରିବାକୁ ତା'ର ନିରନ୍ତର ଯତ୍ନ ନେବାକୁ ହୋଇଥାଏ। ଶ୍ରୀଲଙ୍କାର ବର୍ତ୍ତମାନର ପରିସ୍ଥିତି ସେହିଭଳି। ଗତ ସପ୍ତାହରେ ଦେଶର ପରିସ୍ଥିତିକୁ ସମ୍ଭାଳିବାକୁ ଶ୍ରୀଲଙ୍କାର ରାଷ୍ଟ୍ରପତି ଗୋଟବାୟା ରାଜପାକ୍ଷ ତାଙ୍କ ବଡ଼ଭାଇ ମହିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବାହାର କରିବାକୁ ନିଷ୍ପତ୍ତି ନେଲେ। କିନ୍ତୁ ନିକଟ ଅତୀତର ମାସଗୁଡ଼ିକରେ ତାଙ୍କ ସରକାର ବିରୋଧରେ ଯେଉଁ ଜନଅସନ୍ତୋଷ ସୃଷ୍ଟି ହୋଇଛି, ତାକୁ ଏହା ପ୍ରଶମିତ କରିବାରେ ବ୍ୟର୍ଥ ହେଲା। ୧୯୪୮ରେ ଶ୍ରୀଲଙ୍କା ଏକ ସ୍ୱାଧୀନ ରାଷ୍ଟ୍ର ହେବାପରଠାରୁ ଆଜି ପର୍ଯ୍ୟନ୍ତ ବର୍ତ୍ତମାନ ଭଳି ପରିସ୍ଥିତିକୁ କେବେହେଲେ ପ୍ରତ୍ୟକ୍ଷ କରିନଥିଲା ଏବଂ ଏହା ଖୁବ୍‌ଶୀଘ୍ର 'ପୁନରୁଦ୍ଧାର କରି ନହେବାଭଳି ପରିସ୍ଥିତିକୁ କେବେହେଲେ ପ୍ରତ୍ୟକ୍ଷ କରିନଥିଲା ଏବଂ ଏହା ଖୁବ୍‌ଶୀଘ୍ର ପୁନରୁଦ୍ଧାର କରି ନହେବା ଭଳି ପରିସ୍ଥିତିରୁ ମଧ୍ୟ ବାହାରକୁ ଚାଲିଯିବ' ବୋଲି ସତର୍କ କରାଇ ଦେଇଛନ୍ତି ଶ୍ରୀଲଙ୍କାର କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣର। ଆଉ ଏହାପରେ ରାଷ୍ଟ୍ରପତି ଗୋଟବାୟା ନେଇଛନ୍ତି ଏକ ପଦକ୍ଷେପ-ତାଙ୍କର ଦୀର୍ଘଦିନର ରାଜନୀତିକ ବିରୋଧୀ ରାନିଲ ବିକ୍ରମସିଂହେଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତ କରିଛନ୍ତି। ଏହାପରେ ଶନିବାର ଦିନ ଦେଶବ୍ୟାପି ଲକ୍‌ଡାଉନ୍‌କୁ ସାମୟିକ ଭାବରେ ଉଠାଇ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ହେବାପରେ ରାନିଲ ତାଙ୍କର ପ୍ରଥମ କ୍ୟାବିନେଟ ମନ୍ତ୍ରିମଣ୍ଡଳ ନିଯୁକ୍ତ କରିଛନ୍ତି, ଯଦିଓ ତାଙ୍କ ପୂର୍ବରୁ ସରକାର ବିପକ୍ଷ ଏବଂ ସପକ୍ଷବାଦୀଙ୍କ ମଧ୍ୟରେ ପ୍ରତିବାଦ ସମୟରେ ହୋଇଥିବା ଗଣ୍ଡଗୋଳର ଉଭୟ ପକ୍ଷରୁ ଯେଉଁ ନଅ ଜଣଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ପାଇଁ ନ୍ୟାୟ ଦାବିକରି ପ୍ରତିବାଦ ଜାରି ରହିଛି। ନବନିଯୁକ୍ତ ପ୍ରଧାନମନ୍ତ୍ରୀ ଦେଶର ମୁଖ୍ୟ ବିରୋଧୀ ଦଳ ସମାଗି ଜନ ବଲଓ୍ୱେଗାୟାକୁ ଅନୁରୋଧ କରିଛନ୍ତି ଦଳୀୟ ରାଜନୀତିକୁ ପରିହାର କରି ଦେଶରେ ଦେଖା ଦେଇଥିବା ଅର୍ଥନୀତିକ ସଙ୍କଟର ସମାଧାନ କରିବାପାଇଁ ତାଙ୍କ ସହ ହାତ ମିଳାଇ ଏକ ନିରପେକ୍ଷ ସରକାର ପ୍ରତିଷ୍ଠା କରିବାରେ ସହାୟତା କରିବାକୁ। କିନ୍ତୁ ତାଙ୍କର ରାଜନୀତିକ କ୍ୟାରିଅରରେ ଷଷ୍ଠ ଥର ପାଇଁ ଏହି ପଦ ସମ୍ଭାଳିଥିବା ରାନିଲ ସଂସଦରେ ତାଙ୍କ ଦଳର ଏକମାତ୍ର ନିର୍ବାଚିତ ସଦସ୍ୟ। ୨୦୨୦ ନିର୍ବାଚନରେ ରାନିଲଙ୍କ ଦଳ ରାଜପାକ୍ଷମାନଙ୍କ ବିରୁଦ୍ଧରେ ସମ୍ପୂର୍ଣ୍ଣ ଧୂଳିସାତ୍ ହୋଇଯାଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ଶାସକ ଏସ୍‌ଏଲ୍‌ପିପି ଦଳ ତାଙ୍କୁ ସଂସଦରେ ତାଙ୍କ ସରକାରର ବହୁମତ ସାବ୍ୟସ୍ତ କରିବାରେ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇଛି। ଏଥିରୁ ଅନୁମେୟ ଯେ ଏକ ଧ୍ୱସ୍ତବିଧ୍ୱସ୍ତ ଶ୍ରୀଲଙ୍କାକୁ ସଜାଡ଼ିବାକୁ ରାନିଲଙ୍କୁ ରାଜପାକ୍ଷମାନଙ୍କ ଉପରେ ହିଁ ନିର୍ଭର କରିବାକୁ ହେବ। ଦେଶ ଭିତରେ ଉତ୍ତେଜନା ଓ ଜନଅସନ୍ତୋଷକୁ ଶାନ୍ତ କରିବା ଉଦ୍ଦେଶ୍ୟରେ ଏକ ରାଷ୍ଟ୍ରୀୟ ଏକତା ସରକାର ପ୍ରତିଷ୍ଠା ହୋଇଥିବାର ଧାରଣା ପ୍ରଦାନ କରିବା ନିମନ୍ତେ ତାଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ବଛା ଯାଇଛି। କିନ୍ତୁ ବେଶ୍ କେତେ ସପ୍ତାହ ହେବ କଲମ୍ବୋର ସାମୁଦ୍ରିକ ଉପକୂଳବର୍ତ୍ତୀ ଗାଲେ ସହର, ଯେଉଁଠୁ ସରକାରୀ କାର୍ଯ୍ୟାଳୟଗୁଡ଼ିକ ସମେତ ବିଭିନ୍ନ ଦେଶର ଦୂତାବାସଗୁଡ଼ିକର କାର୍ଯ୍ୟାଳୟ ମାତ୍ର ଅଳ୍ପ କେତେ ମିଟର ଦୂରରେ ଅବସ୍ଥିତ, ସେଠାରେ ପ୍ରତିବାଦ ଜାରି ରଖିଥିବା ପ୍ରତିବାଦକାରୀମାନେ ପ୍ରତିବାଦ ବନ୍ଦ କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ସେମାନେ ପୁଲିସ ଏବଂ ବର୍ତ୍ତମାନ ସରକାରର ସମର୍ଥକମାନଙ୍କ ଦ୍ୱାରା ଲକ୍ଷ୍ୟଭୁକ୍ତ ହୋଇଥିବା ବ୍ୟକ୍ତିମାନଙ୍କ ପ୍ରତି ନ୍ୟାୟ ବିଚାର କରାଯିବା ଦାବିରେ ଅଟଳ ରହିଛନ୍ତି। ଆଉ ମୋଟାମୋଟି ସେମାନେ ବର୍ତ୍ତମାନର ରାଷ୍ଟ୍ରପତି ଗୋଟବାୟା ନିଜ ପଦରୁ ବିଦା ହେବା ଚାହାନ୍ତି।

ଏସବୁ ସତ୍ତ୍ୱେ ଶ୍ରୀଲଙ୍କା ସଙ୍କଟ ଅନ୍ତରାଳରେ ରହିଥିବା କାହାଣୀର ଏକ ଛିଟା ପାକ୍ ପ୍ରଣାଳୀ ଅତିକ୍ରମ କରିବା ଆଧାରିତ, ଯେଉଁଥିରୁ ଏହାର ଅତି ନିକଟତମ ପଡ଼ୋଶୀ ଭାରତ ବାଦ୍ ପଡ଼ିବାର ଆଦୌ ସମ୍ଭାବନା ନାହିଁ। ଅତୀତରେ ଅନ୍ୟ ପଡ଼ୋଶୀ ରାଷ୍ଟ୍ରମାନଙ୍କ ସଙ୍କଟ କାଳକୁ ଭାରତର ନରେନ୍ଦ୍ର ମୋଦୀଙ୍କ ସରକାର ଏହାର କୌଶଳପୂର୍ଣ୍ଣ ପ୍ରତିଯୋଗିତାର ପ୍ରିଜମ୍ ଜରିଆରେ ଚୀନ୍ ଉପରେ ପ୍ରଭାବ ବିସ୍ତାର କରିବାର ଏକ ସୁଯୋଗ ଭାବରେ ଗ୍ରହଣ କରିଆସିଛି। ଯଦିଓ ଭାରତ ଏବେ ସୁଦ୍ଧା ଅସ୍ୱୀକାର କରି ଆସୁଛି, ତେବେ ଅତୀତରେ ନିଜକୁ ସୁହାଇବା ଭଳି ସରକାରଙ୍କୁ ଶାସନ କ୍ଷମତାକୁ ଆଣିବା ପାଇଁ ଏହା ଶ୍ରୀଲଙ୍କା ଓ ନେପାଳରେ ନିଜକୁ ସୁହାଇବା ଭଳି ସରକାରଙ୍କୁ ଶାସନ କ୍ଷମତାକୁ ଆଣିବାପାଇଁ ଏହା ଶ୍ରୀଲଙ୍କା ଓ ନେପାଳରେ ଶାସନ କଳରେ ପରିବର୍ତ୍ତନ କରିବା ନିମନ୍ତେ ଉଦ୍ୟମ କରିଥିବାର ଅଭିଯୋଗ ଉଠିଥିଲା। ଚଳିତଥର କିନ୍ତୁ ଏହାକୁ ସୁହାଇବା ଭଳି ପରିଣତିର ଆଶା କରି ଏହା ଶ୍ରୀଲଙ୍କା ବ୍ୟାପାରରେ କାର୍ଯ୍ୟ କରୁଛି ବୋଲି ଏକ ଧାରଣା ସୃଷ୍ଟି ନହେବାକୁ ଦେବାପାଇଁ ଭାରତ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରୁଛି।

# ଭାଗବତଙ୍କ ଅଖଣ୍ଡ ଭାରତର ସ୍ୱପ୍ନ




ଗୋପାଳ ମହାପାତ୍ର


ହରିଦ୍ୱାର ଠାରେ ଏକ ଉତ୍ସବ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍.ଏସ୍.ଏସ୍)ର ମୁଖ୍ୟ ମୋହନ ଭାଗବତ ଆସନ୍ତା ୧୫ ବର୍ଷ ମଧ୍ୟରେ ଭାରତ ପୁନର୍ବାର ଅଖଣ୍ଡ ଭାରତରେ ପରିଣତ ହେବ ବୋଲି କହିଛନ୍ତି। ଭାଗବତଙ୍କ ଯୁକ୍ତି ହେଉଛି ସନାତନ ଧର୍ମ ହିଁ ହିନ୍ଦୁରାଷ୍ଟ୍ର। ସାଧୁସନ୍ଥ ଏବଂ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ୨୦ ରୁ ୨୫ ବର୍ଷ ମଧ୍ୟରେ ଏହା ହେବା କଥା କିନ୍ତୁ ଯଦି ଆମେ ସମସ୍ତେ ପ୍ରଚେଷ୍ଟା କରିବା ତେବେ ଏହା ୧୦ ରୁ ୧୫ ବର୍ଷ ମଧ୍ୟରେ ହୋଇପାରିବ ବୋଲି କହିଛନ୍ତି ମୋହନ ଭାଗବତ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି କାମକୁ କେହି ରୋକି ପାରିବେ ନାହିଁ। ଆମେ ଅହିଂସା କଥା କହିବା କିନ୍ତୁ ହାତରେ ଲାଠି ଧରିବାକୁ ପଡିବ। କାରଣ ଦୁନିଆ ଶକ୍ତିକୁ ହିଁ ମାନିଥାଏ। ଯେ ପର୍ଯ୍ୟନ୍ତ ରାଷ୍ଟ୍ର ରହିଛି ସେ ପର୍ଯ୍ୟନ୍ତ ଧର୍ମ ରହିଛି। ଏକ ହଜାର ବର୍ଷ କାଳ ସନାତନ ଧର୍ମକୁ ସମାପ୍ତ କରାଯିବା ପାଇଁ ପ୍ରୟାସ ହୋଇଛି କିନ୍ତୁ ସନାତନ ଧର୍ମ ରହିଛି ଓ ରହିବ। କିଛି ଲୋକ ସନାତନ ଧର୍ମକୁ ବିରୋଧ କରୁଛନ୍ତି। ବିରୋଧ ହେବାରୁ ହିଁ ହିନ୍ଦୁ ଜାଗିଉଠିଛି। ମୋହନ ଭାଗବତଙ୍କ ଏହି ମନ୍ତବ୍ୟକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଚର୍ଚ୍ଚା ହେବା ସ୍ୱାଭାବିକ ମଧ୍ୟ।

ମୋହନ ଭାଗବତ ଗତ ୧୩ ତାରିଖ ଦିନ ହରିଦ୍ୱାର ଠାରେ ଏ ଯେଉଁ ମନ୍ତବ୍ୟ ବା ବିବୃତ୍ତି ଦେଇଛନ୍ତି ତାହା ନୂଆ ନୁହେଁ। ଆର୍.ଏସ୍.ଏସ୍ ଅଖଣ୍ଡ ଭାରତ କଥା ବହୁ ଆଗରୁ କହିଆସୁଛି। ଏହା ଆରଏସ୍‌ଏସ୍‌ର ମୁଖ୍ୟ ଏଜେଣ୍ଡା। ସଂଘ ମଧ୍ୟ ପ୍ରତିବର୍ଷ ଅଗଷ୍ଟ ୧୫ ତାରିଖକୁ ଅଖଣ୍ଡ ଭାରତ ସଂକଳ୍ପ ଦିବସ ଭାବେ ପାଳନ କରୁଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ଥାପନା ପର ଠାରୁ ଏହି ଅଖଣ୍ଡ ଭାରତ ପ୍ରସଙ୍ଗ ଆରମ୍ଭ ହୋଇଯାଇଛି। ଅଖଣ୍ଡ ଭାରତର ଇତିହାସ ବହୁ ପୁରୁଣା। ବିଭିନ୍ନ ସମୟରେ ଅଖଣ୍ଡ ଭାରତ ଉପରେ ଆକ୍ରମଣ ହୋଇଛି ଓ କିଛି କିଛି ଅଂଶ (ଭୂଖଣ୍ଡ) କଟିଯାଇଛି। ଏକଥା କିଏ ବା ନଜାଣେ। ଅଖଣ୍ଡ ଭାରତର ସୀମା ସୁଦୂର ପର୍ଯ୍ୟନ୍ତ ଲମ୍ବିଥିଲା। ଆଫଗାନିସ୍ଥାନ, ଭୁଟାନ, ପାକିସ୍ତାନ, ଫିଲିଫାଇନ୍ସ, ଇରାନ, ବଙ୍ଗଳାଦେଶ, କମ୍ବୋଡିଆ, ମ୍ୟାମାର (ବର୍ମା) ଏବଂ ଇଣ୍ଡୋନେସିଆ ଅଖଣ୍ଡ ଭାରତର ଅଂଶ ଥିଲା। ଏବେ ପ୍ରାକ୍‌କାଳର ଜମ୍ବୁଦ୍ୱୀପ ନାହିଁ କିନ୍ତୁ ଆର୍ଯ୍ୟାବର୍ତ୍ତ ନାହିଁ ରହିଛି କେବଳ ଭାରତ। ଅଖଣ୍ଡ ଭାରତ ଉପରେ ଆରବ ଏବଂ ତୁର୍କୀର ମୁସଲମାନ ଶାସକମାନେ ୭ମ ଶତାବ୍ଦୀ ପର ଠାରୁ ଆକ୍ରମଣ ଆରମ୍ଭ କରିଦେଇଥିଲେ। ମୁସଲମାନ ଆକ୍ରମଣକାରୀମାନେ ମଧ୍ୟ ଅଖଣ୍ଡ ଭାରତକୁ ଲୁଟ୍ କରିଛନ୍ତି। ପରେ ଆସିଲା ଇଂରେଜ ଶାସନ। ଧିରେ ଧିରେ ଆଫଗାନିସ୍ଥାନ ଓ ଅନ୍ୟମାନେ ବିଭାଜିତ ହୋଇଗଲେ। ଭାରତବର୍ଷର ବିଖଣ୍ଡିତ (ବିଭାଜିତ) ହେବାର ଇତିହାସ ମଧ୍ୟ ବହୁତ ଲମ୍ବା।

ଅଖଣ୍ଡ ଭାରତର ସ୍ୱପ୍ନ ଦେଖିଥିଲେ ବିନାୟକ ଦାମୋଦର ସାବରକର ବା ବୀର ସାବରକର। ସମୟର ପ୍ରବାହକୁ ଠିକ୍ ଭାବେ ବୁଝିପାରିଥିଲେ ବୀର ସାବରକର। ହିନ୍ଦୁ ମହାସଭାର ନେତା ଭାବରେ ତାଙ୍କ ଭାଷଣରେ ଏବଂ ତାଙ୍କ ଲେଖା ମାଧ୍ୟମରେ ସେ ଦେଶକୁ ସାବଧାନ କରିଥିଲେ ଯେ ଭାରତ ବିଭାଜନର ପରିଣାମ କେମିତି ଦେଶକୁ ଭୋଗିବାକୁ ପଡିବ। ସାବରକର ଭାରତ ପାକିସ୍ଥାନ ବିଭାଜନକୁ ଖୋଲାଖୋଲି ବିରୋଧ କରୁଥିଲେ। ସ୍ୱାମୀ ବିବେକାନନ୍ଦ ଏବଂ ମହର୍ଷି ଅରବିନ୍ଦ ମଧ୍ୟ ଅଖଣ୍ଡ ଭାରତର ପରିକଳ୍ପନାର ପ୍ରବଳ ସମର୍ଥକ ଥିଲେ। ୭୦୦ ବର୍ଷରୁ ଅଧିକ କାଳ ବିଦେଶୀମାନଙ୍କ ଦ୍ୱାରା ଶାସିତ, ନିର୍ଯ୍ୟାତିତ ହିନ୍ଦୁମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିଥିଲେ ସ୍ୱାମୀ ବିବେକାନନ୍ଦ ଓ ମହର୍ଷି ଅରବିନ୍ଦ। ଆରଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ଅନେକବାର ଏକଥା କହିଲେଣି ଯେ ବିଶ୍ୱର କଲ୍ୟାଣ ପାଇଁ ଗୌରବଶାଳୀ ଅଖଣ୍ଡ ଭାରତର ଆବଶ୍ୟକତା ରହିଛି। ଅଖଣ୍ଡ ଭାରତର ସ୍ୱପ୍ନ ବଳପୂର୍ବକ ବା ଶକ୍ତି ଦ୍ୱାରା ସମ୍ଭବ ନୁହେଁ ବରଂ ହିନ୍ଦୁଧର୍ମ ଦ୍ୱାରା ହିଁ ସମ୍ଭବ ବୋଲି ତାଙ୍କ ମତ। ଅଖଣ୍ଡ ଭାରତରୁ ବିଭାଜିତ ହୋଇଥିବା ଅଂଶ ଯେଉଁମାନେ ଏବେ ନିଜକୁ ଭାରତର ଅଂଶ ବୋଲି ମାନୁନାହାଁନ୍ତି ସେମାନଙ୍କୁ ପୁନର୍ବାର ଯୋଡିବା ପାଇଁ ଉଦ୍ୟମ କରାଯିବା ଆବଶ୍ୟକ। ଅଖଣ୍ଡ ଭାରତ ଏକ ସ୍ୱପ୍ନ ନୁହେଁ ବରଂ ନିଷ୍ଠା ଓ ଏହା ରାଷ୍ଟ୍ରପ୍ରତି ଶ୍ରଦ୍ଧା। ଆରଏସ୍‌ଏସ୍‌ର ନେତାମାନଙ୍କ ମତରେ ଦେଶ ସ୍ୱାଧୀନ ହୋଇଛି ଓ ରାଜନୈତିକ ସ୍ୱାଧୀନତା ମିଳିଛି କିନ୍ତୁ ଏହି ସ୍ୱାଧୀନତା ସଂସ୍କୃତି ଉପରେ ଭାରି ପଡିଯାଇଛି। ଏକଥା ସତ୍ୟ ଯେ ଏବେ ଭାରତ ଏକ ଶକ୍ତିଶାଳୀ ରାଷ୍ଟ୍ର ଏବଂ ଭାରତ ପାଖରେ ଯଥେଷ୍ଟ ସୈନ୍ୟ ସାମର୍ଥ୍ୟ ରହିଛି। କିନ୍ତୁ କୌଣସି ଦେଶ ଉପରେ ଆକ୍ରମଣ କରି ତାକୁ ଭାରତ ସହ ମିଶାଇବା ଆମର ଲକ୍ଷ ହେବା ଉଚିତ୍ ନୁହେଁ। ଅଖଣ୍ଡତାର ମାର୍ଗ ସାଂସ୍କୃତିକ, ସେନା କାର୍ଯ୍ୟାନୁଷ୍ଠାନ ନୁହେଁ।

ଅଖଣ୍ଡ ଭାରତ କେବଳ ଏକ ଶବ୍ଦ ନୁହେଁ ଆମ ଦେଶଭକ୍ତି ଏବଂ ସଂକଳ୍ପର ଭାବନା। ଏଭଳି କଥା ଭାବିବାକୁ ଭୁଲ ବୋଲି କୁହାଯିବ କେମିତି? ମୋହନ ଭାଗବତଙ୍କ କଥାର ଅର୍ଥ ନୁହେଁ ଯେ ଭାରତ କୌଣସି ଦେଶ ଉପରେ ଆକ୍ରମଣ କରିବ ଓ ସେ ଦେଶକୁ ଭାରତରେ ମିଶାଇଦେବ। ବର୍ତ୍ତମାନ ବିଶ୍ୱର ପରିସ୍ଥିତି ମଧ୍ୟ ଏଥିପାଇଁ ସୁଯୋଗ ଦେବ ନାହିଁ। ମୋହନ ଭାଗବତଙ୍କ କଥାକୁ ଭିନ୍ନ ଭାବରେ ବୁଝିଲେ ଜଣାପଡେ ଯେ ଭାରତ ଆର୍ଥିକ, ବ୍ୟବସାୟିକ, ସାଂସ୍କୃତିକ ଏବଂ ଧାର୍ମିକ କ୍ଷେତ୍ରରେ ଅଧିକ ବିକାଶ କରୁ। ଫଳରେ ଅଖଣ୍ଡ ଭାରତରୁ ବିଭାଜିତ ହୋଇଥିବା ଆଫଗାନିସ୍ଥାନ, ପାକିସ୍ତାନ, ନେପାଳ, ଶ୍ରୀଲଙ୍କା, ମ୍ୟାମାର ସମେତ ଅନ୍ୟ ଦେଶମାନଙ୍କୁ ଭାରତର ଆବଶ୍ୟକତା ପଡିବ। ଏବେ ବି ଏସବୁଦେଶ ମଧ୍ୟରୁ ଅନେକ ଦେଶକୁ ଭାରତର ଆବଶ୍ୟକତା ପଡୁଛି। ସଙ୍କଟ ସମୟରେ ଭାରତ ଆଫଗାନିସ୍ତାନ, ନେପାଳ, ଶ୍ରୀଲଙ୍କା, ମ୍ୟାମାର ଏବଂ ଭୁଟାନକୁ ଉଦାର ହୃଦୟରେ ସହାୟତା ଯୋଗାଇ ଦେଉଛି। ପାକିସ୍ତାନ ଭାରତ ଠାରୁ ଅଲଗା ହୋଇଛି। ପାକିସ୍ତାନର ଅବସ୍ଥା କ'ଣ? ଭାରତ ବିରୁଦ୍ଧରେ କ୍ରମାଗତ ଚକ୍ରାନ୍ତ ଓ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଇଚାଲିଛି ପାକିସ୍ତାନ। କେତେଦିନ ପାକିସ୍ତାନ ଭାରତକୁ ବିରୋଧ କରିବ? ଦିନେ ନା ଦିନେ ସ୍ଥିତି ବଦଳିବ ନିଶ୍ଚୟ।

ଏଣୁ ଭାରତ ଶସକ୍ତ ଓ ତେଜସ୍ୱୀ ହେବା ଆବଶ୍ୟକ। ଏଥିପାଇଁ ଦେଶବାସୀ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟକରିବା ଆବଶ୍ୟକ। ଯେତେବେଳେ ଭାରତରୁ ବିଭାଜିତ ହୋଇଥିବା ଅଂଶ (ଦେଶ) ସବୁ ଭାରତ ସହ ମଧୁର ସମ୍ପର୍କ ରକ୍ଷା କରିପାରିବେ ସେତେବେଳେ ଅଖଣ୍ଡ ଭାରତର ସ୍ୱପ୍ନ ସାକାର ହୋଇପାରିବ ନିଶ୍ଚୟ।


ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪


# ସଂଗ୍ରହାଳୟର ଆଧ୍ୟାତ୍ମିକ ମୂଲ୍ୟବୋଧ




ଡାକ୍ତର ଉମେଶ ଚନ୍ଦ୍ର ପାତ୍ର


ଆଜି ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ । ୧୯୭୭ ମସିହାରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି । ସମାଜରେ ସଂଗ୍ରହାଳୟର ଭୂମିକା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଅନ୍ତର୍ଜାତୀୟ ସଂଗ୍ରହାଳୟ ପରିଷଦ ଅନୁସାରେ, ମାନବ ସଭ୍ୟତାକୁ ମନେ ରଖିବା ପାଇଁ ସଂଗ୍ରହାଳୟରେ ଅମୂଲ୍ୟ ସ୍ମାରକଗୁଡ଼ିକ ସୁରକ୍ଷିତ ରଖାଯାଏ । ଏଠାରେ ସ୍ଥାପିତ ପ୍ରତ୍ୟେକ ବସ୍ତୁ ପ୍ରକୃତି ଓ ସାଂସ୍କୃତିକ ସମ୍ପଦଗୁଡ଼ିକୁ ପ୍ରଦର୍ଶିତ କରିଥାଏ । ଅତୀତର ମୂଲ୍ୟବାନ ସ୍ମାରକ ଆଜି ବି ଅନେକ ସ୍ଥାନରେ ଅବହେଳିତ, ଅଲୋଡ଼ା, ଅଖୋଜା ତଥା ନଷ୍ଟ ହୋଇଚାଲିଛି । ସେଗୁଡ଼ିକର ଉଦ୍ଧାର ଓ ସୁରକ୍ଷା ନିହାତି ଆବଶ୍ୟକ । ସମସ୍ତେ ମିଳିମିଶି ଏହାକୁ ରକ୍ଷା କରିବା ସହ ଯତ୍ନ ନେବାକୁ ଏହି ଦିବସ ବାର୍ତ୍ତା ଦେଇଥାଏ । ପ୍ରତିବର୍ଷ ମଇ ମାସ ୧୮ର ତାରିଖକୁ ବିଶ୍ୱ ସଂଗ୍ରହାଳୟ ଦିବସ ଭାବେ ବିଶ୍ୱବ୍ୟାପୀ ପାଳନ କରାଯାଏ । ପ୍ରତିଟି କ୍ଷେତ୍ରରେ ଆଜି ସୃଜନର ବିପୁଳ ସମ୍ଭାର ଆମ୍ଭେମାନେ ଦେଖିବାକୁ ପାଉଛୁ । ଯୁଗସ୍ରଷ୍ଟାଙ୍କ ଠାରୁ ସୃଷ୍ଟିର ସେହି ଅମୃତ ସନ୍ତାନ ମଣିଷ ପର୍ଯ୍ୟନ୍ତ ବିଭିନ୍ନ ସ୍ତରର ବିଭିନ୍ନ କଳାକୃତି, ଆବିଷ୍କାର, ଉଦ୍ଭାବନ, ଅତ୍ୟାଶ୍ଚର୍ଯ୍ୟର ଘଟଣା ପ୍ରବାହର ସମ୍ମିଶ୍ରଣ ହେଉଛି ସଂଗ୍ରହାଳୟ । ବିଶ୍ୱ ଠାରୁ ଭାରତ ବର୍ଷ, ନିଜ କଳାବିମଣ୍ଡିତ ଓଡ଼ିଶା ରାଜ୍ୟ ଠାରୁ ହୀରକ ବିମଣ୍ଡିତ ବୌଦ୍ଧକ୍ଷେତ୍ର ହେଉ ସବୁଠି ଅନନ୍ୟ ଶ୍ରେଷ୍ଠ ଜୀବନ କଳାକୃତିର ସଂଗ୍ରହାଳୟର ଜୀବନ୍ତ ସ୍ୱାକ୍ଷର ରହିଛି । ଇତିହାସର ତଥ୍ୟ - ଚଣ୍ଡାଶୋକରୁ ଧର୍ମାଶୋକ ପାଲଟିଥିବା ଶାନ୍ତିଦୂତ, ଶାନ୍ତିର ପ୍ରତୀକ ବୁଦ୍ଧଙ୍କ ନିର୍ବାଣ ଏହି ସଂଗ୍ରହାଳୟର ପ୍ରତିଟି ମୁହୂର୍ତ୍ତକୁ ସ୍ମରଣୀୟ କରି ତୋଳିଛି । ସଂଗ୍ରହାଳୟ ଅର୍ଥ ନୁହେଁ କିଛି ଜିନିଷକୁ ସଜାଇ ତଳେ ପ୍ଲାକାଡ଼ ଲେଖି ରଖିଦେବା । ସଂଗ୍ରହାଳୟ ହେଉଛି ଆମର ଇତିହାସକୁ ମନେପକାଇବାର ପବିତ୍ର ସ୍ମରଣୀୟ ମୁହୂର୍ତ୍ତ । ଦିନକୁ ଦିନ ବ୍ୟସ୍ତ ବହୁଳ ଧାଁ ଦଉଡ଼ ଜୀବନ ଭିତରେ ପ୍ରାୟତଃ ସମୟ ମିଳୁନି ଆମମାନଙ୍କୁ ଆମମାନଙ୍କର ସ୍ମୃତି ବିଜଡ଼ିତ ପୂର୍ବ ଇତିହାସକୁ ପୁଣିଥରେ ମନେପକାଇବାକୁ । ସେହି ବୀରଯୋଦ୍ଧା, ତ୍ୟାଗଦୀପ୍ତ ସ୍ୱାଧୀନତା ସେନାନୀଙ୍କୁ ସ୍ମରଣ ପୂର୍ବକ ମଥାନତ ଭକ୍ତି ନୈବେଦ୍ୟ ଦେବାପାଇଁ ।

ସମଗ୍ର ବିଶ୍ୱରେ ସଂଗ୍ରହାଳୟ ସ୍ଥାପନାରେ ଶ୍ରେଷ୍ଠତା ଅର୍ଜନ କରିଥିବା ବିରଳ ରାଷ୍ଟ୍ର ଭିତରେ ଭାରତ ଅନ୍ୟତମ । ଐତିହାସିକ କ୍ଷେତ୍ର ଠାରୁ ଭୌଗୋଳିକ, କଳା ନୈପୁଣ୍ୟତାର ସ୍ଥାପତ୍ୟ ଠାରୁ ଦେବ ବିମଣ୍ଡିତ ଦେବାଳୟ ଓ ଦେବସ୍ଥାନ, ସୁଉଚ୍ଚ ଆକାଶକୁ ଛୁଇଁଥିବା ପରି ପର୍ବତମାଳା ଠାରୁ ଗିରିକନ୍ଦର, ବାରିଧାରାର ସ୍ରୋତର ଉତ୍ସ ଓ ସବୁଜ ବନାନୀର କ୍ଷେତ୍ର ଠାରୁ ସମସ୍ତ ପ୍ରାକୃତିକ ସୃଷ୍ଟି ସମ୍ଭାରର ଅନନ୍ୟ ସଂଗ୍ରହାଳୟ ଏହି ଭାରତରେ ଯାହାକୁ ଅନେକ କେହି ଜାଣିନଥାନ୍ତି । ହୀରକ୍ ବିମଣ୍ଡିତ କ୍ଷେତ୍ର ଲଳିତଗିରିରୁ ଏକଦା ଆବିଷ୍କୃତ ହୋଇଥିଲା ବୁଦ୍ଧଙ୍କ ପବିତ୍ର ସ୍ମୃତି ସମ୍ଭାର ଯେଉଁଥିରେ ସୁନାର ଦାନ୍ତ ବା କାସ୍କେଟ୍ ବି ସ୍ଥାନିତ ହୋଇଥିଲା। ଅଧୁନା ଝାଡ଼ଖଣ୍ଡର ଦେଓଘର ଠାରେ ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ମୃତି ବିଜଡ଼ିତ ଠାକୁର ବାଡ଼ି ହେଉ ବା ବାଂଲାଦେଶର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମସ୍ଥାନ ଦେବଭୂମି ପାବନା, ହିମାୟିତପୁରରେ ଶ୍ରୀ ଶ୍ରୀ ଠାକୁରଙ୍କ ସ୍ମୃତି ବିଜଡ଼ିତ ଅନେକ ଦୁଃଷ୍ପ୍ରାପ୍ୟ ଓ ଦୁର୍ମୂଲ୍ୟ ଆଧ୍ୟାତ୍ମିକ ସଂଗ୍ରହଣୀୟ ମୂଲ୍ୟବାନ ପଦାର୍ଥ, ସନ୍ତକ ଓ ଉପାଦେୟ ପୁସ୍ତକ, ଫଟୋଚିତ୍ର ରହିଛି ଯାହାକି ଅଗଣିତ ଆଧ୍ୟାତ୍ମଲିପ୍ସୁ, ଧର୍ମାଶ୍ରିତ ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗୀ ଅନୁଗାମୀ ମାନଙ୍କୁ ଟାଣି ନେଇଥାଏ। ଅନେକ ହୁଏତ ଜାଣି ନଥିବେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିବ୍ୟ ସାନ୍ନିଧ୍ୟ, କୃପା, କଥୋପକଥନ ବା ଆଶୀର୍ବାଦ ପ୍ରାପ୍ତି ପାଇଁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ, ପ୍ରଧାନମନ୍ତ୍ରୀ ଗୁଲଜାରିଲାଲ ନନ୍ଦା, ବିହାରର ତତ୍କାଳୀନ ପ୍ରଧାନମନ୍ତ୍ରୀ ବିନୋଦାନନ୍ଦ ଝା ଓ ତତ୍କାଳୀନ ସମାଜର ସମ୍ପାଦକ ବିଶିଷ୍ଟ ରାଜନେତା ସମାଜସେବୀ ରାଧାନାଥ ରଥ ପ୍ରମୁଖଙ୍କ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହ ସ୍ମୃତି ବିଜଡ଼ିତ ଫଟୋଚିତ୍ର ଓ ଉପାଦେୟ ଦସ୍ତାବିଜ୍ ରହିଛି। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମସ୍ଥାନ ବାଂଲାଦେଶ ପାବନା ହିମାୟିତପୁରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ ଜାତିର ପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ସହିତ କଥୋପକଥନ ଇତିହାସ ପୃଷ୍ଠାରେ ଓ ପ୍ରବହମାନ ପଦ୍ମାନଦୀର ପାଣି ଓ ପବନରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ। ପ୍ରଶ୍ନ ଉଠେ, ସଂଗ୍ରହାଳୟର ଆବଶ୍ୟକତା କ'ଣ ? ସଂଗ୍ରହାଳୟ ଆଜି କେବଳ ଗବେଷକ ନୁହଁନ୍ତି ଅନିସିନ୍ଧୁସୁଙ୍କ ଠାରୁ ଛାତ୍ରଛାତ୍ରୀ, ଶିକ୍ଷାବିତ୍‌ଙ୍କ ଠାରୁ ସୃଜନାତ୍ମକ ଚରିତ୍ର ସମସ୍ତଙ୍କ ପାଇଁ ଆଲୋଚ୍ୟ ଓ ଆଗ୍ରହର ପ୍ରସଙ୍ଗ ପାଲଟିଛି । ଭାରତ ବାହାରେ ଚୀନ୍, ରୁଷ, ଜାପାନ, ଆମେରିକା ଠାରୁ ନେପାଳ, ଶ୍ରୀଲଙ୍କା ଓ ପାକିସ୍ଥାନରେ ମଧ୍ୟ ଅନେକ ବିରଳ ସଂଗ୍ରହ କଳାକୃତିକୁ ନେଇ ଆନ୍ତର୍ଜାତିକସ୍ତରର ସଂଗ୍ରହାଳୟ ସ୍ଥାପନ ହୋଇଛି । ପ୍ରତି ବର୍ଷ ଲକ୍ଷାଧିକ ସଂଗ୍ରହାଳୟପ୍ରେମୀ ସେଠାକୁ ଯାଇ ନିଜ ଗବେଷଣା ଓ ସୃଜନ ସମ୍ଭାରର ଜୟଯାତ୍ରାକୁ ଅବ୍ୟାହତ ରଖିଥାନ୍ତି । ସଂପ୍ରତି ସରକାରୀସ୍ତରରୁ ବେସରକାରୀସ୍ତର ପର୍ଯ୍ୟନ୍ତ ସବୁଠି ସଂଗ୍ରହାଳୟ ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ମୁଦ୍ରା ସଂଗ୍ରହ ଠାରୁ ଦୈନିକ ଖବର କାଗଜ, ବିଭିନ୍ନ ପଥରର ସୂକ୍ଷ୍ମ କାରୁକାର୍ଯ୍ୟର କଳାକୃତି ଠାରୁ ବିଜ୍ଞାନ ସମ୍ବନ୍ଧୀୟ ସାମଗ୍ରୀ । ଲୋକଲୋଚନର ଉହାଡ଼ରୁ ଲୁପ୍ତପ୍ରାୟ ବିରଳ କୀର୍ତ୍ତିରାଜି ଆଜି ମଧ୍ୟ ସଂଗ୍ରହାଳୟରେ ସ୍ଥାନିତ ହେଉଛି । କେବଳ ସେତିକି ନୁହେଁ ଏହି ଦୁଃସ୍ପ୍ରାପ୍ୟ କଳାକୃତିକୁ ସଂଗ୍ରହ କରି ସଂଗ୍ରହାଳୟରେ ରୂପ ଦେବା ପାଇଁ ଆଜି ଛାତ୍ରଛାତ୍ରୀ ଓ ଗବେଷକଙ୍କ ଭିତରେ ଶ୍ରଦ୍ଧା ବୃଦ୍ଧି ପାଉଛି ଏହା ଖୁବ୍ ଖୁସିର କଥା । ସଂଗ୍ରହାଳୟ ନଥିଲେ ସତରେ ଗୋଟିଏ ଜାତିର, ଗୋଟିଏ ରାଷ୍ଟ୍ରର ଇତିହାସ ଚିନ୍ତା କରିହୁଏନା ଏହା ଯଥାର୍ଥ ପ୍ରତୀୟମାନ ହୁଏ । ହଜିଯାଇଥିବା ଘଟଣାର କାହାଣୀ ହେଉ ବା ସମୟ ସୁଅରେ ଲିଭିବାକୁ ବସିଥିବା ସ୍ମୃତି ବିଜଡ଼ିତ କାହାଣୀ, ଘଟଣା, ପ୍ରସଙ୍ଗ ସ୍ଥାନିତ ହୋଇଥାଏ ଏହି ସଂଗ୍ରହାଳୟରେ । ସଂଗ୍ରହାଳୟ ସମସ୍ତଙ୍କ ପାଇଁ ଦର୍ଶନର ଶ୍ରଦ୍ଧାଶୀଳ କେନ୍ଦ୍ରବିନ୍ଦୁ ପାଲଟିଥାଏ । ଆଜି ଆଧ୍ୟାତ୍ମିକ ଓ ସେବାଭିମୁଖୀ ସଂଗଠନମାନେ ସଂଗ୍ରହାଳୟ ପାଇଁ ବିରଳ ଦୁଃଷ୍ପ୍ରାପ୍ୟର ସମ୍ଭାରକୁ ନେଇ ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ ମାଧ୍ୟରେ ସଚେତନତା ସୃଷ୍ଟି କରିବାକୁ ସମର୍ଥ ହେଉଛନ୍ତି । ସଂଗ୍ରହାଳୟ ପ୍ରତି-ମମତାବୋଧ ଓ ଶ୍ରଦ୍ଧା ସବୁଠାରୁ ବଡ଼କଥା । ଆମ ମାନଙ୍କର ହାତପାହାନ୍ତାରେ ଏପରି ନୈସର୍ଗିକ ଜିନିଷର ଛବିଟିଏ ପାଇଥାଉ ଯାହାହୁଏତ ଆମ ପାଇଁ ଛୋଟ ମନେହେଲେ ବି ତାହା ଜଣେ ଗବେଷକ ସଂପନ୍ନ ସଂଗ୍ରାହକ ପାଇଁ ବିରଳ ଓ ଦୁଃସ୍ପ୍ରାପ୍ୟ ପଦାର୍ଥଟି ହୋଇପାରେ । ଆଜି ବିଶ୍ୱ ସଂଗ୍ରହାଳୟ ଦିବସ ଅବସରରେ ସମସ୍ତଙ୍କ ଭିତରେ ନିଜ ସୀମିତସାଧ ଭିତରେ ଦୁଃଷ୍ପ୍ରାପ୍ୟ ଲୁପ୍ତପ୍ରାୟ ବିରଳ କୀର୍ତ୍ତିରାଜିର ସମ୍ଭାରକୁ ସଂରକ୍ଷଣ ଓ ଭଲପାଇବାର ଦିନଟିଏ ହେଉ ଆଜିର ଦିନ । ପରବର୍ତ୍ତୀ ପିଢ଼ୀ ପାଇଁ ସମୟର ସୁଅ ଭିତରେ କିଛି ସ୍ମୃତିର ସ୍ମାରକୀ ସଂରକ୍ଷଣ କରି କାଳର କରାଳ ସ୍ରୋତ ଭିତରେ ଇତିହାସକୁ ମନେପକାଇବାର ପବିତ୍ର ଦିନ ହେଉ ବିଶ୍ୱ ସଂଗ୍ରହାଳୟ ଦିବସ ।


+ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭





## ହାତ ପାପୁଲିର ରେଖା


ମୋହନ ଚରଣ ବିଷି


ସେଦିନ ପ୍ରବଚନରେ
ବାବଜୀ କହୁଥିଲେ
ତାଳିମାରିଲେ ହସ୍ତର ରେଖା
ପରିବର୍ତ୍ତନ ହୋଇଥାଏ ।
ହାତ ପାପୁଲିରେ ଜୀବନର
ସବୁ ରେଖା ଅଛି
ବିଦ୍ୟା ରେଖା ଅଛି ଆୟୁରେଖା ଅଛି
ଧନରେଖା ଅଛି ସୁଖ ରେଖା ଅଛି
ପୁଣି ଅଛି
ସନ୍ତାନ ରେଖା ଆଉ ବିବାହ ରେଖା
ଅଛି ପୁଣି
ଶଂଖ, ଚକ୍ର, ଗଦା, ପଦ୍ମ
ଏମିତି ଯେ କେତେ ଚିହ୍ନ
ପାପୁଲିର ଜୀବନ ଇତିବୃତ୍ତ
ହାତ ପାପୁଲି
କଲମ ଧରି ସର୍ଜନା କରେ
ଛୁରୀ ଧରି ହତ୍ୟା କରେ
ପାପୁଲିରେ ଆଶୀର୍ବାଦ କରେ
ସାବାସୀ ଦିଏ ପିଠି ଥାପୁଡି
କର୍ମ କରେ ହାତ ପ୍ରସାରୀ
ଭାଗ୍ୟରେଖା ଯଦି ନାହିଁ
ଚାଣକ୍ୟ ପରି କାଟ ଭାଇ
ନିଜ ଭାଗ୍ୟରେଖା
ନିଜହାତରେ
ନିଜେ ଗଢିପାରେ
ନିଜେ ଭାଂଗିପାରେ
କର୍ମ ହିଁ କାଟିବ
ପାପୁଲି ରେଖା
ମିଛମାୟାରେ କିଆଁ
ଅକାବକା
ହେଲେ
ପାପୁଲି ନାହିଁ ଯାହାର
ଜଗା ଅଟେ ତାହାର ।


+ଗଡରାମାଲ
କୋକସରା, କଳାହାଣ୍ଡି
ମୋ-୯୭୭୭୪୬୮୮୪୧


## କବିତାତ ଜୀବନର ଆଦ୍ୟ ଉଚ୍ଚାରଣ


ପ୍ରଦୀପ୍ତ କୁମାର ଦାସ


କବିତାରେ ବାରିହୁଏ ଜୀବନର କଥା
କବିତାରେ ବାଢ଼ିହୁଏ ମରମର ବ୍ୟଥା,
କବିତାରେ ଆଙ୍କିହୁଏ ଅଦୃଶ୍ୟର ଦୃଶ୍ୟ
କବିତାରେ ଗଢିହୁଏ ବିଶ୍ୱାସର ବିଶ୍ୱ,
କବିତାତ ସୁଖ, ଶାନ୍ତି, ପ୍ରିୟତମ ସତ୍ୟ
କବିତାତ ଆବେଗର ଶାବ୍ଦିକ ସ୍ଥାପତ୍ୟ,
କବିତାରେ ଫିଟିପଡ଼େ ପୁଣ୍ୟର କୈବଲ୍ୟ
କବିତାରେ ବାରିହୁଏ ମାଆର ବାତ୍ସଲ୍ୟ,
କବିତାରେ ଫୁଟିଥାଏ ଶରଧାର ଫୁଲ
କବିତାରେ ହସିଥାଏ ପ୍ରୀତିର ଫସଲ,
କବିତାରେ ଥାଏ ଭରି ସବିତାର ତେଜ
କବିତାତ ପାରିଦିଏ ସେନେହର ସେଜ,
କବିତାତ ସତ୍ୟ- ଶିବ-ସୁନ୍ଦର ର ସ୍ୱର
କବିତାବି ଧରମର ପବିତ୍ର ଆଧାର,
କବିତାତ ଜୀବନର ଅନୁପମ ଛନ୍ଦ
କବିତାତ ପୁଣ୍ୟମୟ ଶୁଦ୍ଧ ମକରନ୍ଦ,
କବିତାର ପରିସର ଜନ୍ମରୁ ମରଣ
କବିତାତ ଜୀବନର ଆଦ୍ୟ ଉଚ୍ଚାରଣ ।


+ କଣ୍ଟାବଣିଆ, ଯାଜପୁର
ମୋ -୮୫୯୪୮୮୫୮୯୮


## ଏମିତି ଏ ଜୀବନ


ସୁନୀଲ କୁମାର ପ୍ରଧାନ


ପାହାଡ ଭାଇ ଡାକୁଛି ରହି
ରକ୍ଷା କରନ୍ତୁ ମତେ
ସବୁ ବୃକ୍ଷ ଯାକ ଛେଦନ ହୋଇଲା
କେମିତି ବଞ୍ଚିବି ସତେ ।
ପାହାଡ ଉପରେ ମୟୂର ରହି
ନାଚଇ ମେଘକୁ ଚାହିଁ
ମେଘ ତ କହୁଛି ମୁଁ ନ ବର୍ଷିବି
କିଏ ସେ କରିବ ତ୍ରାହି ।
ଗଛ ର କାହାଣୀ ଆଉ କି ବର୍ଣ୍ଣିବ
ସେ ବି କହୁଛି ରହି
ମୋର ଫଳ ଖାଇ ମୋର ଛାଇ ପାଇ
ମଣିଷ ଦିଅଇ ମାରି ।
ଅମ୍ଳଜାନ ନେଲା ଅଙ୍ଗାର ଛାଡ଼ିଲା
ସବୁ ମୁଁ ନିଅଇ ଭାଇ
ତଥାପି ମଣିଷ ମତେ କାଟି ଦିଏ
ମନରେ ସାହାସ ବହି ।
ପାହାଡ କହୁଛି ମୋର କିଛି ନାହିଁ
ବୃକ୍ଷ ପାଇଁ ମୁଁ ସୁନ୍ଦର
ଦୂରରୁ ଦେଖିଲେ ଲୋକ ତ ବୋଲାନ୍ତି
ସତେ କି ଯିବା ସେଠାର ।
କେତେ ଚେର ମୂଳି ମୁହିଁତ ରଖିଛି
ସାଇତି କରିଣ ବନେ
ଯାହାର ଯାହା ଆବଶ୍ୟକ ହୁଏ
ଆଣନ୍ତି ନିଜର ସ୍ଥାନେ ।
ମଳୟ ପବନ ବହୁଛି ଉଜାଣି
ତାକୁ କେ ପାରିବ ରଖି
ସବୁରି ଜିମାରେ ହସ ଖୁସି ଖେଳେ
ପ୍ରକୃତି ମାଆକୁ ଦେଖି ।
ଗଛର ଶରୀରେ ପ୍ରଭୁ ବାସ କରେ
ନବକଳେବର ପାଇଁ
ଏଣୁ ଭାଇ ଆମେ ଗଛ ନ କାଟିବା
ରଖିବେ ଜଗତ ସାଇଁ ।
ବୃକ୍ଷର ମହତ୍ତ୍ୱ କେମିତି ପାଇବ
ଲଗାଇବା ଏକ ଗଛ
ସାଇତି ରଖିଲେ ଆମକୁ ଦିଅଇ
ସମସ୍ତ ପ୍ରକାର ଯଶ ।
ଧ୍ୱନି ପ୍ରତିଧ୍ୱନି ପାହାଡ ଦିଅଇ
ଲାଗଇ ବହୁତ ମଜା
ବନ୍ୟ ଜନ୍ତୁ ସବୁ ଲୋପ ପାଇଗଲା
ପାଇଣ କଷ୍ଟର ସଜା ।
ଆସନ୍ତୁ ଭାଇନା କରିବା ଶପଥ
ନ କାଟିବା ବୃକ୍ଷ କେହି
ତାକୁ କାଟିଦେଲେ ଆମେ କି ବଞ୍ଚିବା
ଜୀବନରେ ଦୁଃଖ ବହି ।


+ଝାଟିପଦର, ପାଲୁର,ଗଞ୍ଜାମ
ସରକାରୀ ବିଜ୍ଞାନ ମହାବିଦ୍ୟାଳୟ,
ଛତ୍ରପୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬


## ଦରକାର ନାହିଁ


କୁନା ସେଠୀ


ଦରକାର ନାହିଁ ଭାଗରୁ ବଳକା
ଦରକାର ନାହିଁ କେବେ
ଦରକାର ନାହିଁ ମିଛ ସନମାନ
ଠକୁଆ ଲାଞ୍ଚୁଆ ଭାବେ ।
ଦରକାର ନାହିଁ ପରଧନମାନ
ପରର ଦରବ ଯେତେ
ପରିଶ୍ରମ କରି ରୋଜଗାର କଲେ
ଅଣ୍ଟିବ ଜୀବନେ ସତେ ।
ଦରକାର ନାହିଁ ମିଛ କହିବାଟା
ସବୁଠାରେ ସବୁ ବେଳେ
ଅନ୍ୟର ଜୀବନ ବଞ୍ଚାଇବା ପାଇଁ
ମିଛଟା ସତରେ ଖେଳେ ।
ଦରକାର ନାହିଁ ଇଜ୍ଜତ ଲୁଟିବା
ନିଜ ମନ ଖୁସି ପାଇଁ
ଅନ୍ୟର ଇଜ୍ଜତ ଲୁଟି କେହି କେବେ
ଭଲରେ ନାହାଁନ୍ତି ଭାଇ ।
ଦରକାର ନାହିଁ ଅତି କଥା ସବୁ
ଇତି ହୋଇଯାଏ ତାହା
ଯେତିକି ଲୋଡ଼ା ଯେ ନିଜର କରିବା
ଫେରାଇବା ବାକି ଯାହା ।
ଦରକାର ନାହିଁ ଅନାଦର କଥା
ଯାହା ଭଲ ଲାଗେ ନାହିଁ
ଭଲ ଲାଗୁଥିବା ଜିନିଷ ଗୁଡାକ
ନିଜର କରିବା ନେଇ ।
ଦରକାର ନାହିଁ ଗାଳି ମନ୍ଦ ସବୁ
ଅପ୍ରିୟ ଲାଗଇ ସବୁ
ଶତ୍ରୁ ସୃଷ୍ଟିକାରୀ କଥା ଗୁଡାକ ଯେ
ଭଲ ଲାଗେ ନାହିଁ ବାବୁ ।
ଦରକାର ନାହିଁ କୂଟ କପଟ ଯେ
ଜୀବନକୁ ଯାଏ ଘୋରି
ସରଳ ମନକୁ ସରଳିଆ ପଣ
ଜୀବନ ଯାଏ ଯେ ପୁରି ।
ଦରକାର ନାହିଁ ଅଲୋଡ଼ା ଦରବ
ଯେତେ ଦାମୀକିଆ ହେଲେ
ସୁନ୍ଦର ହୋଇଲେ କାମେ ନ ଆସିଲେ
କଣ ହବ ଯେତେ ଥିଲେ ??
ଦରକାର ନାହିଁ କିଛି ତାହାଠାରୁ
ଜା ମନେ ସରସ ନାହିଁ
କୁଣ୍ଠିତ ମନରେ ଦେଉଥାଏ ଯିଏ
ଦେବିକି ନ ଦେବି ହୋଇ ।
ଦରକାର ନାହିଁ ଗରବ ଦରବ
ସ୍ୱାର୍ଥ ପରିଆର ଭାବ
କୁହାମୁଣ୍ଡା ପରା କପିଳା ପରିକା
ସବୁ କିଛି ବଖାଣିବ ।
ଦରକାର ନାହିଁ ପଦ ଓ ପଦବୀ
ଅନିଷ୍ଟ ଯେ କରୁଥିବ
ପଦବୀରେ ରହି କିଛି ନ କରଇ
ପରଧନ ଖାଉଥିବ ।
ଦରକାର ନାହିଁ ସେହି ପ୍ରେମ ସବୁ
ପ୍ରତାରଣା ଭରା ଥିବ
ବିଶ୍ୱାସ ଘାତକ କାମ କରି ପୁଣି
ଖିଲି ଖିଲି ହସୁଥିବ ।
ଦରକାର ନାହିଁ ଅସନା ଅବୁଝା
ଅମାନିଆ ମନ ଟିଏ
ମନ ପାଇଁ ମନ ବୁଝିବ ଯିଏ ଯେ
ସିଏ ପରା ସାଥିଟିଏ ।


+ଭୁତସରସିଙ୍ଗି, ଗଞ୍ଜାମ




## ପୂର୍ଣ୍ଣଚନ୍ଦ୍ର ମହାଳିକ

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ବରିରୋଡ଼, ମାର୍କୋଣା, ସିମୁଳିଆ, ବାଲେଶ୍ୱର
ମୋ: ୭୭୪୯୦୭୦୩୮୦


ଉତ୍ତର ଆଧୁନିକ ପଦ୍ୟସାହିତ୍ୟର ଜଣେ ଯଶସ୍ୱୀ ପ୍ରତିଭା ହେଉଛନ୍ତି କବି ପୂର୍ଣ୍ଣଚନ୍ଦ୍ର ମହାଳିକ । ଜଣେ ଦକ୍ଷ ଶିକ୍ଷା ପ୍ରଶାସକ ରୂପେ ବରି ସରକାରୀ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରହି ଚାକିରୀରୁ ଅବସର ଗ୍ରହଣ କରିଛନ୍ତି ସେ । ଦୀର୍ଘ ଚାରି ଦଶନ୍ଧି ଧରି ନିଜର ଶିକ୍ଷକତା ଜୀବନ ମଧ୍ୟରେ ହଜାର ହଜାର ଛାତ୍ରଜୀବନ ଗଢ଼ିଛନ୍ତି । ଶ୍ରେଣୀ କକ୍ଷର ଓଡ଼ିଆ ଓ ଇଂରାଜୀ ଭାଷା ସାହିତ୍ୟ ଶିକ୍ଷାଦାନ ସମୟରେ ତାଙ୍କ ସୃଜନଶୀଳ ମନ ବେଶ୍ ସ୍ୱପ୍ନବିଭୋର ହୋଇଉଠିଛି । କବିତା, ଗଳ୍ପ, ପ୍ରବନ୍ଧ ରଚନା କରି ବିଦ୍ୟାଳୟର ମୁଖପତ୍ର ଠାରୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ କରି ନିଜ ପ୍ରତିଭାର ସ୍ୱତନ୍ତ୍ର ସ୍ୱାକ୍ଷର ସୃଷ୍ଟି କରିଛନ୍ତି । ନିଜ ଛାତ୍ର ଜୀବନରୁ ସାରସ୍ୱତ ସାଧନା ଆରମ୍ଭ କରିଥିବା ଶ୍ରୀ ମହାଳିକ ଉତ୍ତର ଜୀବନରେ ନିଜକୁ ଜଣେ ପ୍ରତିଶ୍ରୁତିସମ୍ପନ୍ନ ସ୍ରଷ୍ଟାଭାବେ ପ୍ରତିଷ୍ଠା କରିଛନ୍ତି, ଏହା ହିଁ ତ ତାଙ୍କ ସୃଜନର ସଫଳ ଜୟଯାତ୍ରା । ପ୍ରେମ, ପ୍ରଣୟ, ବିରହ, ମିଳନ ପୁଣି ବିପ୍ଳବର ସ୍ୱର ଉତ୍ତୋଳନ କରି ସାମାଜିକ ଉତ୍ଥାନର ବାର୍ତ୍ତା ବହନ କରେ ତାଙ୍କ ପ୍ରଥମ କବିତା ସଂକଳନ 'କାମନାର ଶତଦଳେ' । ସଂକଳନଟିରେ ପାଠକ ଏକ ସମ୍ମିଶ୍ରିତ ସ୍ୱାଦ ପାଇପାରିବେ । ପ୍ରେମ ଓ ପ୍ରଣୟ ସହ ଦେଶପ୍ରେମର ଗୁଣଗାନ ସର୍ବୋପରି ଯଶସ୍ୱୀ ସ୍ରଷ୍ଟାମାନଙ୍କ ପ୍ରତି ଥିବା ଶ୍ରଦ୍ଧାର୍ଘ୍ୟ ମଧ୍ୟ ସଂକଳନଟିକୁ ଗୌରବ ପ୍ରଦାନ କରିଛି । ଏହା ପାଠକ ପ୍ରାଣକୁ ଆହ୍ଲାଦିତ କରିବ, ଏହା ନିଃସଂଦେହ ।




## ଭୂମା ହିଁ କବିଙ୍କୁ କାଳୋତ୍ତୀର୍ଣ୍ଣ କରେ...

କବିତା କଣ ଲେଖାଯାଏ ନା କବିତା ଆପଣାଛାଏଁ ଲେଖି ହୋଇଯାଏ । ଏ ପ୍ରଶ୍ନ ଏକ ବହୁ ଚର୍ଚ୍ଚିତ ତଥା ଆଲୋଚିତ ପ୍ରସଙ୍ଗର ଗୁରୁତ୍ୱ ବହନ କରେ । ଅନେକ କୁହନ୍ତି କବିଟିଏ ଜନ୍ମ ନେବାକୁ ତାର ଅନେକ ଜନ୍ମର ତପସ୍ୟା ଥାଏ, ତାହା ପ୍ରାରବ୍ଧ । ଆଉ କେତେକଙ୍କ ମତରେ ମା'ମାଟି ଓ ମାତୃଭାଷା କବିଙ୍କୁ ସୃଜନଶକ୍ତିର ଅଧିକାରୀ କରାଏ । କାଳ ହିଁ ତାଙ୍କୁ କବିଟିଏ କରାଇବାରେ ସକଳଶକ୍ତି ପ୍ରଦାନ କରେ । ଯାହା ବି ହେଉ କବିଟିଏ ଜନ୍ମଲାଭ କରେ ଭୂମିରେ, ଭୂମା ହିଁ କବିଙ୍କୁ କାଳୋତୀର୍ଣ୍ଣ କରିଥାଏ । କବିର ସାଧନା, କବିର ପ୍ରାର୍ଥନା ଓ କବିର ସୃଜନପଣ ହିଁ କବିତାକୁ ସମକାଳରେ ଉତ୍ତରିତ କରେ । କବି ହିଁ କାଳର ମୁଖପାତ୍ର । କବିତା ଲେଖାଯାଏ ନା ତାହା ଆପଣାଛାଏଁ ଲେଖି ହୋଇଯାଏ ହୃଦୟରେ, କବିର ମନ କାନଭାସରେ ଓ ଶେଷରେ କାଗଜର ପ୍ରତିଟି ପୃଷ୍ଠାରେ । ଆମେ ତାକୁ ଗ୍ରନ୍ଥ କହୁ, କବିତା ସଂକଳନ କହୁ । କବି ହିଁ ତ ପ୍ରଜାପତି । ସେ ସ୍ରଷ୍ଟା । ସେ ସୃଜନଶକ୍ତି ଧାରଣ କରିଥାଏ ବୋଲି ତ ସେ ଦ୍ୱିତୀୟ ଈଶ୍ୱର । ଐଶ୍ୱରିକ ଶକ୍ତିର ଉତ୍ସ ନଥିଲେ କେହି ଜଣେ କବି ହୋଇପାରେ ?

ବାଣୀପୁତ୍ର ହେବାପାଇଁ ବାଣୀ ଆରଧନାର ଆବଶ୍ୟକତା ରହିଛି, ଏହାକୁ ସମସ୍ତେ ସ୍ୱୀକାର କରିବେ । କବି ପୂର୍ଣ୍ଣଚନ୍ଦ୍ର ମହାଳିକ ଜଣେ ଯଶସ୍ୱୀ ଶିକ୍ଷାବିତ୍ । ଦୀର୍ଘ ଚାରି ଦଶନ୍ଧିର ଶ୍ରେଣୀକକ୍ଷର ଶିକ୍ଷାଦାନ କାଳରେ ସେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷା ସାହିତ୍ୟର ଅନେକ ସଫଳ ତଥା କାଳଜୟୀ ସୃଷ୍ଟି ସହିତ ଆତ୍ମିକ ଭାବରେ ହଜିଛନ୍ତି, ମଜିଛନ୍ତି ଓ ରସ ଆସ୍ୱାଦନ କରିବାରେ ନିଜକୁ ସମର୍ପିତ କରିଛନ୍ତି, ଏହା କହିବା ଅପ୍ରାସଙ୍ଗିକ ହେବନି । କବିଙ୍କର ପ୍ରଥମ କବିତା ସଂକଳନ 'କାମନାର ଶତଦଳେ'ରେ ୫୧ଟି କବିତା ରହିଛି । ପ୍ରତ୍ୟେକଟି କବିତାରେ କବିଙ୍କର ଅନୁଭବ ଓ ସମକାଳର ସ୍ୱର ଓ ସ୍ୱାକ୍ଷର ଥିବା ଦେଖିବାକୁ ମିଳେ । କବିଙ୍କର ବହୁ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ଲାଭ କରି ପାଠକଙ୍କ ମନକୁ ଛୁଇଁଛି । ମୁଁ କବିଙ୍କ ସହିତ ଦୀର୍ଘ ତିରିଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମିଶିଛି । ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବରେ ମଧ୍ୟ ସାମିଲ ହୋଇଛି ।

ସେ ଜଣେ ସାହିତ୍ୟ ପ୍ରାଣ ସୁମଣିଷ । ସେଇଥିପାଇଁ ତ ତାଙ୍କ କବିତାରେ ସ୍ନେହ, ପ୍ରେମ, ପ୍ରଣୟ, ମିଳନ, ବିଚ୍ଛେଦ ପୁଣି ମଣିଷର ସୁଖ ଦୁଃଖର କଥା କୁହାଯାଇଥିବା ବେଳେ ବିପ୍ଳବ ଓ ସଂଗ୍ରାମର ସ୍ୱର ଦେଖିବାକୁ ମିଳେ । ଅନ୍ୟାୟ ଓ ଅନୀତି ବିରୁଦ୍ଧରେ ମଧ୍ୟ କବିଙ୍କ ଲେଖନୀ ସ୍ୱର ଉଠାଇଛି । ମିତ୍ରାକ୍ଷର ଓ ଅମିତ୍ରାକ୍ଷର ଛନ୍ଦରେ କବି କବିତା ଲେଖିବାରେ ମାହିର । କାମନାର ଶତଦଳରେ ପ୍ରକାଶ ପାଇଥିବା କେତୋଟି ଚତୁର୍ଦ୍ଦଶପଦୀ କବିତା ବା ସନେଟ ଗୋଟିଏ ଗୋଟିଏ ସାର୍ଥକ ଓ ସଫଳ ସୃଷ୍ଟି । ସଂକଳନର ନାମ ବହନ କରୁଥିବା କାମନାର ଶତଦଳେ ମଧ୍ୟ ଏକ ସନେଟ । ଯଶସ୍ୱୀ କବି ମାନସିଂହଙ୍କ ପ୍ରଭାବ ବେଶ୍ ପରିଲିକ୍ଷିତ ହୁଏ ତାଙ୍କ କବିତାରେ । କବିତାଗୁଡ଼ିକ ପାଠ କଲେ ପାଠକଟିଏ ସମସ୍ତ ପ୍ରକାର ରସ ଓ ସ୍ୱାଦ ପାଇପାରିବ, ଏହି କଥାର ସତ୍ୟତା ସଂକଳନଟିକୁ ସଂପୂର୍ଣ୍ଣ ପାଠକଲା ପରେ ସ୍ପଷ୍ଟ ହୋଇଯିବ । ଭାବ ଓ ଆବେଗ ହିଁ କବିତାର ଆତ୍ମା । ଯାହା କବି ପୂର୍ଣ୍ଣଚନ୍ଦ୍ର ମହାଳିକଙ୍କୁ ସଫଳତା ଆଣିଦେବ, ଏ ଆଶା ଓ ବିଶ୍ୱାସ ମୋର ରହିଛି । କବି ୭୨ଟି ବସନ୍ତ ଅତିକ୍ରମ କରିସାରିଛନ୍ତି । ଏକ ଉତ୍ତରିତ କବି ଆତ୍ମାର ଉତ୍ତରଣ ହିଁ ତାଙ୍କୁ କାଳଜୟୀ କରୁ, କବିତା ସଂକଳନ 'କାମନାର ଶତଦଳେ' ପାଠକ ପ୍ରାଣରେ ଶତ କମଳର ସୁଗନ୍ଧ ସୃଷ୍ଟି କରୁ, ଏହି ଆଶା ଓ ଆକାଂକ୍ଷା ପୋଷଣ କରୁଛି । ଓଡ଼ିଆ ଭାଷା ସାହିତ୍ୟରେ ଏହା ଏକ ସଂପତ୍ତି ରୂପେ ବିବେଚିତ ହେଉ । ସଂକଳନଟି ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛି, ଏ ବିଶ୍ୱାସ ମୋର ରହିଛି ଚିରକାଳ । କବିଙ୍କ ଲେଖନୀ ସ୍ରୋତସ୍ୱିନୀ ହେଉ । ଉତ୍କଳ ଜନନୀର ସେବା ପାଇଁ ସେ ନିଜକୁ ନିୟୋଜିତ କରି ରଖିଥାନ୍ତୁ । ଏତିକି ବିଭୁଚରଣାରବିନ୍ଦରେ ପ୍ରାର୍ଥନା

ବନ୍ଦେ ଉତ୍କଳ ଜନନୀ ।




**ଭରତ ଚନ୍ଦ୍ର ଦାଶ**
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ସିମୁଳିଆ
ବାଲେଶ୍ୱର


## ଯୂଇର ମଧୁପ ତମେ

ବିରହିଣୀ ତୃଷ୍ଣା ଆକୁଳେ ମିନତି କରେ
ଅଧର ଯୁଗଳେ ଗୋଲାପୀ ହସର ଢେଉ
ଚଳଚଞ୍ଚଳ ନୟନେ ଅକୁହା କଥା
ହୃଦୟ କନ୍ଦରୁ ଦିବ୍ୟ ଝରଣା ଝରେ ।

ଦିବ୍ୟ କଳସ ଅନୁରୋଧ ତମ ଆସେ ଧରିବି କରେ
ଅର୍ଘ୍ୟ ଟେକିବି ବିଧିର ହାତରେ ଶ୍ରଦ୍ଧାର ସୁମନ ଦେଇ
ଚାରୁଶୀଳା ତମ ହୃଦୟ ମାତର ଚାହେଁ
ଜୀବନ ସଙ୍ଗୀତ ଯଦି ଗାଇପାର ଥରେ ।

ପାଷାଣ ହୃଦୟ ଖାଲି, ନୀରବତା ତମ ଭାଷା !
ମମତା ନଈର ଅନ୍ଧାରୀ ମୁଲକେ ମାପ ତମେ ଗଭୀରତା
ଥରେ ଜୀବନ ବୀଣାର ଝଙ୍କାର ତୋଳି ଦେଖ
କିପରି ହସୁଛି ଏଇ ପ୍ରଭାତରେ, ସକଳ ପୂର୍ବ ଆଶା ?

ଭଲ ପାଇବାର ଯୂଇର ମଧୁପ ତମେ
ଭସ୍ମ ଭିତରେ ଜୀବନ ଯାହାକୁ ଚୁମେ ।




**ବିଶ୍ୱରଂଜନ ଦାସ**
ବିଭାଗ ମୁଖ୍ୟ, ଅଧ୍ୟାପକ, ଓଡ଼ିଆ
ବି.ଏନ୍.ଏମ୍.ଏ କଲେଜ,
ପାଳିଆବିନ୍ଧା, ଭଦ୍ରକ
ମୋ: ୯୯୩୭୭୭୯୪୫୨


## ବାକ୍ ଶକ୍ତି ବାଗ୍‌ଦେବୀଙ୍କର ଏକ ଦିବ୍ୟ ଉପହାର

ସଭ୍ୟତାର ଜଟିଳତା ଦ୍ୱାରା କବିତା ପ୍ରଭାବିତ ହୁଏ ବୋଲି ଯାହା କୁହାଯାଏ, କବି ପୂର୍ଣ୍ଣଚନ୍ଦ୍ର ମହାଳିକଙ୍କ କବିତା ପଢ଼ିଲେ ସେକଥାଟି ଆଦୌ ବିଶ୍ୱାସ-ଯୋଗ୍ୟ ହୁଏନା । କାରଣ କବିତା କାଳେ କାଳେ ଅବୋଧ ବାଳିକା ପରି ନିହାତି ସରଳ ଓ ନିରୀହ । ଯଦିଓ ତା'ର ଅଙ୍ଗରୀତିରେ ଅଭିନବତା ଫୁଟି ଉଠିଥାଏ, ମାତ୍ର ଆତ୍ମିକ ଦିଗଟି ଅତ୍ୟନ୍ତ କମନୀୟ ଭାବେ ପ୍ରଭାବଶାଳୀ । କବିର ବାସ୍ତବ ଜୀବନଚର୍ଯ୍ୟା ଓ ତାର ଅଙ୍ଗେନିଭା ଘଟଣା ତଥା ଦୃଶ୍ୟରାଜି କାବ୍ୟ ପରିଧି ଭିତରୁ ନିର୍ବିକାରରେ ଅବତରଣ କରିଆସନ୍ତି । ପୃଥିବୀରେ ଅନେକ ଘଟଣା ଘଟିଚାଲୁଥାଏ । କବି ତାର ଆଖପାଖର ମହାକାଳର କରାଳଗ୍ରାସୀ ରୂପଛବିକୁ ବି ପ୍ରତ୍ୟକ୍ଷ କରେ । ସବୁ ବିଭେଦତା ଓ ବିଭଂଗତାକୁ ଦେଖି ଦେଖି ହୁଏତ କାହା ମନରେ ବିଷାଦଭାବ ସଂଚାର ହୁଏ । କିନ୍ତୁ କାବ୍ୟଦୃଷ୍ଟି ସକଳ ପ୍ରତିକୂଳତା ଭିତରେ ତା' ଭିତରୁ ଜୀବନର ବର୍ଣ୍ଣବିଭାକୁ ଅନୁଭବ କରେ । ସର୍ବଦା ବିଭଂଗ, ଅପଦୃଶ୍ୟ, ପ୍ରଳୟ ଓ ମୃତ୍ୟୁର କଥା କବିତାରେ କୁହାଗଲେ, ହୃଦୟର ନନ୍ଦନବନରେ କବିତାର ସୁକୋମଳ କୁସୁମ ପ୍ରସ୍ଫୁଟିତ ହୁଏନାହିଁ । ଅନିର୍ବଚନୀୟ କାବ୍ୟ ଝଙ୍କାର ନିର୍ଲିପ୍ତ ଭାବ ଜଗାଇପାରେନାହିଁ କି ମନରେ ସଂଗୀତର ବିମଳ ଅନୁରଣନ ସୃଷ୍ଟି ହୁଏନାହିଁ । ଏଇଥିପାଇଁ ସକଳ ଯନ୍ତ୍ରଣାରେ ଜୀବନ ପାଇଁ ଲୋଡ଼ାହୁଏ ମଧୁରତାର ପ୍ରଲେପ । ଯେଉଁଠି କାବ୍ୟଭାଷାରେ କଦମ୍ବବନର ଗୀତି ଝଙ୍କୃତ ହୁଏ, ସେଇଠି କବିତା ସୁନ୍ଦରୀ ଅପୂର୍ବ ଶୋଭାଶ୍ରୀରେ ହୁଏ ବିଭୂଷିତା । କାବ୍ୟଭୂମି ସ୍ୱୟଂସମ୍ପୂର୍ଣ୍ଣ ଏକ ସ୍ୱାଧୀନ କ୍ଷେତ୍ର । କବି ସ୍ୱାଧୀନତାର ନାନ୍ଦିକାର । ଏଠି କାହାରି ହସ୍ତକ୍ଷେପ ବରଦାସ୍ତ ହୁଏନା । କବିର ମାନସିକ ଆଲୋଡ଼ନ, ତା'ର ଅନ୍ତର୍ଦ୍ୱନ୍ଦ୍ୱ, ଜୀବନ ଜିଜ୍ଞାସା, ଦୃଢ଼ତା ଓ ସହନଶୀଳତା ପ୍ରତିଟି ଘଟଣ ଅଘଟଣ ସହିତ ଏକପ୍ରକାର ବୁଝାମଣାପତ୍ର ସ୍ୱାକ୍ଷର କରି ଚାଲୁଥାଏ । କୌଣସି ବିଷୟକୁ ବୁଝିବାର ଅର୍ଥ ତାହାକୁ ମର୍ମେ ମର୍ମେ ଅନୁଭବ କରିବା, ଜାଣିବା ଓ ସମ୍ମୁଖୀନ ହେବା । କବିତା କବିର ବ୍ୟକ୍ତିଗତ ଅନୁଭବର ବ୍ୟାପାର । ବିସ୍ତୃତ ଭାବଭୂମିରେ ଜୀବନର ବିବିଧ ବର୍ଣ୍ଣାଳି ଆଙ୍କିଲା ବେଳେ କାବ୍ୟଭାଷା ସାର୍ବଜନିନ ହେବାର ସାମର୍ଥ୍ୟ ରଖେ । ଏହି ଦୃଷ୍ଟିରୁ ବିବେଚନା କଲେ କବି ପୂର୍ଣ୍ଣଚନ୍ଦ୍ର ମହାଳିକଙ୍କ 'କାମନାର ଶତଦଳେ' କବିତା ସଂକଳନରେ କବିର ବ୍ୟକ୍ତିଗତ ଅନୁଭବ, ଜୀବନଚର୍ଯ୍ୟା ଓ ଜାଗତିକ ନିବିଡ଼ ସମ୍ବନ୍ଧ କ୍ରମେ ସାର୍ବଜନିନ ରୂପଲାଭ କରିପାରିଛି । କବି କୌଣସି ତଥାକଥିତ ବାଦ, ତତ୍ତ୍ୱ ଓ ଚେତନାରେ ବଶବର୍ତ୍ତୀ ନହୋଇ ନିଛକ ଭାବେ ସ୍ୱାନୁଭବ ଜୀବନ ଅନୁସଙ୍ଗକୁ ସାଉଁଟି କବିତାର ଲଳିତ ରୂପଚିତ୍ର ଅଙ୍କନ କରିଛନ୍ତି ।

କବି ପୂର୍ଣ୍ଣଚନ୍ଦ୍ରଙ୍କ ପ୍ରୋକ୍ତ ସଂକଳନଟିରେ ମୋଟ ୫୧ଟି ମୌଳିକ କବିତା ସ୍ଥାନିତ । କବିତାଗୁଡ଼ିକ ସାମଗ୍ରିକ ଭାବେ ଏକମୁଖୀନ ଭାବଧର୍ମକୁ ଗ୍ରହଣ କରିନାହିଁ । ଐତିହ୍ୟ ସଚେତନତା, ପ୍ରକୃତିପ୍ରୀତି, ଦେଶପ୍ରାଣତା, ମାତୃସ୍ମୃତି, ସାମାଜିକତା, ସାମ୍ୟବୋଧ, ଗ୍ରାମ୍ୟ ପ୍ରୀତିବୋଧ, ପୂଜ୍ୟପୂଜା ପ୍ରତି ସମ୍ମାନବୋଧ, ମାନବିକ ସଂବେଗ, ମୃତ୍ୟୁବୋଧ, ବିଷାଦବାଦ ଓ ଆଧ୍ୟାତ୍ମିକତା ତାଙ୍କ କବିତାଗୁଡ଼ିକ ଆତ୍ମିକ ବିଭବ । କବିତାର ଅଙ୍ଗରୀତିରେ କବି କେଉଁଠି ସନେଟ୍ ରୀତିକୁ ଆପଣେଇଛନ୍ତି ତ କେଉଁଠି କଥା-କବିତା, ଅଷ୍ଟାକ୍ଷରୀ, ନବାକ୍ଷରୀ, ଗଦ୍ୟଧର୍ମିତା, ଗାଥାଧର୍ମିତା, ଚିତ୍ରଧର୍ମିତା ଓ ଛୋଟଛୋଟ ପଦସଂଯୋଜନ ଶୈଳୀର ପ୍ରୟୋଗ କରିଛନ୍ତି । କବି ବିନୋଦ ନାୟକଙ୍କ ରୋମାଣ୍ଟିକ କାବ୍ୟଦୃଷ୍ଟି ଓ ସୁଦୂରର ମୋହ ଅନେକତୁ କବି ଭାବନାକୁ ଉଚ୍ଚାଟ କରିଥିବା ବେଳେ ରାଧାନାଥୀ ପ୍ରେମପ୍ରଣୟ ଭାବନା କାବ୍ୟଚେତନାକୁ ଅଭିମନ୍ତ୍ରିତ କରିଛି । ପ୍ରକାଶରୀତିରେ କବି ଉଭୟ ପାରମ୍ପରିକ ଓ ଆଧୁନିକ ଶୈଳୀକୁ ସ୍ଥାନ ଦେଇଛନ୍ତି । କବିଙ୍କ ଐତିହ୍ୟପ୍ରାଣତାର ଏକ ଦୃଷ୍ଟାନ୍ତ ତାଙ୍କ 'ଶିଳ୍ପୀ ସପନ' କବିତାରୁ ଗ୍ରହଣ କରାଯାଇପାରେ ।

ଓଡ଼ିଆ ଶିଳ୍ପୀର ନିହାଣ ମୁନର କଥା, ପଥରରେ ବୁକୁର ଭାଷା ଓ ଶିଳ୍ପୀ ବଧୂର ବିରହ ଗାଥାକୁ କବି ଶୁଣିଛନ୍ତି ଓ ଓଡ଼ିଆ ଜାତିର ଐତିହ୍ୟ ଭାବନାର ସ୍ମୃତିଚାରଣ କରିଛନ୍ତି । ରକ୍ତତୀର୍ଥର ସଂଗ୍ରାମ ଓ ପ୍ରାଣତ୍ୟାଗର ମର୍ମଥରା ଗାଥା ବହନ କରିଛି ତାଙ୍କର 'ଅମୃତ ଉତ୍ସବ ବେଳାରେ' କବିତା । ସେହିପରି ନଦୀ ଭାବନାକୁ ନେଇ ତାଙ୍କର ଏକ କବିତା 'ମନ୍ତେଇ ଲୋ ! ମଉନାବତୀ ବିରହ ବିଧୂରା' । ଏଥିରେ କବି ନଦୀ, ନାରୀ ଓ ତାର ରୂପଛନ୍ଦର ପ୍ରାଣସ୍ପନ୍ଦନକୁ ଚିତ୍ରିତ କରିବା ସହିତ ଜୀବନ ଜୀବିକାର ଆଧାର, ସାରସ୍ୱତ ସାଧକଙ୍କ ଭୂଇଁ ଓ ଗାନ୍ଧିସ୍ମୃତିର ସ୍ୱାକ୍ଷର ବହନ କରିଥିବା ମନ୍ତେଇକୁ ନେଇ ବିରହ ବିଧୂରା ସଂଗୀତ ଗାନ କରିଛନ୍ତି ।

ସମଗ୍ର ସଂକଳନରେ ସ୍ଥାନିତ କବିଙ୍କ ଚତୁର୍ଦ୍ଦଶପାଦୀ କବିତାଗୁଡ଼ିକ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଛି । ତାଙ୍କର 'ମୁଁ ଯେ ମରିନାହିଁ ବଂଚିନାହିଁ', 'ପ୍ରୀତିର ଅବିର', 'ବିଜନତା ମନର ଆକାଶ', 'ହେନାଫୁଲ', 'ଚିର ଆୟୁଷ୍ମାନ', 'ଯୂଇର ମଧୁପ ତମେ', 'ଅତୀତର ସପନ ମଧୁର', 'ମହକାଳ ପ୍ରଣୟର ଜୟଗାନ କରେ', 'ସ୍ମୃତିର ସମ୍ଭାର' ଏବଂ 'କାମନାର ଶତଦଳେ' ପ୍ରଭୃତି ସନେଟଗୁଡ଼ିକର ଭାବବୋଧ ସହିତ ଅଙ୍ଗପରିପାଟୀ ବେଶ୍ ଚିତ୍ତାକର୍ଷକ ହୋଇଛି । ଏସବୁ ସନେଟଗୁଡ଼ିକରେ ସ୍ୱପ୍ନ ପ୍ରବଣତା, ବିରହୀପ୍ରାଣତା, ପ୍ରଣୟୀ ଉଚ୍ଛ୍ୱାସ ଓ କ୍ଷଣଭଂଗୁରତା ଭାବ ପ୍ରକାଶ ପାଇଛି । 'ମେଘ ମହ୍ଲାରରେ ମୟୂର ସାଜିଛି' କବିତାରୁ କବିଙ୍କର ଏ ନୂତନ ବର୍ଣ୍ଣନାରୀତିକୁ ଲକ୍ଷ୍ୟ କରାଯାଇପାରେ ।

'କାମନାର ଶତଦଳେ' କବିତା ସଂକଳନରେ କବି ବହୁବିଧ ଭାବରାଜିର ମିଶ୍ରଣ ଘଟାଇଥିଲେ ହେଁ, କବିତାର ପ୍ରମୁଖ ସ୍ୱର ହେଉଛି ରୋମାଣ୍ଟିକ ଭାବନା । କବିଙ୍କ ପରବର୍ତ୍ତୀ କାବ୍ୟଯାତ୍ରା ପ୍ରତି ସୁମନାସ ଜଣାଇ ରହୁଛି ।

## କବିତା କବିର ବ୍ୟକ୍ତିଗତ ଅନୁଭବର ବ୍ୟପାର

**ପୂର୍ଣ୍ଣଚନ୍ଦ୍ର ମହାଳିକ**

ସାହିତ୍ୟ ଓ ସମାଜ ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ବାଣୀ କୃପା ବିନା ସାମାଜିକ ଜୀବନରେ ଭାବ ବିନିମୟର ଅନୁକୂଳ ସମ୍ଭାବନା ସଙ୍କୁଚିତ ହୋଇଯାଏ । ଶବ୍ଦବହ୍ମର ସାରସ୍ୱତୀୟ ବାତାବରଣରେ ଏକ ସମୃଦ୍ଧ ସାମାଜିକ ଜୀବନର ପରିକଳ୍ପନା କରାଯାଇପାରେ । ବାକ୍‌ଶକ୍ତି ବାଗ୍‌ଦେବୀଙ୍କର ଏକ ଦିବ୍ୟ ଉପହାର । ସେ ପବିତ୍ର ଉପହାରର ମଧୁର ଓ ସଫଳ ପ୍ରୟୋଗ ଦ୍ୱାରା ଧରାପୃଷ୍ଠରେ ଏକ ସୁସ୍ଥ ସାମାଜିକ ଜୀବନର ଭିତ୍ତି ପ୍ରସ୍ତର ସୁଦୃଢ଼ ହୁଏ । ଯୁଗେ ଯୁଗେ କବି, ଲେଖକ ଓ ସମାଲୋଚକ ସ୍ୱୀୟ ମସି ଚାଳନା କରି ସମାଜରେ ପରିବର୍ତ୍ତନକୁ ତ୍ୱରାନ୍ୱିତ କରନ୍ତି ।

ସୃଷ୍ଟି ଯେବେ ଆତ୍ମ ପ୍ରକାଶ କରିବାକୁ ଲୋଡ଼େ, ତାର ଗତି ସ୍ୱଚ୍ଛନ୍ଦ ଓ ଅପ୍ରତିହତ ହୋଇପଡ଼େ । ସେହିଭଳି ଛାତ୍ର ଜୀବନରୁ ସାହିତ୍ୟ ସାଧନା ପ୍ରତି ଶ୍ରଦ୍ଧା ଓ ଉଦ୍ୟମ ଏଯାବତ୍ ମୋ ମନ ପ୍ରାଣରେ ଉଜ୍ଜୀବିତ ।

ଯେଉଁଠି ପ୍ରଜାପ୍ରତି, ଗେଣ୍ଡୁଫୁଲ, ନଈପଠା, ପାହାଡ଼ୀ ଝରଣା ଓ ଜହ୍ନରାତି କାହିଁକି କେଜାଣି ସେଇଠି ମନଟା ଉନ୍ମନା ହୋଇଉଠେ । କିଛି ସମୟ ପାଇଁ ଚଳଚଂଚଳ ହୋଇଉଠେ ଲେଖନୀ । କବି ଜୀବନର ଶୁଭାରମ୍ଭ ହୁଏ । କବିତା, କ୍ଷୁଦ୍ରଗଳ୍ପ ଓ ପ୍ରବନ୍ଧ ରଚନାରେ ଦୀର୍ଘ ଚାରି ଦଶନ୍ଧି ସମୟ ଅତିବାହିତ କରିଛି । ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ କବିତାଗୁଡ଼ିକୁ ଏକ ସଂକଳନରେ ସାଇତି ରଖିବାପାଇଁ ସତୀର୍ଥ ସାହିତ୍ୟିକ ବନ୍ଧୁମାନଙ୍କୁ ଅନୁରୋଧକୁ ଏଡ଼ିବା ସମ୍ଭବ ହେଲାନାହିଁ ।

ଓଡ଼ିଶା ସାହିତ୍ୟ ଏକାଡେମୀର ବରେଣ୍ୟ ସଦସ୍ୟ କବି ଭରତ ଚନ୍ଦ୍ର ଦାଶଙ୍କର ନିରବଚ୍ଛିନ୍ନ ଉତ୍ସାହ ଓ ପ୍ରେରଣା ଫଳରେ ଭିନ୍ନ ସ୍ୱାଦର କବିତା ସଂକଳନ "କାମନାର ଶତଦଳେ" ଆଲୋକ ଦେଖିବାର ଶକ୍ତି ଓ ସାମର୍ଥ୍ୟ ଲାଭ କରିଛି । ସେଥିପାଇଁ ସତୀର୍ଥ ସାହିତ୍ୟିକ ବଂଧୁ ଭରତ ଚନ୍ଦ୍ର ଦାଶଙ୍କୁ ତାଙ୍କ ସହଯୋଗ ଓ ପ୍ରେରଣା ପାଇଁ ଧନ୍ୟବାଦ ଅର୍ପଣ କରୁଛି । ସାରସ୍ୱତ ପ୍ରକାଶନ, ମାର୍କୋଣା ଏହି କବିତା ସଂକଳନଟିର ପ୍ରକାଶନ ଦାୟିତ୍ୱ ସୁଚାରୁରୂପେ ସଂପାଦନ କରିଥିବାରୁ ମୁଁ ସାଧୁବାଦ ଜଣାଉଛି । ଦିବ୍ୟ ମୁଦ୍ରଣୀ, ଭୁବନେଶ୍ୱର ଏହାର ମୁଦ୍ରଣ, ରୂପସଜ୍ଜା ଓ ପ୍ରଚ୍ଛଦ ଅଙ୍କନ କରି ଏହାକୁ ଆକର୍ଷଣୀୟ କରିଥିବାରୁ ଏହାର ସତ୍ତ୍ୱାଧିକାରୀ ଶ୍ରୀ ବିଭୂପସୂନ ଦାସଙ୍କୁ ବଧେଇ ଜଣାଉଛି ।

ବିରଂଚିନାରାୟଣ ମାଧବାର୍ଜ୍ଜୁନ କଲେଜ, ପାଳିଆବିନ୍ଧା, ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ତଥା ବିଶିଷ୍ଟ ସମାଲୋଚକ ଅଧ୍ୟାପକ ବିଶ୍ୱରଂଜନ ଦାସ 'କାମନାର ଶତଦଳେ'ର ମୁଖବନ୍ଧ ରଚନା କରି ସଂକଳନଟିକୁ ଗୌରବାବହ କରିଥିବାରୁ ତାଙ୍କୁ ମୋର ସପ୍ରେମ କୃତଜ୍ଞତା ।

'କାମନାର ଶତଦଳେ'ର ତ୍ରୁଟି ସଂଶୋଧନରେ ଓଁକାର, ସସ୍ମିତା-ଉମାକାନ୍ତ ଓ ଶାନ୍ତିଲତା ନାୟକ ଯେଉଁ ସହଯୋଗର ହାତ ବଢ଼ାଇଛନ୍ତି, ତାହା ଚିରଦିନ ସ୍ମରଣୀୟ ହୋଇ ରହିବ ।

ସୁଶ୍ରୀ କମଳିନୀ ପାଣିଗ୍ରାହୀ ଓ ଇତିଶ୍ରୀଙ୍କ ପ୍ରେରଣା ମୋତେ କବିତାମନସ୍କ କରାଇଛି, ତାଙ୍କୁ ମୋର ସାଧୁବାଦ । ପାଠକଙ୍କ ହୃଦୟରେ କାମନାର ଶତଦଳେ ଯଦି ତିଳେମାତ୍ର ଶ୍ରଦ୍ଧା ଓ ଭଲପାଇବା ସୃଷ୍ଟିକରେ,

ମୋ ଶ୍ରମ ସାର୍ଥକ ହେବ ।



# ଆନ୍ଧ୍ର ଆମ୍ବ ଉପରେ ଓଡ଼ିଶାର ଭରସା



ବ୍ରହ୍ମପୁର ,୧୭/୦୫ (ନି.ପ୍ର): ବ୍ରହ୍ମପୁର ଅନ୍ଧପସରା ରୋଡ଼ରେ ଖୋଲିଛି ଓଡ଼ିଶାର ସର୍ବବୃହତ ନୀଳକଣ୍ଠେଶ୍ୱର ଆମ୍ବ ମାର୍କେଟ। ରାଜ୍ୟର ବିଭିନ୍ନ ସ୍ଥାନକୁ ଏହି ମାର୍କେଟରୁ ଆମ୍ବ ରପ୍ତାନି ହୋଇଥାଏ। ପଡ଼ୋଶୀ ରାଜ୍ୟ ଆନ୍ଧ୍ରରୁ ଏଠାକୁ ଆମ୍ବ ଆସିଥାଏ। ଗଞ୍ଜାମ ଜିଲ୍ଲାରେ ଉତ୍ପାଦନ ହେଉଥିବା ଆମ୍ବ ଲୋକଙ୍କ ଚାହିଦା ମେଣ୍ଟାଇ ପାରୁନାହିଁ। ଏଣୁ ଆନ୍ଧ୍ର ଆମ୍ବ ଉପରେ ଓଡ଼ିଶାକୁ ଭରସା କରିବାକୁ ପଡ଼ିଥାଏ। ଚଳିତବର୍ଷ ଆମଦାନି କମିଥିବାରୁ ବ୍ୟବସାୟୀ ଚିନ୍ତାରେ ରହିଛନ୍ତି। ୧୯୯୫ ମସିହାରେ ଏହି ମାର୍କେଟ ଗଢ଼ି ଉଠିଥିଲା। ପ୍ରଥମକରି ମାର୍କେଟ ପରିସରରେ ୮୪ଟି ଦୋକାନ ଗଢ଼ି ଉଠିଥିଲା। ପ୍ରଥମେ କମ୍ ସଂଖ୍ୟକ ବ୍ୟବସାୟୀ ଆମ୍ବ ବ୍ୟବସାୟ କରୁଥିଲେ। ପରେ ସମସ୍ତ ଦୋକାନରେ ଆମ୍ବ ବ୍ୟବସାୟ ଆରମ୍ଭ ହୋଇଥିଲା। ଏହି ଆମ୍ବ ମାର୍କେଟରେ ଗଞ୍ଜାମ ଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ବିଭିନ୍ନ କିସମର ଆମ୍ବ ମିଳିଥାଏ। ଏହି ମାର୍କେଟରୁ ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗକୁ ଆମ୍ବ ରପ୍ତାନି ହୋଇଥାଏ। ଏଥିପାଇଁ ଏପ୍ରିଲ୍ ଠାରୁ ଜୁଲାଇ ମାସ ଯାଏ ବଜାର ଚଳଚଞ୍ଚଳ ହୋଇ ଉଠିଥାଏ। ପଡ଼ୋଶୀ ରାଜ୍ୟ ଆନ୍ଧ୍ରରୁ ଶହଶହ ଟନ୍ ଆମ୍ବ ଆମଦାନି ହୋଇଥାଏ। ଏହାପରେ ବିଭିନ୍ନ ରାଜ୍ୟକୁ ରପ୍ତାନି କରାଯାଇଥାଏ। ଏଠାରେ ଆମ୍ବର ଦର କମ୍ ରହୁଥିବାରୁ ବଜାରରେ ବାହାର ରାଜ୍ୟର ବ୍ୟବସାୟୀଙ୍କ ସମାଗମ ମଧ ଦେଖିବାକୁ ମିଳିଥାଏ। କିନ୍ତୁ ଚଳିତ ବର୍ଷ ଆମ୍ବର ଆମଦାନି ବହୁ ମାତ୍ରାରେ ହ୍ରାସ ପାଇଛି। ଏହି ବଜାରକୁ ଶ୍ରୀକାକୁଲମ୍, ରାଉଲକୁଲମ୍, ବିଜୟାନଗରମ୍, ଏଲୁରୁ, ବିଜୟାଡ଼ା ଆଦି ଅଞ୍ଚଳରୁ ବାଇଗଣପଲ୍ଲୀ, ତୋତାପୁରୀ, ପାନକୁଲ୍ଲୁ, ସୁବର୍ଣ୍ଣରେଖା ଭଳି ବିଭିନ୍ନ କିସମର ଆମ୍ବ ଆମଦାନି ହୋଇଥାଏ। କିନ୍ତୁ ଚଳିତବର୍ଷ ଜାନୁଆରି ହୋଇଥିବା ଅଦିନିଆ ବର୍ଷା ଯୋଗୁଁ ବଉଳ ଝଡ଼ି ପଡ଼ିଥିଲା। ସେହିପରି ଠିକ୍ ସମୟରେ ବର୍ଷା ନହେବାରୁ ଆମ୍ବ କଷି ପୋଡ଼ି ଯାଇଥିଲା। ଫଳରେ ଆନ୍ଧ୍ରରେ ଆମ୍ବ ଚାଷରେ ବହୁ କ୍ଷତି ହୋଇଥିଲା। ଏଣୁ ଆମଦାନି କମିଥିବା ବ୍ୟବସାୟୀମାନେ କହିଛନ୍ତି। ବର୍ତ୍ତମାନ ରାଜମହେନ୍ଦ୍ରୀ ଓ ଆଖାପାଖ ଅଞ୍ଚଳରୁ ବ୍ରହ୍ମପୁରକୁ ଆମ୍ବ ଆସୁଥିବା ନୀଳକଣ୍ଠେଶ୍ୱର ଆମ୍ବ ମାର୍କେଟ ଆସୋସିଏସନ୍‌ର ସମ୍ପାଦକ ପ୍ରକାଶ ଚନ୍ଦ୍ର ଗୌଡ଼ ସୂଚନା ଦେଇଛନ୍ତି। ଆମଦାନି କମିଥିବାରୁ ଦର ମଧ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇଛି। ପୂର୍ବରୁ ଖୁଚୁରା ବଜାରରେ ମିଠା ଆମ୍ବ ୪୦/୫୦ଟଙ୍କାରେ ମିଳି ଯାଉଥିବା ବେଳେ ଚଳିତ ବର୍ଷ ଭଲ ଆମ୍ବ କିଲୋ ୯୦/୧୦୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ପୂର୍ବରୁ ବଜାରକୁ ଦୈନିକ ପ୍ରାୟ ୨ଶହ ଟନ୍ ଆମ୍ବ ଆସୁଥିଲା। କିନ୍ତୁ ଚଳିତ ବର୍ଷ ଦୈନିକ ୮୦/୯୦ଟନ୍ ଆମ୍ବ ଆସୁଥିବା ବ୍ୟବସାୟୀମାନେ କହିଛନ୍ତି।

# ସପିଂ ମଲ୍‌ରେ ଅଗ୍ନି ନିରାପତ୍ତା ଯାଞ୍ଚ : ତ୍ରୁଟି ନସୁଧାରିଲେ କାର୍ଯ୍ୟାନୁଷ୍ଠାନ



କେନ୍ଦୁଝର,୧୭/୦୫ (ନି.ପ୍ର): କେନ୍ଦୁଝର ଅଗ୍ନିଶମ ବିଭାଗ ପକ୍ଷରୁ ଆଜି କେନ୍ଦୁଝର ସହରର ବିଭିନ୍ନ ସପିଂମଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରାଯାଇଛି। ସହରରେ ଥିବା ଭି ମାର୍ଟ, ଷ୍ଟାଇଲ ବଜାର, ରିଲାଏନ୍ସ ଟ୍ରେଣ୍ଡ ଏବଂ ବିଗ୍‌ବଜାର ସପିଂମଲ୍‌ର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇଛି। ବିଗ୍‌ବଜାରର ସମସ୍ତ ବ୍ୟବସ୍ଥା ଠିକ୍ ଥିବାବେଳେ ଅନ୍ୟ ମଲ୍ ଗୁଡ଼ିକରେ କିଛି ତ୍ରୁଟି ଦେଖିବାକୁ ମିଳିଛି। ତୁରନ୍ତ ତ୍ରୁଟି ସୁଧାରିବାକୁ ମଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଗ୍ନଶମ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ସେହିପରି ଅନେକ ମଲ୍‌ର ରାସ୍ତା ତଥା ପାହାଚ ଗୁଡ଼ିକର ଦୁଇ ପାର୍ଶ୍ୱରେ ଜିନିଷ ରଖାଯାଇଛି। ତାହାକୁ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ଚଢ଼ଉ ସମୟରେ ମଲ୍‌ରେ ନିଯୁକ୍ତ ହୋଇଥିବା ଉଭୟ ପୁରୁଷ ଓ ମହିଳା କର୍ମଚାରୀଙ୍କୁ ନିଆଁଲିଭା ଯନ୍ତ୍ରର ବ୍ୟବହାର ଏବଂ ନିଆଁକୁ କିପରି ଆୟତ୍ତ କରାଯିବ ସେ ସମ୍ପର୍କରେ ପଚରାଉଚରା କରାଯାଇଥିଲା। ମକ୍‌ଡ୍ରିଲ୍ ହୋଇଥିଲା। ଭି-ମାର୍ଟ, ଷ୍ଟାଇଲ ବଜାର, ରିଲାଏନ୍ସ ଟ୍ରେଣ୍ଡ ସପିଂମଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ତ୍ରୁଟି ଥିବା ସହକାରୀ ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ସାମଲ କହିଛନ୍ତି। ଏହି ୩ଟି ମଲ୍‌ରେ ସ୍ପ୍ରିଙ୍କଲର ଥିବାବେଳେ ପାଣିପାଇଁ ବ୍ୟବସ୍ଥା କରାଯାଇ ନାହିଁ। ତୁରନ୍ତ ସମସ୍ତ ବ୍ୟବସ୍ଥାକୁ ଠିକ୍ କରିବାପାଇଁ ନିର୍ଦ୍ଦେଶ ଦେଥିଲେ। ତେବେ ଆଗାମୀ ଦିନରେ ବିଭିନ୍ନ ସପିଂମଲ, ମାର୍କେଟ କଂପ୍ଲେକ୍ସ, ହଷ୍ଟେଲ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଲେଜ, ହସ୍ପିଟାଲ, ସ୍କୁଲ୍, ନର୍ସିଂହୋମ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯିବ ବୋଲି ସହକାରୀ ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ସାମଲ ସୂଚନା ଦେଇଛନ୍ତି ।

# କାର୍ ଦୁର୍ଘଟଣାରେ ରୋଗୀ ସମେତ ୩ ଗୁରୁତର

ଖୋର୍ଦ୍ଧା,୧୭/୦୫ (ନି.ପ୍ର): ରୋଗୀ ନେଇ ଯାଉଥିବା କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ରୋଗୀଙ୍କ ସମେତ ତିନି ଜଣ ଗୁରୁତର ହୋଇଛନ୍ତି। ତେବେ ଟ୍ୟୁମର ଅପରେସନ ରୋଗୀଙ୍କୁ ଭୁବନେଶ୍ୱର ଏମସ୍ ହସ୍ପିଟାଲ ନେଇ ଯାଉଥିବା କାର୍ ଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନର୍ଗତ ବାଲି କଣିଆ ଗ୍ରାମର ଗୁରୁ ଶବର (୬୦ ବର୍ଷ) ବ୍ରେନ ଟ୍ୟୁମର ରୋଗରେ ଆକ୍ରାନ୍ତ ହୋଇଥିଲେ। କିଛି ଦିନ ତଳେ ସେ ଭୁବନେଶ୍ୱର ଏମସ୍ ହସ୍ପିଟାଲରେ ଅସ୍ତ୍ରୋପଚାର କରାଇଥିଲେ। ସୋମବାର ସେ ଷ୍ଟିଚ୍ ଖୋଲିବା ପାଇଁ କାର ଯୋଗେ ଏମ୍ସ ହସ୍ପିଟାଲ ଯାଉଥିଲେ। ହେଲେ ଦୁର୍ଭାଗ୍ୟବଶତଃ କାରଟି ଟାଙ୍ଗୀ ଥାନା କୋଟିଲା ଛକରେ ବ୍ରେକ ଫେଲ ହୋଇଯାଇଥିଲା।

# ୧୩ନଂ ଜୋନରେ ଧର୍ମଶାଳା ରଜ କୁଇନର ୫ମ ପର୍ଯ୍ୟାୟ ଚୟନ

ଧର୍ମଶାଳା,୧୭/୦୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ତରଫରୁ ଧର୍ମଶାଳା ଗାର୍ଲସ ୱିଙ୍ଗ୍ ତତ୍ତ୍ୱବଧାନରେ ରଜ କୁଇନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି ପ୍ରତିଯୋଗୀତାରେ ୩୪୮ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ୫ମ ପର୍ଯ୍ୟାୟରେ ୧୩ ଜଣଙ୍କୁ ମନୋନୀତ କରାଯାଇଛି । ଧର୍ମଶାଳା ଗାର୍ଲସ ୱିଙ୍ଗ୍ ସଭାପତି କ୍ଷିରାବ୍ଦୀ ତନୟା ମଲ୍ଲିକ୍‌ଙ୍କ ନେତୃତ୍ୱରେ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ରଜ କୁଇନର ୫ମ ଜୋନ୍ ସ୍ତରୀୟ ପ୍ରତିଯୋଗିତା ହରିଦାସପୁର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୩ନଂ ଜୋନ୍‌ର ୧୦ଗୋଟି ପଂଚାୟତରୁ ୩୪୮ ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରି ଜୋନ୍ ସ୍ତରକୁ ୧୩ ଜଣ ଉନ୍ନୀତ ହୋଇଛନ୍ତି । ପ୍ରତିଯୋଗିତାରେ ବବୁଲୁ ଖାଁ, କସ୍ତୁରୀ ନାୟକ ଏବଂ ଗିରିଧାରି ବେହେରା ଜୁରୀ ଭାବେ ବିଚାର କରିଥିଲେ । ଏଥିରେ ନୃତ୍ୟ, ସଙ୍ଗୀତ, ରାମ୍‌ସୋ, ବକ୍ତୃତା ଓ ଏକକ ଅଭିନୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜୋନ ନଂ-୧୪ ଜିଲ୍ଲା ପରିଷଦ ଜଳଧର ମହାନ୍ତି ରିବନ କାଟି ଉଦ୍‌ଘାଟନ କରିଥିଲେ । ୧୩ ନଂ ଜୋନ ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଯୁବ ବିଜେଡି ସଭାପତି କ୍ଷିତିଶ କୁମାର ନାୟକ, ହରିଦାସପୁର ସରପଂଚ ବିକ୍ରମ ବିଶ୍ୱାଳ, ସମିତି ସଭ୍ୟା ସବିତା ସାମଲ ଓ ହରିଦାସପୁର ପଂଚାୟତର ଯୁବ ବିଜେଡି ସଭାପତି ମନୋରଞ୍ଜନ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିବା ବେଳେ ଗାର୍ଲସ ୱିଙ୍ଗ୍ ସମସ୍ତ କର୍ମକର୍ତା ସହଯୋଗ କରିଥିଲେ ।

# ବିବାହ ପାଇଁ ଝିଅ ବିକ୍ରି : ଚାକିରି ଦେବା ବାହାନାରେ ବାହାର ରାଜ୍ୟକୁ ଚାଲାଣ



ସୁନ୍ଦରଗଡ଼ ,୧୭/୦୫ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାରେ ବିବାହ ପାଇଁ ଝିଅ ବିକ୍ରି ! ଚାକିରି ଦେବା ବାହାନାରେ ବାହାର ରାଜ୍ୟକୁ ଚାଲାଣ କରିବାପରେ ଲକ୍ଷାଧିକ ଟଙ୍କାରେ ବିକ୍ରି କରାଯାଉଛି। ଏହି ଜାଲରେ ସହଜରେ ଫସିଯାଉଛନ୍ତି ଗରିବ ଓ ଅଭାବୀ ଘରର ଝିଅମାନେ। ବିକ୍ରି ହୋଇଥିବା ଜଣେ ଯୁବତୀଙ୍କୁ ମଧ୍ୟପ୍ରଦେଶରୁ ଉଦ୍ଧାର ପରେ ଏହିଭଳି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ସୂଚନା ଅନୁସାରେ, ସୁନ୍ଦରଗଡ଼ ସଦର ଥାନା ଅଞ୍ଚଳର ଜଣେ ୨୨ ବର୍ଷୀୟା ଯୁବତୀଙ୍କ ବିବାହ ପାଖ ଗାଁରେ ସ୍ଥିର ହୋଇଥିଲା। ଆଉ କିଛିମାସ ପରେ ସେ ଶାଶୂ ଘର ଯାଇଥା'ନ୍ତେ। ହେଲେ ଗରିବ ବାପା ବିବାହ ଖର୍ଚ୍ଚ ତୁଲାଇବାକୁ ଅକ୍ଷମ ଥିବାରୁ ଗତ ମାର୍ଚ୍ଚ ଶେଷ ସପ୍ତାହରେ ବାହାର ରାଜ୍ୟକୁ ପାଦ କାଢ଼ିଥିଲେ ଝିଅ। ଆଶା ଥିଲା ଭଲ ରୋଜଗାର କରି ବିବାହରେ ବାପାଙ୍କ ବୋଝକୁ ହାଲୁକା କରିବ। ରୋଜଗାର ପାଇଁ ସେ ପୂର୍ବରୁ ଦିଲ୍ଲୀ, ମୁମ୍ବାଇ ଯାଇଥିବାରୁ ବାପା ବି ତାଙ୍କୁ ମନା କରି ନଥିଲେ। ଘଟଣାକ୍ରମେ, ସେ ଲୁହୁରାଢ଼ିପାର ଜଣେ ଯୁବତୀଙ୍କୁ ନିଜ ସମସ୍ୟା କହିଥିଲେ। ଉକ୍ତ ଯୁବତୀ ତାଙ୍କୁ ଭଲ ରୋଜଗାର ସ୍ଥାନକୁ ନେଇଯିବାର ବିଶ୍ୱାସ ଦେଇ ଝାରସୁଗୁଡ଼ା ନେଇ ଯାଇଥିଲା। ସେଠାରେ ଅପେକ୍ଷା କରିଥିଲେ ୩ ଦଲାଲ। ସେମାନଙ୍କ ହାତରେ ତାଙ୍କୁ ଦେଇ ଫେରିଆସିଥିଲା ଯୁବତୀ। ଦଲାଲମାନେ ଯୁବତୀଙ୍କୁ ଭଲ କାମ ଓ ଅଧିକ ରୋଜଗାରର ଲୋଭ ଦେଖାଇ ମଧ୍ୟପ୍ରଦେଶ ନେଇ ଯାଇଥିଲେ। ଗଲାବେଳେ ତାଙ୍କୁ ଅଗ୍ରିମ ୫୦ ହଜାର ଟଙ୍କା ଦେଇଥିଲେ। କେବେ ଏତେ ଟଙ୍କା ଛୁଇଁ ନଥିବାରୁ ସେ ଚମକି ପଡ଼ିଥିଲେ, ସନ୍ଦେହ ବି କରିଥିଲେ। କିନ୍ତୁ ଆଗକୁ ବିବାହ ଥିବାରୁ ସେମାନଙ୍କ ସହ ଯିବାକୁ ରାଜି ହୋଇଗଲେ। ମଧ୍ୟପ୍ରଦେଶରେ ପହଞ୍ଚିବାର ଦିନକ ପରେ ସେ ଠକି ଯାଇଥିବା ଜାଣିଲେ। ତାଙ୍କୁ ଜଣେ ଲୋକ ବିବାହ କରିବାକୁ କିଣି ନେଇଥିବା ଓ ସେଥିପାଇଁ ଦୁଇ ଦଲାଲଙ୍କୁ ଅଢ଼େଇଲକ୍ଷ ଟଙ୍କା ଦେଇଥିବା ଜାଣି କାନ୍ଦିଥିଲେ। ଗାଁରେ ତାଙ୍କୁ ବିବାହ କରିବାକୁ ଅନ୍ୟ ଜଣେ ଅପେକ୍ଷା କରିଛି କହି ଛାଡ଼ି ଦେବାକୁ ବହୁ ନେହୁରା ହୋଇଥିଲେ। କିନ୍ତୁ ବର କିମ୍ବା ତା' ପରିବାର ଲୋକେ କିଛି ଶୁଣି ନଥିଲେ। ଧମକଚମକ ଦେଇ ବିବାହ କରି ଦେଇଥିଲେ। ଦଲାଲମାନେ ଟଙ୍କାନେଇ ଚାଲି ଆସିଥିଲେ। ପରେ ତାଙ୍କୁ ନଜରବନ୍ଦୀ କରି ଘରେ ରଖାଯାଇଥିଲା। କିନ୍ତୁ ସୁଯୋଗ ଦେଖି ଝିଅ ବାପାଙ୍କୁ ଫୋନ୍ କରି ସବୁ କଥା କହି ତୁରନ୍ତ ତାଙ୍କୁ ନେଇ ଯିବାକୁ କହିଥିଲେ। ଝିଅର ଦୁର୍ଦ୍ଦଶାରେ ବିଚଳିତ ବାପା ତୁରନ୍ତ ସଦର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରିବା ସହ ଫୋନ୍ ଟ୍ରାକିଂ କରି ମଧ୍ୟପ୍ରଦେଶରେ ଥିବା ବରଘର ପତ୍ତା ପାଇଥିଲା। ପରେ ସେଠାକୁ ଯାଇ ଯୁବତୀଙ୍କୁ ଉଦ୍ଧାର କରିଛି। ଅପରପକ୍ଷେ, ଝିଅ ଉଦ୍ଧାର ହୋଇ ଘରକୁ ଫେରି ଆସିଲେ ସତ, କିନ୍ତୁ ଗାଁ ପୁଅଟି ତାଙ୍କୁ ଆଉ ବିବାହ କରିବ କି ନା କିଏ ଜାଣେ, ସେ ଚିନ୍ତାରେ ଏବେ ବାପଝିଅ।

# ନିଖିଳ ଉତ୍କଳ ବାରିକ ସଂଘ, କନ୍ଧମାଳ ଶାଖାର ସାଧାରଣ ପରିଷଦ ବୈଠକ

କନ୍ଧମାଳ,୧୭/୦୫ (ନି.ପ୍ର): ଫୁଲବାଣୀ ମା ନାରାୟଣୀ ମନ୍ଦିର ପରିସରରେ ନିଖିଳ ଉତ୍କଳ ବାରିକ ସଂଘ,କନ୍ଧମାଳ ଜିଲ୍ଲା ଶାଖାର ଏକ ସାଧାରଣ ପରିଷଦ ବୈଠକ ସୋମବାର ପୁର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମଖ୍ୟ ଅତିଥି ଭାବରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ସମ୍ମାନୀତ ଅତିଥି ଭାବରେ ଫୁଲବାଣି ପୌରାଧ୍ୟକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି ଯୋଗ ଦେଇଥିବାବେଳେ ପୁରୀ–ଜିଲ୍ଲାରୁ ରାଜ୍ୟ ସଂଘର ସମ୍ପାଦକ କୁଳମଣି ବାରିକ ଏବଂ କଳାହାଣ୍ଡି ଜିଲ୍ଲାର କମୁପାଣି ବାରିକ ଯୋଗ ଦେଇଥିଲେ। କନ୍ଧମାଳ ଜିଲ୍ଲା ଶାଖାର ସଭାପତି ଭାଗବତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଶଙ୍କର ବେହେରା ଅତିଥି ସ୍ୱାଗତ କରିବା ଅବସରରେ ସଂଘ ପକ୍ଷରୁ ଅତିଥିମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ବିଧାୟକ ଶ୍ରୀ କହଁର ବାରିକ ଜାତିର ଲୋକେ କେଉଁ ଆଦିମ କାଳରୁ ସ୍ୱଳ୍ପ ପାରିଶ୍ରମିକରେ ସମାଜର ସେବା କରି ଆସୁଛି ହେଲେ ସେମାନଙ୍କର ଅଧିକାର ପାଇବାରୁ ବଂଚିତ ହୋଇଛନ୍ତି । ଏହାର କାରଣ ସେମାନେ ସଂଗଠିତ ହୋଇ ସେମାନଙ୍କର ଅଧିକାର ପାଇବାକୁ ପ୍ରଚେଷ୍ଟା କରିନାହାନ୍ତି । ତେଣୁ ସେମାନଙ୍କୁ ସଂଗଠିତ ହୋଇ ସରକାରଙ୍କ ନିକଟରେ ସେମାନଙ୍କର ନ୍ୟାର୍ଯ୍ୟଦାବୀ ପାଇବାରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଫୁଲବାଣୀ ପୌରାଧ୍ୟକ୍ଷା ଶ୍ରୀମତୀ ମହାନ୍ତି ବାରିକ ଜାତିର ଲୋକଙ୍କୁ ସେମାନଙ୍କର ସାମୁହିକ ସ୍ୱାର୍ଥ ପାଇଁ ନିଜନିଜର ସାମାନ୍ୟ ସ୍ୱାର୍ଥକୁ ତ୍ୟାଗ କରିବା ଦରକାର ବୋଲି କହିଥିଲେ। ସେହିପରି ରାଜ୍ୟ ସମ୍ପାଦକ କୁଳମଣି ବାରିକ, ପୌରାଣିକ ଯୁଗରୁ ଐତିହାସିକ ଯୁଗ ଏବଂ ଆଜି ପର୍ଯ୍ୟନ୍ତ ଏହି ଜାତିର ଲୋକେ ସମାଜକୁ ସ୍ୱଳ୍ପ ପାଉଣାରେ ସେବା ଯୋଗାଇ ଆସିଛନ୍ତି। ହେଲେ ସମାଜ, କିମ୍ବା କୌଣସି ସରକାର ସେମାନଙ୍କୁ କୌଣସି ସହାୟତା କିମ୍ବା ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଚିହ୍ନଟ କରି କୌଣସି ସହାୟତା ଦେଇନାହାନ୍ତି। ଏପରିକି କୋଭିଡ କାଳରେ ବାରିକ ମାନେ ଜୀବନ ଜିବୀକା ହରାଇଛନ୍ତି ।

# ନିଆଁଲାଗି ଜଳିଗଲେ ୱାର୍ଡସଭ୍ୟା

ତାରପୁର ,୧୭/୦୫ (ନି.ପ୍ର): ଜଗତ୍‌ସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ବିଦ୍ୟାଧରପୁର ଗ୍ରାମ ପଞ୍ଚାୟତ ୧ ନମ୍ବର ୱାର୍ଡସଭ୍ୟା ସରସ୍ୱତୀ ସେଠୀ(୫୨) ସୋମବାର ଦିନ ନିଆଁରେ ପୋଡ଼ି ହୋଇ ପ୍ରାଣ ହରାଇବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଆଜି ଦିନ ପ୍ରାୟ ସାଢ଼େ ୧୦ଟା ବେଳେ ସରସ୍ୱତୀଙ୍କ ଶରୀରର ୮୦ ଭାଗ ପୋଡ଼ି ଯାଇଥିବା ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଅଗ୍ନିଶମ ବିଭାଗ ଓ ପରେ ଅଧାବାଟରୁ ଆମ୍ବୁଲାନ୍ସରେ ଜଗତସିଂହପୁର ଜିଲ୍ଲା ମୁଖ୍ୟଚକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ତୁରନ୍ତ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଗ୍ନିକାଣ୍ଡରେ ୩ ବଖରା ସମ୍ପୂର୍ଣ୍ଣ ଜଳି ଯାଇଥିଲା। ହଠାତ୍ ଏପରି ଅଗ୍ନିକାଣ୍ଡକୁ କେହି ସହଜେ ଗ୍ରହଣ କରିପାରୁନାହାନ୍ତି।

# ସଫେଇ ନାଁରେ ୯ କୋଟିର ଟେଣ୍ଡର ଫିକସିଂ : ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଆରଏମ୍‌ସିର ଅନୁକମ୍ପା

ରାଉରକେଲା,୧୭/୦୫ (ନି.ପ୍ର): କୌଣସି ପ୍ରତିନିଧି ନଥିବାରୁ ରାଉରକେଲା ମହାନଗର ନିଗମ (ଆରଏମ୍‌ସି)ରେ ଚାଲିଛି ଅଫିସରରାଜ। ବିଭିନ୍ନ କାମର ଦୁର୍ନୀତିକୁ ନେଇ ସର୍ବଦା ଚର୍ଚ୍ଚାରେ ରହୁଛି ଆରଏମ୍‌ସି। ନିକଟରେ 'ଜାଗା ମିଶନ', 'ମୁକ୍ତା ଯୋଜନା'ରେ ବସ୍ତି ବିକାଶ ନାଁରେ ଚାଲଥିବା ଅନେକ କାମର ଦୁର୍ନୀତି ଗନ୍ଧ ବାହାରିଥିଲା। କାଗଜପତ୍ରରେ ଯେତିକି କାମ ହୋଇଥିବା ଦର୍ଶାଯାଇଛି, ବାସ୍ତବରେ ତା'ର ଓଲଟା ଚିତ୍ର ଦେଖିବାକୁ ମିଳୁଛି। ଏବେ ସଫେଇ କାର୍ଯ୍ୟରେ ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଛି। ତାହା ପୁଣି ୧୦ କି ୨୦ ଲକ୍ଷ ଟଙ୍କାର ନୁହେଁ, ପାଖାପାଖି ୯ କୋଟିର। ଏଥିରେ ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥାକୁ ଅହେତୁକ ଅନୁକମ୍ପା ଦିଆଯାଇଛି। ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସହ ଏହି ସଫେଇ ଠିକା ସଂସ୍ଥାର ଭିତିରି ସଲାସୁତୁରା ସାଙ୍ଗକୁ ଦୁର୍ନୀତିର ପ୍ରମାଣ ସାମ୍ନାକୁ ଆସିଛି। ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ସହ ଆରଏମସି କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ କଂଗ୍ରେସର ପୂର୍ବତନ ସମ୍ପାଦକ ରଶ୍ମି ରଞ୍ଜନ ପାଢ଼ୀ ଦାବି କରିଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଆରଏମ୍‌ସିର ପୁରୁଣା ୱାର୍ଡ ନମ୍ବର ୧୫ରୁ୨୨ ପର୍ଯ୍ୟନ୍ତ ୮ଟି ୱାର୍ଡର ସଫେଇ କାର୍ଯ୍ୟ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ଦିଆଯାଇଥିଲା। ୧୬ ୱାର୍ଡର ସଫେଇ କାର୍ଯ୍ୟ ରାଜେନ୍ଦ୍ର ପଞ୍ଚଭାୟା, ୧୭ ଓ ୧୮ ନଂ ୱାର୍ଡର ସଫେଇ ମେସର୍ସ ଏନ୍‌ଭି କେୟାର, ୨୦ ନଂ ୱାର୍ଡର ସଫେଇ କାର୍ଯ୍ୟ ଡାନିଏଲ୍ ବୋଦରା, ୨୧ ନଂ ୱାର୍ଡର ସଫେଇ କାର୍ଯ୍ୟ ସୁରେଶ ବାରିକଙ୍କୁ ଦିଆଯାଇଥିଲା। ପ୍ରାୟ ୭ ମାସ ଧରି ଏହି ବ୍ୟକ୍ତି ଓ ସଂସ୍ଥା ଜରିଆରେ ୱାର୍ଡଗୁଡ଼ିକରେ ସଫେଇ କରାଯାଇଥିଲା। ପରେ ସମସ୍ତଙ୍କୁ ୱାର୍ଡ ସଫେଇ କାର୍ଯ୍ୟରୁ ହଟାଇ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ କାମ ଟେକି ଦିଆଯାଇଥିଲା। ସଫେଇ କାର୍ଯ୍ୟ ପାଇଁ କୌଣସି ଖୋଲା ଟେଣ୍ଡର ଆହ୍ୱାନ ନକରି ପ୍ରାୟ ଦେଢ଼ବର୍ଷ ସେହି ସଂସ୍ଥାକୁ କାମ ଦିଆଯାଇଥିଲା। ଏହାର ଅର୍ଥ ହେଲା ସମସ୍ତ ବ୍ୟକ୍ତିଙ୍କର ସଫେଇ ଠିକା କାର୍ଯ୍ୟକୁ ବାତିଲ କରାଯାଇ ଏକ ଠିକା ସଂସ୍ଥାକୁ ଅନୁକମ୍ପା ଓ ଅଗ୍ରାଧିକାର ଦିଆଗଲା କାହିଁକି ? ତା' ପୁଣି ବିନା ଟେଣ୍ଡରରେ ସମ୍ଭବ ହେଲା କିପରି ? ପୁନର୍ବାର ୨୦୧୬ ସେପଟ୍ୟେରରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ୮ଟି ୱାର୍ଡର ସଫେଇ କାର୍ଯ୍ୟ ବିନା ଟେଣ୍ଡରରେ ସେହି ସମାନ ଠିକା ସଂସ୍ଥାକୁ ଟେକି ଦିଆଯାଇଛି। ସେପଟେ ୮ଟି ୱାର୍ଡର ସଫେଇ କାର୍ଯ୍ୟ ପାଇଁ ଠିକା ସଂସ୍ଥାକୁ ନିଯୁକ୍ତି ସମ୍ପର୍କରେ ରାଜ୍ୟ ସରକାର କିମ୍ବା ନଗର ଉନ୍ନୟନ ବିଭାଗ ତରଫରୁ କେ ?ଣସି ପ୍ରକାର ନିର୍ଦ୍ଦେଶନାମା ବା ଆଦେଶ ଆରଏମ୍‌ସିକୁ ଆସିନାହିଁ। ଏପରିସ୍ଥଳେ ଆରଏମ୍‌ସି କର୍ତ୍ତୃପକ୍ଷ ନିଜର ନିହିତ ସ୍ୱାର୍ଥ ପାଇଁ ସମସ୍ତ ସରକାରୀ ନୀତିନିୟମକୁ ଜଳାଞ୍ଜଳି ଦେଇ ବିନା ଖୋଲା ଟେଣ୍ଡରରେ ଠିକାଦାରଙ୍କୁ ନିଯୁକ୍ତି କରିଛନ୍ତି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ତେବେ ଠିକା ସଂସ୍ଥା ଓ ଆରଏମସି ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ଚାଲିଥିବା ଏଭଳି ବେଆଇନ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଗଲେ ଦୁର୍ନୀତିଖୋର ଅଧିକାରୀଙ୍କ ଅସଲି ମୁଖା ଖୋଲିପାରନ୍ତା।

# ଯୁବତୀଙ୍କୁ ଅପହରଣ ଉଦ୍ୟମ : ଯୁବକକୁ ପିଟିପିଟି ମାରିଦେଲେ

ପୁରୀ ,୧୭/୦୫ (ନି.ପ୍ର): ଏକତରଫା ଭାବେ ପ୍ରେମ କରୁଥିବା ଜଣେ ଯୁବତୀଙ୍କୁ ଅପହରଣ କରିବାକୁ ନିଜ ସହଯୋଗୀଙ୍କ ସହ ଯାଇଥିବା ଜଣେ ଯୁବକଙ୍କର ସୋମବାର ଦିନ ଗାଁ'ଲୋକଙ୍କ ମାଡ଼ରେ ମୃତ୍ୟୁଘଟିଛି। ଗ୍ରାମବାସୀଙ୍କ ସଂଘବଦ୍ଧ ଆକ୍ରମଣରେ ସମଙ୍ଗରା ଗାଁର ଏହି ଯୁବକ ମୁନା ପ୍ରଧାନ(୨୮) ଗୁରୁତର ଆହତ ହୋଇଥିବା ବେଳେ ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୁନାକୁ ଗୁରୁତର ଅବସ୍ଥାରେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ମାତ୍ର ସେଠାରେ ତାର ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହେବାରୁ ତାକୁ କଟକକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ମୁନାର ମୃତ୍ୟୁ ଘଟିଥିବା ସଦର ଥାନା ଇନିସପେକ୍ଟର ସୁଶାନ୍ତ ବେହେରା କହିଛନ୍ତି। ଅପରପକ୍ଷେ ଗ୍ରାମବାସୀଙ୍କ ଆକ୍ରମଣକୁ ଦେଖି ମୁନାର ଦୁଇ ସହଯୋଗୀ ଘଟଣାସ୍ଥଳରୁ ଜୀବନ ବଞ୍ଚାଇ ଖସିଯାଇଥିବା ବେଳେ ପୁଲିସ ସେଠାରୁ ତିନିଟି ଅଫୁଟା ବୋମା ଜବତ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ମୁନା ନାମରେ ପୂର୍ବରୁ ଅନେକ ମାମଲା ରହିଥିବା ବେଳେ ସେ ସଦର ଥାନା ଅନ୍ତର୍ଗତ ବାଟଗାଁ ନୂଆଗାଁର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲା। ଏହି ଘଟଣାକୁ ନେଇ ଗତ ୪ ଦିନ ପୂର୍ବେ ବିବାଦ ମଧ ଦେଖାଯାଇଥିଲା। ତେଣୁ ଆଜି ମୁନା ଏହି ଯୁବତୀଙ୍କୁ ଅପହରଣ କରିନେବା ଯୋଜନା କରି ତା'ର ଦୁଇ ଜଣ ସାଙ୍ଗକୁ ସାଥିରେ ନେଇ ସନ୍ଧ୍ୟା ୬ଟା ବେଳେ ନୂଆଗାଁରେ ପହଞ୍ଚିଥିଲା। ମାତ୍ର ମୁନା ଓ ତା'ର ସାଙ୍ଗମାନଙ୍କୁ ଦେଖି ଏହି ଗାଁର ଲୋକେ ତାକୁ ଘେରିଯାଇଥିଲେ। ତାକୁ ଯାଞ୍ଚ କରିବାରୁ ତା ନିକଟରୁ ଏକ ବ୍ୟାଗରୁ ତିନିଟି ବୋମା ମିଳିଥିଲା। ତେଣୁ ଗ୍ରାମବାସୀମାନେ ତାକୁ ଧରି ନିସ୍ତୁକ ମାଡ଼ମାରିଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୁନାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ମୁନାର ବାଇକ୍‌ଟିକୁ ମଧ ଗ୍ରାମବାସୀମାନେ ପାଡ଼େଇ ଭାଙ୍ଗି ଦେଇଛନ୍ତି। ପୁଲିସ ସଙ୍ଗେ ସଙ୍ଗେ ମୁନାକୁ ଭ୍ୟାନ୍‌ରେ ସଦର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲା। ସେଠାରେ ଡାକ୍ତରଖାନା ଫାଣ୍ଡି ଅଧିକାରୀ ଏଏସ୍‌ଆଇ ମନୋଜ କୁମାର ଦାସଙ୍କ ସହାୟତାରେ ତାକୁ ଆଶୁ ଚିକିତ୍ସା ସେବା ଯୋଗାଇଥିଲେ। ମାତ୍ର ତା'ର ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ମୁନାକୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସିତ ଅବସ୍ଥାରେ ମୁନାର ମୃତ୍ୟୁ ଘଟିଛି। ମୁନା ର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶାନ୍ତିଶୃଙ୍ଖଳା ବ୍ୟାହତ ହେବା ଆାଭ୍ଙ୍କା କରି ନୂଆଗାଁରେ ପୁଲିସ ମୁତୟନ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

# ବ୍ରହ୍ମପୁର ୱେଲଫେୟାର ଏସୋସିଏସନର ସାଧାରଣ ବୈଠକ

ଗଞ୍ଜାମ,୧୭/୦୫ (ନି.ପ୍ର): ବ୍ରହ୍ମପୁର ୱେଲଫେୟାର ଏସୋସିଏସନର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବନିର୍ବାଚିତ ଡେପୁଟି ମେୟରଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଥିଲା । କିନ୍ତୁ, କାର୍ଯ୍ୟବ୍ୟସ୍ତତା କାରଣରୁ ଡେପୁଟି ମେୟର ଏହି ବୈଠକରେ ଯୋଗଦେଇପାରିନଥିଲେ । ତାଙ୍କ ପ୍ରତିନିଧି ରୂପେ ଇ. ଡିଲେସୁ ରେଡ୍ଡି ଯୋଗଦେଇଥିଲେ। ସଭାପତି ଏମ୍. କେଶବ ରାଓ, ସଂପାଦକ ସଚ୍ଚୀଦାନନ୍ଦ ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତା ଶ୍ରୀ ରେଡ୍ଡିଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିବା ସହ ଏହି ଅଂଚଳର ରାସ୍ତାଘାଟ, ନାଳନର୍ଦ୍ଦମା ପୋଲ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିପାଇଁ ଦୀର୍ଘଦିନ ହେଲା ଅର୍ଥ ବ୍ୟୟବରାଦ ହୋଇଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ ହେଉନଥିବାରୁ କର୍ମକର୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅଂଚଳରେ ଏକ କମ୍ୟୁନିଟି ହଲ ନିର୍ମାଣ ପାଇଁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ମୁଖ୍ୟଅତିଥି ଡେପୁଟି ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପ୍ରତିଶୃତି ଦେଇଥିଲେ। ଡାକ୍ତର ପ୍ରକାଶ ଚନ୍ଦ୍ର ମିଶ୍ର, ବିପ୍ରଚରଣ ପଟ୍ଟନାୟକ, ରମେଶ ପତି,ପ୍ରଶାନ୍ତ କୁମାର ପାଢି, ପ୍ରକାଶ ରାଓ, ଲକ୍ଷ୍ମୀ ତ୍ରିପାଠୀ, ମନୋଜ ପାତ୍ର, ଦିଲ୍ଲୀପ ପାତ୍ର, ମନୋରଂଜନ ପଟ୍ଟନାୟକ, ଇ.ପ୍ରଭାକର ଦାସ, ପିସି ସାହୁ, ଅର୍ଜ୍ଜୁନ ନାୟକ, ପିତବାସ ପଣ୍ଡା, ପ୍ରଶାନ୍ତ କୁମାର ପାଢୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ମା ତାରାତାରିଣୀଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ଆସନ୍ତାକାଲି ଗଂଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ହେବ। ଏଥିପାଇଁ ସାରା ଗଂଜାମ ଜିଲ୍ଲା ଉତ୍ସବମୁଖର ଥିବା ବେଳେ ୩ ଦିନ ଧରି ପ୍ରତିଷ୍ଠା ଯଜ୍ଞ ଚାଲିଛି। ଆସନ୍ତାକାଲି ଯଜ୍ଞର ପୂର୍ଣ୍ଣାହୂତି ସହ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋଧା ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମଙ୍ଗଳବାର ଦିନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର , ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି କେ ପାଣ୍ଡିଆନ୍ ମା ତାରାତାରିଣୀଙ୍କ ପୀଠ ପରିଦର୍ଶନ କରି ଆୟୋଜନ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଉଭୟ ଏସମ୍ପର୍କରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା ମଧ୍ୟ କରିଛନ୍ତି। ମଙ୍ଗଳବାର ଗସ୍ତ ସମୟରେ ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବ ମାଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ଏହାସହ ସେମାନେ ମନ୍ଦିର ପରିସର, ମୁଣ୍ଡନ ଗୃହ, ବଡ ପ୍ରସାଦ ସେବନ ଗୃହ, ପ୍ରଶାସନିକ ଭବନ, ଭିୟୁ ପଏଂଟ ଏବଂ ମନ୍ଦିର ଚର୍ତୁପାର୍ଶ୍ୱ ଅଂଚଳ ବୁଲି ଦେଖିଥିଲେ। ଏହା ବ୍ୟତୀତ ସେବାୟତ ଓ ସ୍ଥାନୀୟ ଜନସାଧାରଣଙ୍କ ସହିତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲା ପ୍ରଶାସନ ସହିତ ଭିଡ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟ ଜଳଯୋଗାଣ , ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥା , ଅଗ୍ନି ନିରାପତା, ବିଦ୍ୟୁତ୍ ଯୋଗାଣ ଓ ପରିମଳ ବ୍ୟବସ୍ଥା ଆଦି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏହି ଅବସରରେ ଗଂଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ , ଏସପି ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସତସଂଘରେ ବାଧା ହିଁ ଠାକୁରଙ୍କ ପରମ ଆଶୀର୍ବାଦ

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ସତସଂଘରେ ଉପୁଜୁଥିବା ବାଧା ହିଁ ଠାକୁରଙ୍କ ପରମ ଆଶୀର୍ବାଦ ଏବଂ ଭକ୍ତ ଓ ଭଗବାନଙ୍କ ମିଳନ ପାଇଁ ସବୁବେଳେ ଭକ୍ତଙ୍କୁ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼େ ବୋଲି ଓଡ଼ିଶା ସତସଂଘ, ଭୁବନେଶ୍ୱର ଆନୁକୂଲ୍ୟରେ ଅନୁଷ୍ଠିତ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୫୫୦ତମ ଇ-ସତସଂଘର ମୁଖ୍ୟବକ୍ତା ଭାବେ ଯୋଗଦେଇ ଆମେରିକାର କାର୍ଲିଫର୍ଣ୍ଣିଆରୁ ଇଂ ମନୋଜ ପାତ୍ର ପ୍ରକାଶ କରିଛନ୍ତି । କୋଭିଡ୍-୧୯ ମହାମାରୀ ଯୋଗୁଁ ୨୦୨୦ ନଭେମ୍ବର ୧ ତାରିଖଠାରୁ ଶ୍ରୀ ଶ୍ରୀ ଠାକୁରଙ୍କ ଏକନିଷ୍ଠ ଭକ୍ତ ସୁବାଷ ଚନ୍ଦ୍ର ସାହୁଙ୍କ ଉଦ୍ୟମରେ ନିରବଚ୍ଛିନ୍ନ ଭାବେ ଇ-ସତସଂଘ ଆରମ୍ଭ ହୋଇ ଆଜି ୫୫୦ତମ ଦିବସରେ ଉପନିତ ହୋଇଛି । ଆଜିର ଇ-ସତସଂଘରେ ଜୟନ୍ତୀ ବାସାକ, କେଶବ ଚନ୍ଦ୍ର ସାହୁ, ପ୍ରିୟଙ୍କା ବର୍ମନ ରାୟ ଦେବେନ୍ଦ୍ର କର, ପ୍ରଜ୍ଞାନ ମହାଭୂଇ, ପଟେଲ କୁମାର ମହନ୍ତ ଓ ଦୈତାରୀ ମୁଦୁଲୀ ପ୍ରମୁଖ ଭଜନ, କୀର୍ତ୍ତନ ଓ କୋରସ୍ ଗାନ କରିଥିବାବେଳେ ବିପିନ୍ ବିହାରୀ ମିଶ୍ର ଏବଂ ଇଂ. ବିପିନ ବିହାରୀ ମିଶ୍ର ଠାକୁରଙ୍କ ସଦ୍‌ଗ୍ରନ୍ଥ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୫୫୦ତମ ଇ-ସତସଂଘରେ ଅଭୟ କୁମାର ପରିଡ଼ାପ୍ରମୋଦ କୁମାର ଦାସ, ଲକ୍ଷ୍ମୀଧର ସାହୁ , ପ୍ରମୋଦ କୁମାର ଶତପଥୀ , ସଞ୍ଜୀବ କୁମାର ନାୟକ , ଦୀପକ ରଞ୍ଜନ ସାହୁ , ବଟକୃଷ୍ଣ ଡାକୁଆ ପ୍ରମୁଖ ଠାକୁରଙ୍କ ଦିବ୍ୟଦର୍ଶନ ଉପରେ ଆଲୋକପାତ କରିଥିଲେ ।

# ଇନଷ୍ଟିଚ୍ୟୁସନାଲ୍ ମେକାନିଜିମ ରିପୋର୍ଟର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୭/୦୫ (ନି.ପ୍ର): ଦେଶରେ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ କାର୍ଯ୍ୟରତ ଶିକ୍ଷକ ଓ ପ୍ରାଧ୍ୟାପକଙ୍କ ଦକ୍ଷତା ବିକାଶ ପାଇଁ ଦେଶବ୍ୟାପୀ "ମାଳବୀୟ ମିଶନ" ଆରମ୍ଭ ହେବ। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଏ ସମ୍ପର୍କୀତ ଏକ ସମୀକ୍ଷା ବୈଠକରେ ଯୋଗଦେବା ପରେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶିକ୍ଷା ମନ୍ତ୍ରାଳୟର ଅଧିକାରୀଙ୍କ ସହ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷକ ଓ ପ୍ରାଧ୍ୟାପକଙ୍କ ଦକ୍ଷତା ବୃଦ୍ଧି ନେଇ 'ଇନଷ୍ଟିଚ୍ୟୁସନାଲ୍ ମେକାନିଜିମ ରିପୋର୍ଟ'ର ସମୀକ୍ଷା କରିଥିଲେ। ଏ ସମ୍ପର୍କରେ ଦୀର୍ଘ ସମୟ ଧରି ବୈଠକରେ ଚର୍ଚ୍ଚା ହେବା ପରେ ଶିକ୍ଷକ ଓ ପ୍ରାଧ୍ୟାପକଙ୍କ ଦକ୍ଷତା ବିକାଶ ପାଇଁ ଦେଶବ୍ୟାପୀ "ମାଳବୀୟ ମିଶନ" ଆରମ୍ଭ କରିବା ପାଇଁ ନିଷ୍ପତି ନିଆଯାଇଛି। ଏକବିଂଶ ଶତାବ୍ଦୀର ଭାରତର ଅନେକ ଆହ୍ୱାନକୁ ଦୃଷ୍ଟିରେ ରଖି ପ୍ରାଧ୍ୟାପକଙ୍କ ଦକ୍ଷତାକୁ ବିକାଶ କରିବା ପାଇଁ ବହୁମୁଖୀ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ପ୍ରଣୟନ ହୋଇଥିବା ଦୂରଦୃଷ୍ଟିସମ୍ପନ୍ନ ରାଷ୍ଟ୍ରୀୟ ଶିକ୍ଷା ନୀତିରେ ଶିକ୍ଷକ ମାନଙ୍କୁ ପ୍ରଶିକ୍ଷଣ ଓ ଶିକ୍ଷା ଦେବା ଦିଗରେ ବିବିଧ ପଦକ୍ଷେପ ନେବା ଦିଗରେ ଉଲ୍ଲେଖ କରାଯାଇଛି।

# ୨୪ ଘଂଟାରେ ରାଜ୍ୟରେ ୩ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ଆଉ ୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ଜଣେ ବି ୧୮ ବର୍ଷରୁ କମ୍ ବୟସ୍କ ନଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଆଜି ରାଜ୍ୟର ୨ଟି ଜିଲ୍ଲାରୁ ୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଅବଶିଷ୍ଟ ୨୮ଟି ଜିଲ୍ଲାରୁ ଜଣେ ହେଲ ସଂକ୍ରମିତ ନାହାନ୍ତି। ଗତ ୨୪ ଘଂଟା ମଧ୍ୟରେ କଟକ ଜିଲ୍ଲାରୁ ୧ ଜଣ ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୨,୮୮,୩୧୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨,୭୯,୦୧୭ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୧୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# କାର ବାଇକ ମୁହାଁମୁହିଁ : ବାଇକ୍ ଚାଳକ ମୃତ



ବାରିପଦା, ୧୭/୦୫ (ନି.ପ୍ର): ମୟୂରଭଂଜ ଜିଲ୍ଲାର ରାଇରଙ୍ଗପୁର-ଯଶିପୁର ଜାତୀୟ ରାଜପଥ ୨୨୦ ନମ୍ବର ଦଲକି ଛକ ପାଖରେ ଆଜି ଅପରାହ୍ନରେ ଏକ କାର ଓ ବାଇକ ଧକ୍କା ହେବା ଫଳରେ ବାଇକ ଚାଳକ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ତେବେ ଖବର ପାଇ ବାଦାମପାହାଡ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଂଚି ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ଜଣକ ହେଲେ ରାଇରଙ୍ଗପୁର ପୌରାଂଚଳ ଅନ୍ତର୍ଗତ ଇଟିଣ୍ଡା ମୌଜା ୧୩ ନମ୍ବର ୱାର୍ଡର ତୁଷାର କାରୁଆ । ବାଦାମ ପାହାଡ ପୋଲିସ ବାଇକ ଏବଂ କାର ଜବତ କରି ଘଟଣାର ତଦନ୍ତ କରୁଥିବାର ଜଣାଯାଇଛି । ତେବେ ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣା ଯାଇଛି ।

# ଘରବାଡ଼ିକୁ କେନ୍ଦ୍ରକରି ଦେଢ଼ଶୁରଙ୍କ କୁରାଢ଼ି ଚ୍ୟେଟରେ ଭାଇବୋହୂ ଗୁରୁତର : ଥାନାରେ ମାମଲା

ନୀଳଗିରି, ୧୭/୦୫ (ନି.ପ୍ର): ଘରବାଡ଼ିରେ ଥିବା ଘରକୁ କେନ୍ଦ୍ରକରି ସମ୍ପର୍କୀୟ ଦେଢ଼ଶୁରଙ୍କ କୁରାଢ଼ି ଚ୍ୟେଟରେ ଭାଇବୋହୂଙ୍କୁ ରକ୍ତାକ୍ତ କରିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ପ୍ରାପ୍ତ ସୂଚନା ଅନୁସାରେ ଖନ୍ତାପଡ଼ା ଥାନା ଅଧିନସ୍ଥ ଶାସନପଦା ଗ୍ରାମର ଚକ୍ରଧର ମହାଳିକର ସ୍ତ୍ରୀ ସୁଶ୍ରୀ ପ୍ରିୟମିତା ମହାଳିକ ନିଜର ମାଆ ଓ ପିଲାମାନଙ୍କୁ ନେଇ ବୁଢ଼ାବାପାଙ୍କ ସଂପତି ଉପରେ ଘର କରି ରହି ଆସୁଥିଲେ। ଆଜି ୧୭.୫.୨୨ରିଖ ସକାଳ ପ୍ରାୟ ୮ଟା ସମୟରେ ଲକ୍ଷ୍ମୀଧର ମହାଳିକ, ମନୋରଂଜନ ମହାଳିକ ଘରେ ପହଂଚି ଆମ୍ଭର ମାଆ ଅନୀତା ମହାଳିକଙ୍କୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହ ଏ ଘର ଛାଡ଼ି ପଳାଇ ଯିବାକୁ ଧମକ ଦେଇଥିଲେ। ଆମ୍ଭର ମାଆ ପ୍ରତିବାଦ କରିବାରୁ ୨ଜଣ ହଠାତ୍ ଉତକ୍ଷିପ୍ତ ହୋଇ ଏକ କୁରାଢ଼ି ଆଣି ସୁଶ୍ରୀ ପ୍ରିୟମିତାକୁ ଜୀବନରୁ ମାରିଦେବାକୁ ଆସୁଥିବା ବେଳେ ମାଆ ଅଟକାଇବାରୁ ମାଆକୁ ତାଙ୍କର ଦେଢ଼ଶୁର ଲକ୍ଷ୍ମୀଧର ମହାଳିକ, ଶ୍ୱଶୁର ମନୋରଂଜନ ମହାଳିକ କୁରାଢ଼ି ରେ ମୁଣ୍ଡକୁ ହାଣି ଦେଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚିତ୍କାର କରୁଥିବା ବେଳେ ସ୍ଥାନୀୟ ଲୋକେ ବାହାରି ପଡ଼ିବାରୁ ୨ଜଣ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଅବସ୍ଥାରେ ନୀଳଗିରି ଡାକ୍ତରଖାନା ଅଣାଇଥିବା ବେଳେ ଅବସ୍ଥା ଗୁରୁତର ଥିବାର ଜଣାପଡ଼ିଛି। ଏ ନେଇ ସୁଶ୍ରୀ ପ୍ରିୟମିତା ମହାଳିକ ଖନ୍ତାପଡ଼ା ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି ।

# ରାଜ୍ୟ ଫାର୍ମାସିଷ୍ଟସ୍ କ୍ୟାଡର ପୁନଃଗଠନ ନହେଲେ ଆନ୍ଦୋଳନ




ବାରିପଦା, ୧୭/୦୫ (ନି.ପ୍ର): ଓଡ଼ିଶା ଫାର୍ମାସିଷ୍ଟସ୍ ସେବା ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହସପିଟାଲ ସମ୍ମିଳନୀ କକ୍ଷରେ ଏକ ସାଧାରଣ ବୈଠକ ଉପଦେଷ୍ଟା ଶିରିଶ ଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଜିଲ୍ଲା ସଭାପତି ଚିନ୍ମୟ କୁମାର ସିହ୍ନା ଫାର୍ମାସିଷ୍ଟଙ୍କ ପଦୋନ୍ନତି ପୂର୍ବରୁ କ୍ୟାଡର ଗଠନ କରି ମୂଳଦରମା ବୃଦ୍ଧି ସହ ଟାଇମ ବାଉଣ୍ଡ , ସ୍କେଲ, ବୃଦ୍ଧି କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ୧୭୦୪୭ ଚିଠି ଅନୁଯାୟି ଗତ ୨୦୧୯ ଅଗଷ୍ଟ ୩୧ ତାରିଖରେ ଦିଆଯାଇଥିବା ପ୍ରସ୍ତାବ ମଧ୍ୟରେ ଫାର୍ମାସୀ ଅଫିସର ପଦ ଯଥାଶିଘ୍ର କାର୍ଯ୍ୟକାରୀ କରାଯିବା, ଆର.ବି.ଏସ.କେ. ଏବଂ ଏମ.ଏଚ.ୟୁ. ଯୋଜନାରେ ୧୬ ବର୍ଷରୁ ଅଧିକ କାମ କରି ଆସୁଥିବା ଠିକା ଫାର୍ମାସିଷ୍ଟଙ୍କୁ ତୁରନ୍ତ ନିୟମିତ କରିବା ନେଇ ସରକାରଙ୍କ ଠାରେ ଦାବୀ କରାଯାଇଅଛି । ଏହି ଅବସରରେ ସମ୍ପାଦକ ତୁଷାର କାନ୍ତ ବେହେରା ଫାର୍ମାସିଷ୍ଟ ମାନେ ଦିର୍ଘ ୪୧ ବର୍ଷ ପାଖାପାଖି କାର୍ଯ୍ୟ କରି ଆସୁଥିଲେ ମଧ୍ୟ ପଦୋନ୍ନତି ପାଇପାରୁ ନଥିବାର ଦର୍ଶାଇ ଥିଲେ । ସରକାରଙ୍କ ଚିଠି ନଂ ୮୩୮୪ ତା ୨୦/୦୪/୨୨ ଅନୁଯାୟୀ ପ୍ରକାଶିତ ପେ ଷ୍ଟ୍ରକଚରକୁ ତୁରନ୍ତ ପୁନର୍ଗଠନ କରି ସ୍ୱାସ୍ଥ୍ୟ ବିଭାଗର ଉଚ୍ଚସ୍ତରିୟ କମିଟି ଷ୍ଟାଫ ନର୍ସଙ୍କ ପରି ଫାର୍ମାସିଷ୍ଟ କ୍ୟାଡର ପୁନର୍ଗଠନ ସୁପାରିଶକୁ କାର୍ଯ୍ୟ କରିବା ପାଇଁ ଦାବୀ କରାଯାଇଥିଲା । ଏଥି ପ୍ରତି ଦୃଷ୍ଟି ଦିଆନଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆ ଯାଇଛି । ଆସନ୍ତା ୨୮ ଓ ୨୯ ତାରିଖରେ ଯାଜପୁର ରୋଡରେ ଓଡିଶା ଫାର୍ମାସିଷ୍ଟ ସେବା ସଂଘର ୨୫ତମ ବାର୍ଷିକ ସାଧାରଣ ସଭା ଓ ସଂଘର କର୍ମକର୍ତ୍ତା ନିର୍ବାଚନ ହେଉଥିବାରୁ ଚିନ୍ମୟ ସିହ୍ନାଙ୍କୁ ଜିଲ୍ଲା ତରଫରୁ ସର୍ବ ସମ୍ମତି କ୍ରମେ ରାଜ୍ୟ ସଭାପତି ପଦ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିବା ବେଳେ, ଏହି ସଭାରେ ମାଣିକ ଲାଲ ଘୋଷ, ଗୀତାଂଜଳୀ ନାଏକ, ଅଶୋକ କୁମାର ବାରିକ, ରୁପେନ୍ଦ୍ର ନାଥ ସିଂ, ଅବନୀ ମଣ୍ଡଳ, ପ୍ରଣୟ ଜେନା, ତପନ କଳିଆ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ କୋଷାଧକ୍ଷ୍ୟ ଶୁଶାନ୍ତ କୁମାର ବାଗ ଧନ୍ୟ ବାଦ ଅର୍ପଣ କରିଥିଲେ ।

## ପାଣିରେ ବୁଡି ଶିଶୁ କନ୍ୟା ମୃତ

ବସ୍ତା, ୧୭/୦୫ (ନି.ପ୍ର): ବସ୍ତା ଥାନା ବରୁଣଗଡ଼ିଆ ପଞ୍ଚାୟତ ଅର୍ଜୁନି ଗ୍ରାମରେ ପାଣିରେ ବୁଡି ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି । ମୃତ ଶିଶୁକନ୍ୟା ଜଣକ ଏହିଗ୍ରାମର ଗୋପାଳ ମୁର୍ମୁ ଙ୍କ ଝିଅ ଭୌମିକା (୬) ବୋଲି ଜଣାଯାଇଛି । ଆଜି ସକାଳ ସମୟରେ ଭୌମିକା ଖେଳୁଥିବା ସମୟରେ ନିକଟସ୍ଥ ପୋଖରୀରେ ପଡ଼ିଯାଇଥିଲେ । ପରେ ପରିବାର ଲୋକେ ଖୋଜା ଖୋଜି କରି ଉଦ୍ଧାରକରୀ ବସ୍ତା ଡାକ୍ତରଖାନା ରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହିତ ଶବକୁ ବ୍ୟେବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସମ୍ମାନ ପ୍ରଦାନ ଉତ୍ସବ

ଭଦ୍ରକ, ୧୭/୦୫ (ନି.ପ୍ର): ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ସର୍ବଭାରତୀୟ ଦୁର୍ନୀତି ନିବାରଣ ସଂସଦୀୟ କମିଟି ଆନୁକୂଲ୍ୟରେ ସଂସଦ ସଦନ କ୍ଲବରେ ଆୟୋଜିତ ସମ୍ମାନ ପ୍ରଦାନ ଉତ୍ସବରେ ଭଦ୍ରକରୁ ୨ ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଛି । ଉତ୍ସବ ଇନଷ୍ଟିଚ୍ୟୁଟ ଅଫ କ୍ରିଏଟିଭ ଆର୍ଟସର ପରିଚାଳନା ନିର୍ଦ୍ଦେଶିକା ରିଚିସ୍ମିତା ମହାନ୍ତି ଓ ମାତୃଶକ୍ତି ଫାଉଣ୍ଡେସନ ଏବଂ ବିଜୁଜନତା ଦଳର ଜିଲ୍ଲା ମହିଳା ଉପସଭାପତି ରାଜଲକ୍ଷ୍ମୀ ମହାପାତ୍ରଙ୍କୁ ପ୍ରାଉଡ଼ ଇଣ୍ଡିଆନ ପାର୍ଲିଆମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଛି।

## ପୋଲିସ କମିସନରେଟ ରେଡ୍‌କ୍ରସ୍ ପକ୍ଷରୁ ଜଳସେବା କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ଭାରତୀୟ ରେଡକ୍ରସ୍ ସୋସାଇଟି, ପୋଲିସ କମିସନରେଟ ଆଂଚଳିକ ଶାଖା ପକ୍ଷରୁ ଆଜି କ୍ୟାପିଟାଲ ଥାନା ସମ୍ମୁଖରେ ଏକ ଜଳସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ପୋଲିସ କମିସନରେଟ ରେଡକ୍ରସ୍‌ର ଅଧକ୍ଷ ତଥା ପୋଲିସ କମିସନର ସୌମେନ୍ଦ୍ର କୁମାର ପ୍ରୀୟଦର୍ଶୀଙ୍କ ସହଯୋଗ କ୍ରମେ ପୋଲିସ କମିସନରେଟ ରେଡକ୍ରସ୍‌ର ଯୁଗ୍ମ-ସମ୍ପାଦକ ଏସିପି ଲଳିତେନ୍ଦୁ ମହାନ୍ତି ଓ ଜୋନ - ୧ ଏସିପି ମାନସ କୁମାର ଗଡ଼ନାୟକ ଏହି ଜଳ ସେବା କେନ୍ଦ୍ର ଆୟୋଜନ କରିଥିଲେ । ଏହି ଜଳ ସେବା କେନ୍ଦ୍ରକୁ ଏସିପି ଶ୍ରୀ ମହାନ୍ତି ଓ ଶ୍ରୀ ଗଡନାୟକଙ୍କ ସହିତ ରେଡକ୍ରସ୍‌ର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଦିଲ୍ଲୀପ ଦାଶଶର୍ମା, ରୁଷି ପଟ୍ଟନାୟକ, ପ୍ରଦୀପ କୁମାର ପଟ୍ଟନାୟକ ଓ ହେମନ୍ତ କୁମାର ଅଗ୍ରୱଲା ଉଦ୍‌ଘାଟନ କରିଥିଲେ ।

## ରାଷ୍ଟ୍ରପତି ରାମନାଥ କୋବିନ୍ଦ ୪ ଜୁନରେ ଗୋରଖପୁର ଯିବେ

ଗୋରଖପୁର, ୧୭/୦୫ (ନି.ପ୍ର): ଦେଶର ରାଷ୍ଟ୍ରପତି ରାମନାଥ କୋବିନ୍ଦ ୪ ଜୁନରେ ଗୋରଖପୁର ଯିବାର ଯୋଜନା ରହିଛି । ସେ ସେଠାରେ ଗୀତା ପ୍ରେସ୍‌ର ଶତାବ୍ଦୀ ସମାରୋହରେ ସାମିଲ ହେବେ ଏବଂ ବିଶିଷ୍ଟ ଶ୍ରୀରାମଚରିତମାନସ ଓ ତତ୍ତ୍ୱ ବିବେଚନା ର ଲୋକାର୍ପଣରେ ଭାଗନେବେ । ଗୀତାପ୍ରେସ୍ ର ପ୍ରବନ୍ଧକ ଲାଲମଣି ତିୱାରୀଙ୍କ ଅନୁସାରେ ଶତାବ୍ଦୀ ବର୍ଷ ସମାରୋହର ଶୁଭାରମ୍ଭ ୧୪ ଅପ୍ରେଲରେ ପୂଜାଅର୍ଚ୍ଚନା ହୋଇଥଲା । ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉପସ୍ଥିତିରେ ସଙ୍ଗଠନର ଏହା ହେଉଛି ପ୍ରଥମ ସବୁଠାରୁ ବଡ କାର୍ଯ୍ୟକ୍ରମ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୧୫ ହଜାର ପିଲା ....

କୁହାଯାଇଛି। ଅନ୍ୟପକ୍ଷରେ ନବମ ଶ୍ରେଣୀ ପରୀକ୍ଷା ଦେଇଥିବା ୫ ଲକ୍ଷ ୫୧ ହଜାର ୩୩୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୭.୨% ପାସ୍ କରିଛନ୍ତି। ୯୦୩୯ ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡ୍ ପାଇଥିବା ବେଳେ ୫୮,୯୯୧ ଜଣ ଏ୨, ୧ଲକ୍ଷ ୧୮ ହଜାର ୭୯୨ ଜଣ ବି୧, ୧ଲକ୍ଷ ୪୫ ହଜାର ୧୬୩ ଜଣ ବି୨, ୧ଲକ୍ଷ ୯ହଜାର ୫୭୩ ସି, ୪୬ ହଜାର ୯୭୦ ଜଣ ଡି, ୫ ହଜାର ୩୧୦ ଜଣ ଇ , ୨୭ ହଜାର ୩୫୮ ଜଣ ଏଫ(୧) ଓ ୩୦ ହଜାର ୧୩୮ ଜଣ ଏଫ୍(୨) ଗ୍ରେଡ୍ ପାଇଛନ୍ତି। ତେବେ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଦଶମ ଶ୍ରେଣୀକୁ ଉନ୍ନୀତ କରାଯାଇଛି। କିନ୍ତୁ ଏଫ୍(୨) ଗ୍ରେଡ୍ ପାଇଥିବା ୩୦ ହଜାର ୧୩୮ ଜଣ ଛାତ୍ରଛାତ୍ରୀଙ୍କୁ ନିଜ ସ୍କୁଲରେ ଇମ୍ପ୍ରୁଭମେଂଟ ଟେଷ୍ଟ ଦେବାକୁ ପଡ଼ିବ। ସେମାନେ ଫେଲ୍ ହୋଇଥିବା ପ୍ରତି ବିଷୟରେ କ୍ୱାଲିଫାଇଙ୍ଗ ମାର୍କ (୩୦%) ରଖିବାକୁ ସେମାନଙ୍କୁ ୩ଟି ସୁଯୋଗ ଦିଆଯିବ। ସଂପୃକ୍ତ ସ୍କୁଲ୍ ଗୁଡ଼ିକ ଏହି ପିଲାମାନଙ୍କୁ ମେ' ୩୧ ତାରିଖ ପର୍ଯ୍ୟନ୍ତ ପଢ଼ାଇବେ। ତା'ପରେ ଜୁନ୍ ୧, ୮ ଓ ୧୬ରେ ଇମ୍ପ୍ରୁଭମେଂଟ ଟେଷ୍ଟ କରାଇବେ। ଯେଉଁମାନେ ପ୍ରଥମ ଇମ୍ପ୍ରୁଭମେଂଟ ଟେଷ୍ଟରେ କ୍ୱାଲିଫାଇ ନ କରିବେ ସେମାନେ ଦ୍ୱିତୀୟ ଟେଷ୍ଟ ଦେବେ। ସେଥିରେ ବି କ୍ୱାଲିଫାଇ ନହେଲେ ତୃତୀୟ ଟେଷ୍ଟ ଦେବେ। ସୂଚନାଯୋଗ୍ୟ, ଚଳିତ ବର୍ଷ ୪୩,୪୮୯ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇ ନାହାନ୍ତି। ଏହାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲଓ୍ୱାରି ହିସାବ ମଗାଯାଇଛି।

## ଭାରତର ପ୍ରତିବନ୍ଧକ ପରେ ....

୩୫ହଜାର ୨୭୫ଟଙ୍କାରେ ପହଁଚିଛି । ଗହମ ରପ୍ତାନୀ ଉପରେ ଗତ ସପ୍ତାହରେ ରୋକ ଲଗାଇଛନ୍ତି ଭାରତ ସରକାର । ଏହାକୁ ପ୍ରତିବନ୍ଧିତ ଶ୍ରେଣୀରେ ଅର୍ନ୍ତଭୁକ୍ତ କରାଯାଇଥିବାବେଳେ ଭାରତ ସରକାରଙ୍କ ବିନା ଅନୁମତିରେ ଅନ୍ୟ ଦେଶମାନଙ୍କୁ ଏଣିକି ଗହମ ପଠାଯାଇପାରିବନି ବୋଲି କୁହାଯାଇଛି । ସେପଟେ ଅର୍ନ୍ତଜାତୀୟ ବଜାରରେ ଦିନକୁ ଦିନ ଗହମର ଅଭାବ ଦେଖାଯିବା ପରେ ମୂଲ୍ୟ ବି ଆକାଶଛୁଆଁ ହେବାରେ ଲାଗିଛି । ଅର୍ନ୍ତଜାତୀୟ ବଜାରରେ ଗହମର ମୂଲ୍ୟରେ ଥରକେ ୪୦ପ୍ରତିଶତ ବୃଦ୍ଧି ହୋଇଥିବାରୁ ଏହା ବିଭିନ୍ନ ଦେଶକୁ ଚିନ୍ତାରେ ପକାଇଛି । ଏହାକୁ ନଜରରେ ରଖି ଖାଦ୍ୟ ସୁରକ୍ଷା ଆଇନକୁ ସୁନିଶ୍ଚିତ କରିବାକୁ ଏବେ ରପ୍ତାନୀ ଉପରେ ରୋକ ଲଗାଇଛନ୍ତି କେନ୍ଦ୍ର ସରକାର । ବର୍ତମାନ ୟୁକ୍ରେନ ଓ ରୁଷ ମଧ୍ୟରେ ଯେଉର୍ ଯୁଦ୍ଧ ଚାଲିଛି ତାର ପ୍ରଭାବରେ ବୈଶୟିକ ସ୍ତରରେ ଗହମର ଚାହିଦା କିଭଳି ପୂରଣ ହେବ ତା ଉପରେ ଆଶଙ୍କା ସୃଷ୍ଟି ହୋଇଛି । ୨୦୨୧ ମସିହାରେ ବୈଶୟିକ ବଜାରକୁ ରୁଷ ଓ ୟୁକ୍ରେନ ୧୨ପ୍ରତିଶତ ଗହମ ରପ୍ତାନୀ ଯୋଗଦାନ ଦେଇଥିଲ । କିନ୍ତୁ ଯୁଦ୍ଧ ଆରମ୍ଭ ହେବା ସହ ଗହମ ଯୋଗାଣ ବନ୍ଦ ହୋଇଛି ଓ ଏହା ଫଳରେ ରେକର୍ଡ ସ୍ତରରେ ଦରଦାମ ବୃଦ୍ଧି ପାଇଛି । ଗହମ ଅଭାବ ଯୋଗୁଁ ଗରିବ ଦେଶରେ ସ୍ଥିତି ଆଗକୁ ଆହୁରି ଅସମ୍ଭାଳ ଓ ସାମାଜିକ ଅଶାନ୍ତିର ଆଶଙ୍କା ବି ଦେଖା ଦେଇପାରେ । ଗହମ ଉତ୍ପାଦନ ଓ ବୈଶୟିକ ବଜାରରେ ମୂଲ୍ୟ ବୃଦ୍ଧିକୁ ଦେଖି ଭାରତ ସରକାର ନିଜର ଦେଶରେ ଖାଦ୍ୟ ସୁରକ୍ଷାକୁ ନେଇ ଚିନ୍ତିତ ଅଛନ୍ତି । ଫଳରେ ଗହମ ରପ୍ତାନୀ ଉପରେ ରୋକ ଲଗାଇଛନ୍ତି ମୋଦୀ ସରକାର ।

## କାଲ ହେଲା ଓଜନ କମାଇବା....

ମେଡିକାଲ ତରଫରୁ ମଧ ଏ ନେଇ ଚେତନାଙ୍କ ପରିବାର ଲୋକଙ୍କୁ କୌଣସି ଖବର ଦିଆଯାଇ ନ ଥିଲା। କସମେଟିକ ସର୍ଜରୀ ନିମନ୍ତେ ଝିଅ ସେମାନଙ୍କ ନିକଟରୁ କୌଣସି ଅନୁମତି ଆଣି ନଥିବା ବେଳେ ମେଡିକାଲ କର୍ତୃପକ୍ଷ ବି ସେମାନଙ୍କୁ ଅବଗତ କରି ନ ଥିବା ଚେତନାଙ୍କ ବାପାମା' ଅଭିଯୋଗ କରିଛନ୍ତି। ଚିକିତ୍ସା କରୁଥିବା ଡାକ୍ତରଙ୍କ ଦାୟିତ୍ୱହୀନତା ଯୋଗୁ ଝିଅର ଜୀବନ ଗଲା ବୋଲି ତାଙ୍କ ବାପାମା' ଅଭିଯୋଗ କରିବା ସହ ଏନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଚେତନାଙ୍କ ମୃତଦେହ ହସ୍ପିଟାଲରେ ଥିବା ବେଳେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାଯାଇଛି। ପୁଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଶିବଲିଙ୍ଗର ସୁରକ୍ଷା କର....

ଜ୍ଞାନବାପୀ ମସଜିଦ ସହ ଜଡ଼ିତ ସମସ୍ତ ଆବେଦନକାରୀ ଓ ଉତ୍ତର ପ୍ରଦେଶ ସରକାରଙ୍କୁ ନୋଟିସ କରିଛନ୍ତି। ଏହାବାଦ ସର୍ବୋଚ୍ଚ ଅଦାଲତ ବାରାଣସୀ କୋର୍ଟରେ ଚାଲିଥିବା ମାମଲାର ଶୁଣାଣି ଉପରେ କୌଣସି ରୋକ ଲଗାଇ ନାହାନ୍ତି। ବାରାଣସୀ କୋର୍ଟ ଏହି ମାମଲାର ଶୁଣାଣି କରି ମସଜିଦର ସର୍ଭେ କରିଥିବା ଟିମ୍‌କୁ ୨ ଦିନ ଭିତରେ ରିପୋର୍ଟ ଦେବାକୁ କହିଛନ୍ତି। ସୂଚନାଯୋଗ୍ୟ, ୧୯୯୧ରେ ବାରାଣସୀ କୋର୍ଟରେ ଗୋଟିଏ ଆବେଦନ ଦାଖଲ କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ ମନ୍ଦିରକୁ ଭଙ୍ଗା ଯାଇ ଜ୍ଞାନବାପୀ ମସଜିଦ ତିଆରି କରାଯାଇଛି। ଔରଙ୍ଗଜେବ ଶାସନ କରୁଥିବା ବେଳେ କାଶୀ ବିଶ୍ୱନାଥ ମନ୍ଦିରର କିଛି ଅଂଶକୁ ଭାଙ୍ଗି ଷୋଡ଼ଶ ଶତାବ୍ଦୀରେ ମସଜିଦ ନିର୍ମାଣ କରିଥିବା ଆବେଦନକାରୀ ଦାବି କରିଛନ୍ତି। ଏଥିସହ ଆବେଦନକାରୀ ଓ ସ୍ଥାନୀୟ ଲୋକମାନେ ଜ୍ଞାନବାପୀ ମସଜିଦ କମ୍ପ୍ଲେକ୍ସରେ ପୂଜାପାଠ କରିବାକୁ ମଧ ଅନୁମତି ମାଗିଛନ୍ତି।

## ଉଦ୍ଧାର ହେଲେ ପୂର୍ବତନ....

ତାଙ୍କୁ ଖୋଜାଖୋଜି କରିଥିଲେ। ଶେଷରେ ତାଙ୍କର ସନ୍ଧାନ ମିଳିଛି। ଉଲ୍ଲେଖନୀୟ ଯେ, ସରୋଜ କୁମାର ପାଢୀ ୨୦୦୪ ରୁ ୨୦୦୯ ଆସିକାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଧାୟକ ନିର୍ବାଚିତ ହୋଇଥିଲେ। ପୁଣି ୨୦୦୯ ରେ ସ୍ୱାଧୀନ ଭାବେ ଲଢ଼ି ପରାଜିତ ହୋଇଥିଲେ। ୨୦୧୪ ନିର୍ବାଚନ ସେ କଂଗ୍ରେସ ଟିକଟରେ ଲଢ଼ି ପରାଜିତ ହୋଇଥିଲେ।

# ସ୍କୁଲ ସମୟ ଦିନ ୧୦ଟା ଯାଏଁ ବଢାଇବାକୁ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପରାମର୍ଶ

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ପ୍ରବଳ ଖରା ପାଇଁ ସକାଳୁଆ ସ୍କୁଲ କରାଯାଇଥିବା ବେଳେ ପାଠପଢା ସମୟକୁ ବୃଦ୍ଧି କରିବାକୁ ଗଣଶିକ୍ଷା ବିଭାଗକୁ ଚିଠି ଲେଖିଛନ୍ତି ଶିଶୁ ଅଧିକାର ସୁରକ୍ଷା ଆୟୋଗ। ଗତ ମେ' ୨ ତାରିଖରୁ ସ୍କୁଲ୍ ଗୁଡ଼ିକ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ଚାଲୁଛି। ତେବେ ପାଗରେ ପରିବର୍ତ୍ତନ ଆସିଥିବାରୁ ପାଠପଢ଼ା ସମୟକୁ ଦିନ ୧୦ଟା ପର୍ଯ୍ୟନ୍ତ ବଢ଼ାଇବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଚିଠି ଲେଖିଛନ୍ତି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ। ଏପ୍ରିଲ ମାସରେ ଅସମ୍ଭାଳ ତାତି ହେବାରୁ ପ୍ରଥମେ କିଛି ଦିନ ସ୍କୁଲ୍ ଗୁଡ଼ିକୁ ଛୁଟି ଘୋଷଣା କରାଯାଇଥିଲା। ତା'ପରେ ମେ' ୨ରୁ ସ୍କୁଲ୍ ଗୁଡ଼ିକୁ ୬ଟାରୁ ୯ଟା ପର୍ଯ୍ୟନ୍ତ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏବେ ପାଣିପାଗରେ ପରିବର୍ତନ ଘଟିଥିବାରୁ ଓ ତାପମାତ୍ରା ଅପେକ୍ଷାକୃତ ହ୍ରାସ ପାଇଥିବାରୁ ସ୍କୁଲର ପାଠପଢ଼ା ଅବଧିକୁ ବୃଦ୍ଧି କରିବା ପାଇଁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପରାମର୍ଶ ଦେଇଛନ୍ତି।

# ବି.ଏମ. ପବ୍ଲିକ ସ୍କୁଲରେ ମାତୃ ଦିବସ ପାଳିତ

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ପୁରୁଣା ବଜାର ହଳଦୀଡ଼ିହି ସ୍ଥିତ ବି.ଏମ. ପବ୍ଲିକ ସ୍କୁଲର ବାର୍ଷିକ "ମାତୃଦିବସ" ମଦିନା ମଇଦାନ ଠାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସ୍କୁଲର ଅଧକ୍ଷ ବିଶ୍ୱ ରଂଜନ ରାୟଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିଲା । ସମସ୍ତ ଅତିଥି ଦୀପ ଲଗାଇ ଶୁଭାରମ୍ଭ କରିଥିଲେ । ମାତୃଦିବସ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଆସିଆନାର ମୂଖ୍ୟ ପରିଚାଳିକା ସୋଫିୟା ସେକ୍, ସମ୍ମାନିତ ଅତିଥି ଭାବେ ହାଜି ତବରେଜ୍ ଖାନ, ତିଳୋତମା ମାଝି ଯୋଗଦାନ କରି ମାଁର କର୍ତ୍ତବ୍ୟ କେମିତି ପାଳନ ହୁଏ ତାହା ଆଲୋକପାତ କରିଥିଲେ, ମାଁର ଗୋଟିଏ ଅନମୋଲ ରିସ୍ତା ରହେ ଏବଂ ମାଁର ଋଣ କେବେ ବି ଶୁଝି ପାରେ ନାହିଁ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲର ପରିଚାଳକ ଶେଖ ଅଜିଜୁଲ୍ଲା କାଦରୀ ବିବରଣୀ ପାଠ ପ୍ରଦାନ କରିଥିଲେ ଏବଂ ସ୍କୁଲର ପ୍ରତିଷ୍ଠାତା ସେଖ ବାବୁଜାନ ଓ ମଜମୁନ ନିଶା ଯୋଗଦାନ କରି ଅତଥିମାନଙ୍କୁ ଉତ୍ତରୀୟ ଓ ମାନ ପତ୍ର ସହ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମ ସରିଲା ପରେ ସ୍କୁଲର କୁନିକୁନି ଛାତ୍ର/ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମ କୁ ସ୍କୁଲର ଶିକ୍ଷକ/ଶିକ୍ଷୟତ୍ରୀ ସବାନା ପରୱୀନ, ଫିରଦୋଷ କାଦୀରି, ସମିଲ ଅହେମଦ୍, ବିପ୍ଲବ ବିଶ୍ୱ, ନିୟାଜୁଦ୍ଦିନ, ଗଜାଲା ପରୱୀନ, ହମସିରା ଜାହାଁ, ଅମିନା କାଦରୀ, ତବାସୁମ ପରୱୀନ, ଜିନତ ୟାସମିନ, ନନ୍ନି ପରୱୀନ, ପୁଜାଞ୍ଜଳି ସ୍ୱାଇଁ, ସିମା କାଦରୀ, ଫୟାଜ ଖାଁ, ହାଫିଜ ଖାଁ, ଓ ମିନହାଜ ଖାଁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଅଜଣା ବୃଦ୍ଧଙ୍କ ରଶି ଲଗାଇ ଆତ୍ମହତ୍ୟା

ବସ୍ତା, ୧୭/୦୫ (ନି.ପ୍ର): ବସ୍ତା ଥାନା ଯୁଣବଳଦା ଠାରେ ଅଜଣା ବୃଦ୍ଧ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ପ୍ରତିଦିନ ଭଳି ଏହି ଗ୍ରାମର ଜଗନ୍ନାଥ ଦେ ନିଜ ଚାଷଜମିରେ ଥିବା ସେଲୁ ବାଡ଼ିରେ କାମସାରି ସନ୍ଧ୍ୟାରେ ଘରକୁ ଫେରିଥିଲେ। ମାତ୍ର ଆଜି ସକାଳେ ଶ୍ରୀ ଦେ ଙ୍କ ସେଲ ମୂଳର ଥିବା ଏକ ଗଛରେ ଜଣେ ବୃଦ୍ଧ ନିଜବେକରେ ରଶି ଲଗାଇଥିବା ଦେଖିବାକୁ ପାଇ ଗ୍ରାମର ଲୋକ ଶ୍ରୀ ଦେ ଙ୍କୁ ଖବର ଦେଇଥିଲେ। ପରେ ଶ୍ରୀ ଦେ ଘଟଣାସ୍ଥଳ ରେ ପହଞ୍ଚି ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଦେଖିଥିବା ବେଳେ ତାଙ୍କର ପରିଚୟ ଜାଣି ନପାରି ପୁଲିସ କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ କୁ ନେଇଥିଲା। ତେବେ ଉକ୍ତ ବୃଦ୍ଧ ଜଣକ ବୟସ ଆନୁମାନିକ ସାଠିଏ ରୁ ପଞ୍ଚଷଠି ହେବ ବୋଲି ଅନୁମାନ କରାଯାଉଛି। ଯଦି କୌଣସି ବ୍ୟକ୍ତି ବୃଦ୍ଧ ଙ୍କ ପରିଚୟ ପାଆନ୍ତି ତେବେ ବସ୍ତା ଥାନା ରେ ଜଣେଇବାକୁ ଥାନାଧିକାରୀ ପ୍ରକାଶ କରିଛନ୍ତି। ଏନେଇ ବସ୍ତା ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ବାଲେଶ୍ୱର, ବୁଧବାର, ୧୮ ମଇ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ଦାବିରେ ବିକ୍ଷୋଭ

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ପ୍ରଦାନ ପାଇଁ ପୂର୍ବରୁ ରାଜ୍ୟ ସରକାରଙ୍କୁ ବାରମ୍ବାର ଜଣାଇଛୁ। ଏପରିକି ଭୋକେଶନାଲ ସଚିବ, ନିର୍ଦ୍ଦେଶକ, ଉପନିର୍ଦ୍ଦେଶକଙ୍କ ସହିତ ଆମର ସମସ୍ୟା ବିଷୟରେ ବାରମ୍ବାର ଆଲୋଚନା କରିଛୁ। ହେଲେ କିଛି ସୁଫଳ ନ ମିଳିବାରୁ ଆଜି ରାଜରାସ୍ତାକୁ ଆସି ବିକ୍ଷୋଭ କରୁଛୁ ବୋଲି ଓଡ଼ିଶା ଭୋକେଶନାଲ ଟ୍ରେନର୍ସ ଆସୋସିଏସନର ରାଜ୍ୟ ସଭାପତି ସୁନିଲ ଦେବତା ଖୋଭର ସହ ପ୍ରକାଶ କରିଛନ୍ତି। ଓଡ଼ିଶାର ସବୁ ଜିଲ୍ଲାରୁ ଭୋକେଶନାଲ ଟ୍ରେନର୍ସମାନେ ସଚିବାଳୟ ପଛପାଖରେ ଥିବା ଶିକ୍ଷାସୌଧ ଅଫିସ୍ ସମ୍ମୁଖରେ ନିଜର ଦାବି ପାଇଁ ଏକାଠି ହୋଇ ବିକ୍ଷାଭ କରିଥିଲେ। ସୋମନଙ୍କ କହିବା କଥା ହେଲା, ଆମ୍ଭେମାନେ ସମସ୍ତେ ପୋଷ୍ଟ ଗ୍ରାଜୁଏଟ। ଏପରିକି ଆମ ଭିତରେ ବହୁ ଟ୍ରେନର୍ସ ଓ୍ୟୁଏଟିରୁ ବିଏସିଏଜି ପାସ୍ କରି ବିଭିନ୍ନ ଜିଲ୍ଲାରେ ବିଭିନ୍ନ କମ୍ପାନୀ ଅଧିନରେ କାର୍ଯ୍ୟରତ ଅଛୁ। ହେଲେ କମ୍ପାନୀମାନେ ଆମକୁ ମନଇଚ୍ଛା ଦରମା ଦେଉଛନ୍ତି। ଆମେ ନିୟମିତ ଦରମା ପ୍ରଦାନ କରିବାକୁ କହିବା ପରେ, ସେମାନେ ଆମକୁ ଛଟେଇର ଧମକ ଦେଉଛନ୍ତି ଏବଂ କିଛି ପିଲାଙ୍କୁ ମଧ୍ୟ ଛଟେଇ କରିଛନ୍ତି। ଏପରିକି ପ୍ରତିମାସରେ ଦରମା ନଦେଇ ମାନସିକ ନିର୍ଯ୍ୟାତନା ଦେଉଥିବାରୁ ଆମେ କିପରି ପରିବାର ପ୍ରତିପୋଷଣ କରିବୁ ବୋଲି ଭୋକେଶନାଲ ଟ୍ରେନର୍ସ ସଂଘର କର୍ମକର୍ତାମାନେ ପ୍ରଶ୍ନ କରିଛନ୍ତି। ଅଧିକାଂଶ କମ୍ପାନୀ ଆମ୍ଭମାନଙ୍କୁ ଚାରିବର୍ଷ ଖଟେଇବା ପରେ ଛଟେଇ କରିଦେଉଛନ୍ତି ଏବଂ ନୂଆ କମ୍ପାନୀରେ ନିଯୁକ୍ତି ପାଇଁ ଆବେଦନ କରିବାରୁ, ସେମାନେ ଆମକୁ ଅଯୋଗ୍ୟ ବିବେଚିତ କରି ନିଯୁକ୍ତି ଦେଉନାହାଁନ୍ତି। ତେଣୁ ଆମେ ସରକାରଙ୍କୁ ପୁନଃ ନିବେଦନ କରୁଛୁ ଯେ ଆମକୁ ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ଦେବାର ବ୍ୟବସ୍ଥା କରିବା ସହିତ ଛଟେଇ ହୋଇଥିବା ଟ୍ରେନର୍ସମାନଙ୍କୁ ପୁନଃ ନିଯୁକ୍ତିର ବ୍ୟବସ୍ଥା କରନ୍ତୁ। ଯଦି ସରକାର ଆମର ଦାବି ପ୍ରତି କର୍ଣ୍ଣପାତ ନକରନ୍ତି, ତେବେ ଆମେ ବିକ୍ଷୋଭକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରଖିବୁ ଏବଂ ଆଗାମୀ ଦିନରେ ମାଟ୍ରିକ ପରୀକ୍ଷାରେ କୌଣସି ସହଯୋଗ କରିବୁ ନାହିଁ ସ୍କୁଲ୍ ଯିବନାହିଁ କିମ୍ବା ପରୀକ୍ଷା ଖାତା ମୂଲ୍ୟାୟନରେ ସହଯୋଗ କରିବାକୁ ନାହିଁ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି।

## ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ୱେବିନାର

ସମ୍ବଲପୁର, ୧୭/୦୫(ନି.ପ୍ର): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ପକ୍ଷରୁ 'ବୃତ୍ତିଗତ ଅର୍ଥନୀତିରେଆକାଉଣ୍ଟିଂ ବୃତ୍ତି-ସମସ୍ୟା ଓ ଆହ୍ୱାନ' ଶୀର୍ଷକ ଉପରେ ୱେବିନାର ଅନୁଷ୍ଠିତ ହୋଇଯାଇଛିକ୍ଷ ଏଥିରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡକ୍ଟର) ଅର୍କ କୁମାର ଦାସ ମହାପାତ୍ର ଯୋଗ ଦେଇ ତାଙ୍କ ଅଭିଭାଷଣରେ ବୃତ୍ତିଗତ ଅର୍ଥନୀତିରେ ଆକାଉଣ୍ଟିଂ ବୃତ୍ତି-ସମସ୍ୟା ଓ ଆହ୍ୱାନ ଉପରେ ବିଶଦ ଆଲୋଚନା କରିଛନ୍ତିକ୍ଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଚାଟେଟ ଆକାଉଟେଣ୍ଟ ଡକ୍ଟର ବିଜୟା ଉଚ୍ଚ ଯୋଗ ଦେଇ ବୃତ୍ତିଗତ ଅର୍ଥନୀତିରେ ଆକାଉଣ୍ଟିଂ ବୃତ୍ତି ଉପରେ ସୁଦୀର୍ଘ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆ.ସି.ଏସ୍.ଆଇ ଭୁବନେଶ୍ୱରର ଅଧ୍ୟକ୍ଷ ଶ୍ରୀଯୁକ୍ତ ଜ୍ୟୋତିମୟୀ ମିଶ୍ର ୱେବିନାରର ଉଦ୍ଦେଶ୍ୟ ସମ୍ପର୍କରେ ଗଭୀର ଆଲୋକପାତ କଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର (ଡକ୍ଟର) ମାନସ ରଞ୍ଜନ ପୂଜାରୀଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମେନେଜମେଣ୍ଟ ବିଭାଗର ଶୈକ୍ଷିକ ପରାମର୍ଶଦାତା ରୀତା ସିଂହ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ ।

## ଜିଲ୍ଲା ଉପଭୋକ୍ତା ଆୟୋଗରେ ଲୋକ ଅଦାଲତ ଅନୁଷ୍ଠିତ

ବାଲେଶ୍ୱର,୧୭/୦୫ (ନି.ପ୍ର): ବାଲେଶ୍ୱର ଜିଲା ଉପଭୋକ୍ତା ଆୟୋଗରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଉପଭୋକ୍ତା ଆୟୋଗର ସଭାପତି ନୀଳକଣ୍ଠ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଲୋକ ଅଦାଲତରେ ୪ ଗୋଟି ମାମଲା ଫଇସଲା ସହ ଉପଭୋକ୍ତାଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ଉପଭୋକ୍ତା ଆୟୋଗ ସଦସ୍ୟା ସୁରଭି ସୂରଙ୍କ ସମେତ କର୍ମଚାରୀ ଭବାନୀ ପ୍ରସାଦ ଘଡ଼େଇ, ସୋମନାଥ ମଲିକ, ମନୋରଞ୍ଜନ ଆଚାର୍ଯ୍ୟ, ଜୟନାରାୟଣ ବେହେରା, ପ୍ରଫୁଲ ମହାନ୍ତି, ଲକ୍ଷ୍ମୀକାନ୍ତ ପଣ୍ଡା ପ୍ରମୁଖ ଏହି ଲୋକ ଅଦାଲତ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ସରକାରୀ ଛୁଟି ସତ୍ତ୍ୱେ କଲେଜ ଖୋଲାକୁ ନେଇ ପ୍ରତିବାଦ



ବାରିପଦା, ୧୭/୦୫ (ନି.ପ୍ର): ସାନ୍ତାଳୀ ଭାଷା ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀରେ ଓଡିଶା ସରକାର ସମ୍ପୂର୍ଣ୍ଣ ଛୁଟି ଘୋଷଣା କରିଥିବା ବେଳେ ଓଡ଼ିଶାର ଉଚ୍ଚ ଶିକ୍ଷା ବିଭାଗ ଏହି ନିୟମକୁ ଉଲଙ୍ଘନ କରିଛନ୍ତି । ସରକାରୀ ନିୟମକୁ ଉଲଙ୍ଘନ କରି ଶିକ୍ଷା ବିଭାଗର କିଛି କଲେଜ ଖୋଲା ଯାଇଥିଲା ଯାହାକି ଆଦିବାସୀ ମହାପୁରୁଷ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ସିଧା ସଳଖ ଅସମ୍ମାନ କରଯାଇଛି । ଜିଲ୍ଲାର ମହାରାଜା ପୂର୍ଣ୍ଣ ଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖୋଲା ଥିବା ବେଳେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ କଲେଜକୁ ବନ୍ଦ କରିବା ପାଇଁ କଲେଜର ପ୍ରିନ୍ସିପାଲ ମୁକ୍ତିକାନ୍ତ ପଣ୍ଡା କୁ ଏକ ଦାବି ପତ୍ର ଦେବା ସହିତ ବିକ୍ଷୋବ ପ୍ରଦର୍ଶନ କରାଯାଇ ଥିଲା । କଲେଜ ପ୍ରଶାସନ ମଧ୍ୟ ଉଚ୍ଚ ଶିକ୍ଷା ବିଭାଗ କୁ ସଂଗେସଂଗେ ଚିଠି ଲେଖିଥିଲା କିନ୍ତୁ ଉଚ୍ଚ ଶିକ୍ଷା ବିଭାଗ କୌଣସି ଉତର ନ ଦେବାରୁ କଲେଜ ବନ୍ଦ କରିବାକୁ ପ୍ରିନ୍ସିପାଲ ମନା କରିଥିଲେ । ଯାହାକି ଆଦିବାସୀ ଭାବନାକୁ ସିଧା ସଳଖ କଠୋରଘାତ କରାଯାଇଛି ବୋଲି ଅଭିଯୋଗ କରାଯାଇଛି । ସରକାରୀ ଛୁଟି ଥାଇ ମଧ୍ୟ କଲେଜ ଖୋଲିବାକୁ ନିର୍ଦେଶ ଦେଇଥିବା ଅଧିକାରୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆ ଯାଉ ବୋଲି ମାସା ଆର୍ମୀ ପକ୍ଷରୁ ଦୃଢ ଦାବି କରାଯାଇଛି । ଏହା ପରେ ଯଦି ଏହି ନିୟମର ବ୍ୟତିକ୍ରମ କରାଯାଏ ତାହେଲେ ମାସା ଆର୍ମୀ ପକ୍ଷରୁ ରାଜ୍ୟ ବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ମାସା ଆର୍ମୀ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ନାରୀମାନଙ୍କ ସଶକ୍ତିକରଣ ପାଇଁ ଆହ୍ୱାନ




ଭୁବନେଶ୍ୱର, ୧୭/୦୫ (ନି.ପ୍ର): ମହିଳାମାନଙ୍କର ବୌଦ୍ଧିକ, ମାନସିକ, ପାରିବାରିକ, ଆର୍ଥିକ, ସାମାଜିକ, ରାଜନୈତିକ, ତଥା ଆଧାତ୍ମିକ ସଶକ୍ତିକରଣ କରିବା ପାଇଁ ଭାରତୀୟ ସ୍ତ୍ରୀ ଶକ୍ତି ସଂଗଠନର ସ୍ଥାପନା ଦିବସରେ ବକ୍ତବ୍ୟ ଦେଇ ନାରୀ ନେତ୍ରୀମାନେ ଆହ୍ୱାନ ଦେଇଛନ୍ତି । ଭାରତୀୟ ସ୍ତ୍ରୀ ଶକ୍ତି ସଂଗଠନର ୩୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟର ସ୍ୱେଚ୍ଛାସେବୀ ସଂଗଠନ ସ୍ୱର ପକ୍ଷରୁ ଜୁପିଟର +୨ ମହିଳା ମହାବିଦ୍ୟାଳୟଠାରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ ମହିଳା କୁଳପତି ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀ ଓ ଅଧ୍ୟାପିକାମାନଙ୍କୁ ନିଜର ସାମର୍ଥ୍ୟକୁ ଠିକ୍ ରୂପେ ପରଖିବା ଜରୁରୀ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ଯୋଗଦେଇ ମହିଳା ସଂଗଠନ ମାଧ୍ୟମର ସଭାନେତ୍ରୀ ନମ୍ରତା ଚଢା ମହିଳାମାନେ ନିଜ ସାଂସ୍କୃତିକ ପୃଷ୍ଠଭୂମିରୁ ପ୍ରେରଣା ସଂଗ୍ରହ କରିବା ଆବଶ୍ୟକ ବୋଲି କହିଥିଲେ । ଆଭାସୀ ବ୍ୟବସ୍ଥାରେ ମୁମ୍ବାଇରୁ ଭାରତୀୟ ସ୍ତ୍ରୀ ଶକ୍ତିର ସଭାନେତ୍ରୀ ଶୈଳଜା ଅନ୍ଧାରେ ମୁଖ୍ୟବକ୍ତା ବକ୍ତବ୍ୟ ପ୍ରଦାନ କରି କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଶୋଷଣ ବନ୍ଦ କରାଯିବା ଲାଗି ଆଭ୍ୟନ୍ତରୀଣ ଅଭିଯୋଗ ବ୍ୟବସ୍ଥା ରହିବା ଦରକାର ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସ୍ୱର ସଭାନେତ୍ରୀ ମନ୍ଦିରା ଦାସ ସଂଗଠନର ବିଚର ଓ କାର୍ଯ୍ୟପ୍ରସାର ସଂପର୍କରେ ଆଲୋକପାତ କରିଥିଲେ । ସଂଗଠନର ଉପସଭାନେତ୍ରୀ ସବିତା ରାୟ,କାର୍ଯ୍ୟାଳୟ ସଂପାଦିକା ସ୍ନେହା ଅଗ୍ରୱାଲ, କୃଷ୍ଣା ଅଗ୍ରୱାଲ ପ୍ରମୁଖ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଶେଷରେ ଭାରତୀୟ ସ୍ତ୍ରୀ ଶକ୍ତିର ରାଷ୍ଟ୍ରୀୟ ସଂପାଦିକା ଚନ୍ଦନା ଦାସ ଉପସ୍ଥିତ ସମସ୍ତ ଛାତ୍ରୀ ଓ ଅଧ୍ୟାପିକାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଭାରତୀୟ ସ୍ତ୍ରୀ ଶକ୍ତି ପକ୍ଷରୁ ପ୍ରକାଶିତ "ରାଷ୍ଟ୍ର ଚିନ୍ତନ ମେଁ ସ୍ତ୍ରୀ ଶକ୍ତି" ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

## ଚୋରି ଓ ଡକାୟତି ମାମଲାର ଅଭିଯୁକ୍ତ ଗିରଫ

ଜୟପୁର, ୧୭/୦୫ (ନି.ପ୍ର): ଜୟପୁର ସଦର ପୋଲିସ ଚୋରି ଓ ଡକାୟତି ମାମଲାରେ ଫେରାର ଅଭିଯୁକ୍ତ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଏକମ୍ବା ଗ୍ରାମର ସମିର ସାମନ୍ତରା । ପୋଲିସ ସୁଚନା ଅନୁଯାଇ ସଦର ଥାନା ଅନ୍ତର୍ଗତ ଏକମ୍ବା ଗ୍ରାମର ସମିର ସାମନ୍ତରା ନାମରେ ଚୋରି ଓ ଡକାୟତି କରିଥିବା ନେଇ ଅଭିଯୋଗ ହୋଇଥିଲା । ଗତ ୨୦୧୭ ମସିହାରେ ଅଭିଯୋଗ ହୋଇଥିଲା । ସେହି ଦିନ ଠାରୁ ସମିର ଫେରାର ଥିବା ବେଳେ ଆଜି ଏକମ୍ବାରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ପୋଲିସ ସୁତ୍ରରୁ ସୁଚନା ଦିଆଯାଇଛି ।

## ଘର ଭିତରୁ ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତଦେହ ଉଦ୍ଧାର



ବାରିପଦା, ୧୭/୦୫ (ନି.ପ୍ର): ଘର ଭିତରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଛି ପୋଲିସ । ଏହିପରି ଘଟଣା ଘଟିଛି ବାରିପଦା ଟାଉନ ଥାନା ଅନ୍ତର୍ଗତ ୱାର୍ଡ ନମ୍ବର ୧୭ ବିଜୟରାମଚନ୍ଦ୍ରପୁର ଅଞ୍ଚଳରେ । ମୃତକ ଜଣଙ୍କ ହେଲେ ସ୍ଥାନୀୟ ଅଞ୍ଚଳର ପ୍ରହ୍ଲାଦ ନାୟକଙ୍କ ଝିଅ କରିନା ନାୟକ(୨୧) । ସେ ଯୁକ୍ତ ତିନିର ଛାତ୍ରୀ ଅଟନ୍ତି । ସୂଚନା ଅନୁଯାୟୀ, ଘରେ କୌଣସି କାରଣ ବଶତଃ ସୋମବାର ଅପରାହ୍ନ ସମୟରେ ଘରେ ଥିବା ସିଲିଂ ଫ୍ୟାନରେ ଶାଢ଼ୀ ସାହାଯ୍ୟରେ ବେକରେ ଫାସ ପକାଇ ଆତ୍ମହତ୍ୟା କରିଛନ୍ତି । ତେବେ ତାଙ୍କର ଝୁଲନ୍ତା ଶବ ପରିବାର ଲୋକେ ଦେଖି ବାରିପଦା ଟାଉନ ଥାନା ପୁଲିସକୁ ଖବର ଦେବା ପରେ ପୋଲିସ ପହଂଚି ଶବକୁ ଉଦ୍ଧାର କରିବା ସହ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ତେବେ କେଉଁ କାରଣରୁ ଯୁବତୀ ଜଣକ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ଗ୍ରହଣ କଲେ ତାହାର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସର ପ୍ରାଥମିକ ତଦନ୍ତରୁ ବିଭିନ୍ନ କ୍ଷେତ୍ରକୁ ନେଇ ସନ୍ଦେହ କରାଯାଉଛି । ଉକ୍ତ ଘଟଣାକୁ ନେଇ ବାରିପଦା ଟାଉନ ଥାନାରେ ୬୩/୨୨ରେ ଏକ ଅପମୃତ୍ୟ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଚଳାଇଛନ୍ତି ବୋଲି ଟାଉନ ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି କହିଛନ୍ତି ।

## ଜୟପୁରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଂଚ

ଜୟପୁର, ୧୭/୦୫ (ନି.ପ୍ର): ନୁଆଦିଲ୍ଲିରେ ଅଗ୍ନିକାଣ୍ଡ ଘଟଣା ପରେ ରାଜ୍ୟ ସରକାରଙ୍କ ଆଦେଶ କ୍ରମେ ଅଗ୍ନିସେବା ବିଭାଗ ତରଫରୁ ଚାଲିଛି ସୁରକ୍ଷା ବ୍ୟବସ୍ଥା ଯାଂଚ । ଦମକଳ ବିଭାଗ କର୍ମଚାରି ମାନେ ସରକାରୀ ଓ କର୍ମସିଆଲ କୋଠା ବାଡିର ସୁରକ୍ଷା, ଅଗ୍ନି ନିରାପତା ବ୍ୟବସ୍ଥା ଉପରେ ଯାଂଚ ଆରମ୍ଭ ହୋଇଛି । ସହକାରି ଅଗ୍ନିସମୟ ଅଧିକାରି କୁନୁ ନାୟକଙ୍କ ନେତୃତ୍ୱରେ ଜୟପୁର ସହରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ, ଜିଲ କୋର୍ଟ, ନେକ୍ସା ସୋରୁମ, ହୋଟେଲ ହାଲୋ ଜୟପୁର, ଟାଟା ସୋରୁମ ଆଦି ଯାଂଚ କରାଯାଇଛି । ସୋରୁମ, ହୋଟେଲ, ମଲ ସରକାରି ଓ ବେସରକାରି ଶିକ୍ଷାନୁଷ୍ଠାନ ଆଦି ଯାଂଚ ହେବ ।

## 'ଏଚପିସିଏଲ' ପକ୍ଷରୁ ମୁଖ୍ୟ ଚିକିତ୍ସାଳୟକୁ 'ସିଏଲଆଇଏ' ଓ ଏ-ସ୍କାନ ମେସିନ ପ୍ରଦାନ




ବାଲେଶ୍ୱର,୧୭/୦୫ (ନି.ପ୍ର): ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚପିସିଏଲ) ପକ୍ଷରୁ ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲକୁ ରକ୍ତ ପରୀକ୍ଷା ପାଇଁ ଏକ କ୍ୟାମିଲୁମାଇସେନ୍ସ ଇମ୍ୟୁନୋଏସେ ସିଷ୍ଟମ ମେସିନ (ସିଏଲଆଇଏ) ଓ ଚକ୍ଷୁ ପରୀକ୍ଷା ପାଇଁ ଏ-ସ୍କାନ ମେସିନ ମଙ୍ଗଳବାର ପ୍ରଦାନ କରାଯାଇଛି । ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦେବ, ମେଡିକାଲ କଲେଜ ଅଧୀକ୍ଷକ ଡାକ୍ତର ସୁଜାତା ମିଶ୍ର, ଏଚପିସିଏଲ ଡିଜିଏମ ପ୍ରବୀର କୁମାର ରାୟ, ବାଲେଶ୍ୱର ମୁଖ୍ୟ ଡିପୋ ମ୍ୟାନେଜର ଗୁରୁବଚନ ସିଂହ, ଏଚପିସିଏଲ ବାଲେଶ୍ୱର ଶାଖା ମ୍ୟାନେଜର ମୁକେଶ କୁମାର ଏବଂ ୟୁକୋ ବ୍ୟାଙ୍କ କ୍ଷେତ୍ରୀୟ ମୁଖ୍ୟ ଦେବବ୍ରତ ମହାନ୍ତି, ଶ୍ରୀଜଗନ୍ନାଥ ସର୍ଭିସ ଷ୍ଟେସନର ସତ୍ତ୍ୱାଧିକାରୀ ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ସିଏଲଆଇଏ ଓ ଏ-ସ୍କାନ ମେସିନ ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ । ବାଲେଶ୍ୱର ମେଡିକାଲ କଲେଜ ହସପିଟାଲରେ ଏହି ଭଳି ମେସିନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସହଯୋଗର ହାତ ବଢାଇଥିବାରୁ ଏଚପିସିଏଲ କର୍ତ୍ତୃପକ୍ଷଙ୍କୁଜିଲ୍ଲାପାଳ ଶ୍ରୀ ଚକ୍ରମର୍ତ୍ତୀ ଓ ଅଧିକାରୀମାନେ ସାଧୁବାଦ ଜଣାଇଥିଲେ । ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ସିଏଲଆଇଏ ମେସିନ ସାହାଯ୍ୟରେ ଏକ ସଙ୍ଗେ ବିବିନ୍ନ ବର୍ଗର ରକ୍ତ ପରୀକ୍ଷା ସ୍ୱଳ୍ପ ସମୟ ମଧ୍ୟରେ କରାଯାଇପାରିବ ବୋଲି ଅଧିକ୍ଷକ ଡାକ୍ତର ମିଶ୍ର ସମସ୍ତଙ୍କୁ ସୂଚନା ଦେଇଥିଲେ। ବିଶେଷ କରି ରୋଗର ନିଦାନ ପାଇଁ ସ୍ୱଳ୍ପ ସମୟ ମଧ୍ୟରେ ଟେଷ୍ଟ ରେଜଲ୍ଟ, ସଠିକ ନିରୂପଣ, ଘଣ୍ଟା ପ୍ରତି ୧୮୦ଟି ସ୍ୟାମ୍ପଲ ଟେଷ୍ଟ ପ୍ରଭୃତି ବୈଶିଷ୍ଟତା କାରଣରୁ ସିଏଲଆଇଏ ମେସିନ ବ୍ୟସ୍ତ ବହୁଳ ବାଲେଶ୍ୱର ମେଡିକାଲ କଲେଜ ହସପିଟାଲ ପାଇଁ ଏକାନ୍ତ ଆବଶ୍ୟକ ଥିଲା ବୋଲି ଡାକ୍ତର ମିଶ୍ର କହିଥିଲେ। ସେହିପରି ଚକ୍ଷୁ ପରୀକ୍ଷାର ସଠିକ ନିଦାନ ପାଇଁ ଅଲଟ୍ରାସାଉଣ୍ଡ ଯୁକ୍ତ ଏ-ସ୍କାନ ମେସିନ ମଧ୍ୟ ବେଶ ଉପାଦେୟ ସାବ୍ୟସ୍ତ ହେବ ବୋଲି ସେ କହିଥିଲେ। ଏହି ଅବସରରେ ଏଚପିସିଏଲ କର୍ତ୍ତୃପକ୍ଷ ମେସିନ ଦୁଇଟିକୁ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ହସ୍ତାନ୍ତର କରିଥିଲେ।

## ଅଘୋଷିତ ବିଦ୍ୟୁତ କାଟକୁ ନେଇ ଅସନ୍ତୋଷ

ବାଲେଶ୍ୱର,୧୭/୦୫ (ନି.ପ୍ର): ପ୍ରବଳ ଗ୍ରୀଷ୍ମ ପ୍ରବାହ ବେଳେ ବାଲେଶ୍ୱରରେ ବଢ଼ି ଚାଲିଥିବା ଅଘୋଷିତ ବିଦ୍ୟୁତ କାଟକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦିନ ଓ ରାତିରେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁଁ ଲୋକେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ସ୍କୁଲ୍ କଲେଜ୍‌ରେ ପିଲାଙ୍କ ପାଠପଢ଼ା ସହ ଅଫିସ୍ ଦପ୍ତରରେ କର୍ମଚାରୀମାନେ କାମ କରିବାରେ ବାଧା ସୃଷ୍ଟି ହେଉଛି। ହସପିଟାଲମାନଙ୍କରେ ରୋଗୀ, ପରିବାରରେ ବୟସ୍କ ବ୍ୟକ୍ତି ଏବଂ ଶିଶୁମାନେ ଭୀଷଣ କଷ୍ଟ ପାଉଛନ୍ତି। ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିବା ଟାଟା ପାୱାର ସଂସ୍ଥା ଅବିରତ ବିଦ୍ୟୁତ୍‌ସେବା ପ୍ରଦାନ କରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲ୍‌ଗୁଡ଼ିକ ସଂଶୋଧନ ପରେ କିସ୍ତି ଆକାରରେ ଗ୍ରାହକମାନେ କମ୍ପାନୀକୁ ପଇଠ କରିବେ ବୋଲି ସରକାରଙ୍କ ସହ ରାଜିନାମା ହୋଇଥିବା ବେଳେ ସମ୍ପ୍ରତି ବକେୟା ଆଦାୟ ପାଇଁ କମ୍ପାନୀ ଜୁଲମ୍ କରୁଥିବା ଅଭିଯୋଗ ଉଠିଛି। ବିଦ୍ୟୁତ୍ ବିତରଣ କମ୍ପାନୀ ଗ୍ରାହକମାନଙ୍କୁ ଅବିରତ ବିଦ୍ୟୁତ୍ ସେବା ଯୋଗାଇବାରେ ବିଫଳତାକୁ ବାଲେଶ୍ୱରବାସୀ ଆଉ ଅଧିକ ଦିନ ବରଦାସ୍ତ କରିବେ ନାହିଁ ବୋଲି ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ସର୍ବଶ୍ରୀ ଅନ୍ତର୍ଯ୍ୟାମୀ ପ୍ରଧାନ, ଲକ୍ଷ୍ମୀଧର ବେହେରା ପ୍ରମୁଖ ଏକ ପ୍ରେସ୍ ବିବୃତ୍ତିରେ ଚେତାବନୀ ଦେଇଛନ୍ତି।

## ଆମ ଆଦମୀ ପାର୍ଟିର ବିଦ୍ୟୁତ ଆନ୍ଦୋଳନ ପାଇଁ ସମୀକ୍ଷା ବୈଠକ



ଭଦ୍ରକ, ୧୭/୦୫ (ନି.ପ୍ର): ଭଦ୍ରକରେ ଆମ ଆଦମୀ ପାର୍ଟିର ବିଦ୍ୟୁତ ଆନ୍ଦୋଳନ ପାଇଁ ସମୀକ୍ଷା ବୈଠକ ସ୍ଥାନୀୟ ସୀତାରାମ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକରେ ବିଦ୍ୟୁତ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ଏହି ସମୀକ୍ଷା ବୈଠକରେ ମୁଖ୍ୟ ଅତିଥି ରୂପେ ଆମ ଆଦମୀ ପାର୍ଟିର ରାଜ୍ୟ ପ୍ରଭାରୀ ବିରେନ୍ଦ୍ର ସିଂ କାଡିଆନ, ସମ୍ମାନିତ ଅତିଥି ଭାବରେ ଆଦମୀ ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ ଆଗାମୀ ଜୁନ ୧୬ ବିଜୁଳି ଆନ୍ଦୋଳନକୁ ବୃହତ କରିବା ପାଇଁ ପ୍ରତ୍ୟେକ ବ୍ଲକରେ ଦସ୍ତଖତ ଅଭିଯାନ ସହ ଅଧିକ ସଂଖ୍ୟକ ଲୋକ ଯୋଗ ଦେବା ପାଇଁ ଅଣ୍ଟା ଭିଡିବାକୁ ଆହ୍ୱାନ କରିଥିଲେ। ଓଡିଶାରେ ପ୍ରଚୁର ବିଦ୍ୟୁତ ଉତ୍ପାଦନ ହେଉଥିବା ବେଳେ ଓଡ଼ିଶାର ପ୍ରତ୍ୟେକ ହିତାଧିକାରୀଙ୍କୁ ୨୦୦ ୟୁନିଟ ଛାଡ କରିବାକୁ ଏହି ବୈଠକରେ ଉପସ୍ଥିତ ଅତିଥି ମାନେ ନିଜ ବିବୃତ୍ତିରେ ଦାବି କରିଥିଲେ ।

## ଜଉ କଣ୍ଢେଇ ବାହାଘର ପାଇଁ ଲଗ୍ନଧରା ଶେଷ : ଶୁଭବିବାହ ୨୬ରେ



ବାଲେଶ୍ୱର,୧୭/୦୫ (ନି.ପ୍ର): ବାଲେଶ୍ୱର ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ପକ୍ଷରୁ ଚଳିତ ବର୍ଷର ଜଉ କଣ୍ଢେଇ ବର ଜୟଦେବ ଓ କନ୍ୟା ପଦ୍ମାବତୀଙ୍କ ବାହାଘର ପାଇଁ ଲଗ୍ନଧରା ଶେଷ ହୋଇଛି। ବୁଦ୍ଧପୂର୍ଣ୍ଣିମା ଅବସରରେ ପାରମ୍ପାରିକ ରୀତି ନୀତିରେ ଏହି ଲଗ୍ନଧରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆସନ୍ତା ୨୬ ତାରିଖରେ ବିବାହ ସମ୍ପନ୍ନ ପାଇଁ ଲଗ୍ନ ଧରାଯାଇଛି। ଚଳିତବର୍ଷ କନ୍ୟାପକ୍ଷ ଭାବେ ଦାୟିତ୍ୱ ନେଇଥିବା ବାଲେଶ୍ୱର ମାରୱାଡି ମହିଳା ସମିତି ପକ୍ଷରୁ ମୋତିଗଞ୍ଜ ରାଧାକୃଷ୍ଣ ମନ୍ଦିରରେ ଲଗ୍ନ ସ୍ଥିର ଉତ୍ସବ ଆୟୋଜନ କରାଯାଇଥିଲା। ବରକର୍ତ୍ତା ଭାବେ କୃଷିବିଭାଗର ପୂର୍ବତନ ଜିଲା କୃଷି ଉପ-ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପରିଡ଼ା ଓ ତାଙ୍କ ପତ୍ନୀ ସୁପ୍ରିୟା ପରିଡ଼ାଙ୍କ ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର କର୍ମକର୍ତ୍ତାଙ୍କ ସହ ସଂଧ୍ୟାରେ ରାଧାକୃଷ୍ଣ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ କନ୍ୟାକର୍ତ୍ତା ଭାବେ ମଦନ ସରାଓ୍ୱଗି ଓ ପତ୍ନୀ ଅଞ୍ଜୁ ସରାଓ୍ୱଗିଙ୍କ ସମେତ ମାରଓ୍ୱାଡି ମହିଳା ସମତିର କର୍ମକର୍ତ୍ତା ଏବଂ ମାରଓ୍ୱାଡ଼ି ସମାଜର ବହୁ ବିଶିଷ୍ଟ ବ୍ୟକ୍ତି ବରପକ୍ଷଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବରଘର ତରଫରୁ ବାଲେଶ୍ୱରର ପାରମ୍ପରିକ ମିଠା ଗଜାଲଡ୍ଡୁ ଭାର କନ୍ୟାପକ୍ଷଙ୍କୁ ପ୍ରଦାନ କରାଯାଇଥିଲା । ପରେ ମାରଓ୍ୱାଡି ମହିଳାମାନେ ପାରମ୍ପରିକ ରୀତିନୀତି ଅନୁସାରେ କନ୍ୟା ପଦ୍ମାବତୀଙ୍କୁ ସଜବାଜ କରିଥିଲେ। କନ୍ୟା ପକ୍ଷରୁ ମହିଳାମାନଙ୍କ ପାରମ୍ପରିକ ସଙ୍ଗୀତ ଉପସ୍ଥିତ ଅତିଥିଙ୍କୁ ବେଶ ଆମୋଦିତ କରିଥିଲା। ପୁରୋହିତ ବିମଳ ପଣ୍ଡା ଓ ଯୁଗଳ କିଶୋର ଶର୍ମାଙ୍କ ଉପସ୍ଥିତିରେ ଯଥା ବିଧି କର୍ମକାଣ୍ଡ ସହିତ ଆସନ୍ତା ୨୬ତାରିଖରେ ଜୟଦେବ ଓ ପଦ୍ମାବତୀଙ୍କ ଶୁଭବିବାହ ପାଇଁ ଲଗ୍ନ ସ୍ଥିର କରାଯାଇଥିଲା । ଏହି ଅବସରରେ କନ୍ୟାଘର ପକ୍ଷରୁ ଚଳିତବର୍ଷ ୧୦୧ଜଣଙ୍କ ନେତ୍ରଦାନ ପାଇଁ ଦାବି ରଖାଯାଇଥିବା ବେଳେ ବରପକ୍ଷ ମେଗା ରକ୍ତଦାନ ଶିବିର ଓ ଆର୍ଥିକ ଅନଗ୍ରସର ପରିବାରର ୨ଟି କନ୍ୟାଙ୍କୁ ବିବାହ କରାଇବା ପାଇଁ ଦାବି ରଖିଥିଲେ। ବରଘର ପକ୍ଷରୁ ଉତ୍ସବ କମିଟି ସଭାନେତ୍ରୀ ସୁବାସିନୀ ଜେନା, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ପାତ୍ର, ସଂପାଦକ ଡ଼ାକ୍ତର କୁମାର ଗୋପାଲ, ସହ-ସମ୍ପାଦକ ରାଜେଶ ଗିରି ଓ ରଘୁନାଥ ଲେଙ୍କା ସମେତ ଶିକ୍ଷୀ କେଶୁ ଦାସ, ହୃଷିକେଶ ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ବ୍ୟୋମନାଥ ରଥ, ସୁଶାନ୍ତ କୁମାର ବେରା, କଟିଆ ସାହୁ, ମନସ୍ୱିନୀ ଦେବୀ, ପ୍ରତିମା ପଣ୍ଡା, ସଂଯୁକ୍ତା ଦାସ, ଡ. ପ୍ରଦୀପ ଭୌମିକ, ଡ. ଅରବିନ୍ଦ ଗିରି, ଶିକ୍ଷାବିତ କାଳୀକିଙ୍କର ଦାସ, କନକଲତା ଦାସ, କାଂଚନବାଳା ପାତ୍ର, ଆଲୋକ ସାହୁ, ପରେଶ ଦାଶ, ସନ୍ତୋଷ ବିଶ୍ୱାଳ,ଅଜସ୍ୱିନୀ ମିଶ୍ର ଏବଂ କନ୍ୟାପକ୍ଷରୁ ବାଲେଶ୍ୱର ମାରଓ୍ୱାଡି ମହିଳା ସମିତିର ସଭାନେତ୍ରୀ ପ୍ରିୟା ଅଗ୍ରଓ୍ୱାଲ, ସମ୍ପାଦିକା ସୋନାଲ ମୋଦି, ଗୀତା ସୋମାନୀ, ଶିବୁ ପୋଦାର, ମନୀଷା ମୋଦି, ଗୋପାଲ ଅଗ୍ରଓ୍ୱାଲ, ସୁଧା ଅଗ୍ରଓ୍ୱାଲଙ୍କ ସମେତ ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇଥିଲେ ।

## ବାଲେଶ୍ୱରରେ ନାରଦ ଜୟନ୍ତୀ ପାଳିତ

ବାଲେଶ୍ୱର,୧୭/୦୫ (ନି.ପ୍ର): ବ୍ରହ୍ମାଣ୍ଡର ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ବାଲେଶ୍ୱରରେ ପାଳିତ ହୋଇଯାଇଛି। ନାରଦ ଜୟନ୍ତୀ ସମାରୋହ ସମିତି ପକ୍ଷରୁ ସ୍ଥାନୀୟ ଆତିଥ୍ୟ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଚାନ୍ଦିପୁର ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ର ପୂର୍ବତନ ବୈଜ୍ଞାନିକ ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ବାଦିକତାରେ ନାରଦଙ୍କ ଅବଦାନ ଓ ସାମ୍ପ୍ରତିକ ସମାଜରେ ସାମ୍ବାଦିକତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ରବିନାରାୟଣ ପଣ୍ଡା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରଦ ଜୟନ୍ତୀ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେବର୍ଷି ନାରଦଙ୍କ ସାମ୍ବାଦିକତା ଓ ବର୍ତ୍ତମାନର ସାମ୍ବାଦିକତା କ୍ଷେତ୍ରରେ ଥିବା ପାର୍ଥକ୍ୟକୁ ନେଇ ତୁଳନାତ୍ମକ ଭାବେ ସମୀକ୍ଷା କରିଥିଲେ। ବିଶେଷ କରି ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନରେ ବର୍ତ୍ତମାନର ସାମ୍ବାଦିକ ଓ ମିଡିଆ ହାଉସର କାର୍ଯ୍ୟଧାରା ସମ୍ପର୍କରେ ଶ୍ରୀ ବାଗ ଆଲୋଚନା କରିଥିଲେ। ନାରଦ ଜୟନ୍ତୀ ସମାରୋହ ସମିତି ଆବାହକ ସାମ୍ବାଦିକ ମନୋଜ କୁମାର ରାଉଳ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ସଂଯୋଜକ ମନୀନ୍ଦ୍ର ସୁନ୍ଦର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟଧାରା ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo